R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୬୬
ତିଥି : ତୃତୀୟା
୨୨ ମାର୍ଚ୍ଚ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 166
22 March 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## କଟକରେ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତି ଅନାବରଣ

# କଟକର ଦ୍ୱିତୀୟ ବାଇମୁଣ୍ଡି ଥିଲେ ବସନ୍ତ ବିଶ୍ୱାଳ

କଟକ, ୨୧ ।୩ (ସବ୍ୟୁ) : ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳ ଥିଲେ ଜଣେ କର୍ମତତ୍ପର ମଣିଷ। ଯାହା ଉଚିତ ମନେ କରୁଥିଲେ ତାକୁ ରକେଟ ବେଗରେ କାର୍ଯ୍ୟକାରୀ କରୁଥିଲେ। ଅସମ୍ଭବ କାର୍ଯ୍ୟକୁ ତତ୍‌କ୍ଷଣାତ୍ ସମ୍ଭବ କରୁଥିଲେ। ଜନ୍ମ ତିର୍ତ୍ତୋଲରେ ହୋଇଥିଲେ ବି ତାଙ୍କ କର୍ମ ଭୂମି ଥିଲା କଟକ । କଟକର ବହୁବିଧ ବିକାଶ ପାଇଁ ସେ ସର୍ବଦା ସମର୍ପିତ ଥିଲେ। ତାଙ୍କ ଉଦ୍ୟମରେ

### ବିକାଶ କହିଲେ ବସନ୍ତ ବିଶ୍ୱାଳଙ୍କୁ ବୁଝାଏ

ମହାନଦୀ କାଠଯୋଡ଼ି ଟିଂ ବନ୍ଧ ସମେତ ଫ୍ଲାଏଓଭର, ହାଇମାଷ୍ଟ ଲାଇଟ୍, ଇନ୍‌ଡୋର ଷ୍ଟାଡିୟମ୍, ଶାରଳାଭବନ, ସିଡିଏ ଆଦି ପ୍ରତିଷ୍ଠା ହୋଇଥିଲା। କଟକ ପାଇଁ ସେ ବାସ୍ତବରେ ଥିଲେ ଦ୍ୱିତୀୟ ବାଇମୁଣ୍ଡି ବୋଲି ଆଜି ତାଙ୍କର ପୂର୍ଣ୍ଣାବୟୋବ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଛନ୍ତି। ବସନ୍ତ ବାବୁଙ୍କୁ ଉଚିତ୍ ସମ୍ମାନ ମିଳିଲା ବୋଲି ବକ୍ତାମାନେ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଛନ୍ତି। (୯ ପୃଷ୍ଠାରେ)



## ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବକାଳୀନ ହ୍ରାସ

ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି) : ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଯୋଗୁଁ ଭାରତୀୟ ଟଙ୍କା ଆମେରିକା ଡଲାର ତୁଳନାରେ ସର୍ବକାଳୀନ ନିମ୍ନସ୍ତରକୁ ଖସିଛି। ମୁଦ୍ରା ବିନିମୟ ବଜାର ଖୋଲିବାର କିଛି ସମୟ ପରେ ଡଲାରର ମୂଲ୍ୟ ୯୩ ଟଙ୍କାରୁ ଅଧିକ ହୋଇଥିଲା। କାରବାର ଶେଷ ବେଳକୁ ଏହା ୯୩ ଟଙ୍କା ୭୧ ପଇସାରେ ପହଞ୍ଚିଥିଲା। ଇରାନ ସହ ଇସ୍ରାଏଲ ଓ ଆମେରିକାର ଯୁଦ୍ଧ ଯୋଗୁଁ ସମୁଦ୍ର ପଥରେ ତୈଳ ଗ୍ୟାସ ପରିବହନ ପ୍ରଭାବିତ ହେଉଛି। ତୈଳ ପରିବହନ ବିଶ୍ୱର ଏକ ପ୍ରମୁଖ ଅର୍ଥନୀତି ଭାବେ ବିବେଚିତ ହୋଇଥାଏ।

ଇରାନ ସହ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଡଲାର ତୁଳନାରେ ଟଙ୍କା ୨ ପ୍ରତିଶତରୁ ଅଧିକ ଦୁର୍ବଳ ହୋଇଛି। ଯୁଦ୍ଧ ଅଧିକ ଦିନ ଲାଗି ରହିଲେ ଅଶୋଧିତ ତୈଳଦର ଓ ମୁଦ୍ରାସ୍ଫିତି ବଢ଼ିବା ସହ ଦେଶର ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇବା ଆଶଙ୍କା ସୃଷ୍ଟି ହୋଇଛି। ତୈଳଦର ବଢୁଥିବାରୁ ବିଦେଶୀ ନିବେଶକମାନେ ଭାରତୀୟ ଇକ୍ୱି ବଜାରରୁ ୮୦୦ କୋଟି ଡଲାର ପ୍ରତ୍ୟାହାର କରିଥାନ୍ତି। ଯୁଦ୍ଧ ଲାଗି ରୁହେ ଡଲାର ତୁଳାନରେ ଟଙ୍କାର ମୂଲ୍ୟ ୯୫ ଟଙ୍କା ଅତିକ୍ରମ କରିବାର ଆଶଙ୍କା କରାଯାଉଛି। ଅଶୋଧିକ ତୈଳର ମୂଲ୍ୟ ଆସି ୧୦୦ ଡଲାରକୁ (୯ ପୃଷ୍ଠାରେ)

## ହରମୁଜ୍ ଅତିକ୍ରମ କଲା ଦୁଇ ଏଲ୍‌ପିଜି ଜାହାଜ

### ଇରାନ ରାଷ୍ଟ୍ରପତିଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି) : ଏଲ୍‌ପିଜି ବୋଝେଇ ଥିବା ଭାରତର ଦୁଇ ତୈଳ ଜାହାଜ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଛନ୍ତି। ଭାରତରେ ଥିବା ଇରାନର ରାଷ୍ଟ୍ରଦୂତ ଏସମ୍ପର୍କରେ ସୂଚନା ଦେଇଛନ୍ତି। ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନା କହିଛନ୍ତି ଯେ, ଭାରତର ଦୁଇ ଜାହାଜ ଆଜି ସକାଳୁ ହର୍ମୁଜ ପ୍ରଣାଳୀଙ୍କୁ ଅତିକ୍ରମ କରିଛନ୍ତି। ତେହେରାନ ପକ୍ଷରୁ ଏହାର ପ୍ରମୁଖ ସାମୁଦ୍ରିକ ରାସ୍ତାରେ ତୈଳବାହୀ ଜାହାଜ ଗୁଡିକୁ ଛଡା ଯାଇନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ଦେଶର ଜାହାଜ ସେଠାରେ ଅଟକି ରହିଛି।

ତୈଳ ଓ ଗ୍ୟାସ ଆସୁନଥିବାରୁ ଭାରତରେ ରନ୍ଧନ ଗ୍ୟାସର ସମସ୍ୟା ସୃଷ୍ଟି ହୋଇଛି। ଇରାନର ରାଷ୍ଟ୍ରଦୂତ ମହମ୍ମଦ ଫତେଆଲ୍ଲୀ କହିଛନ୍ତି ଯେ ଭାରତୀୟ ଜାହାଜ ଗୁଡିକୁ ହର୍ମୁଜ ପ୍ରଣାଳୀ ଦେଇ ଅତିକ୍ରମ କରିବାକୁ ଇରାନ ଅନୁମତି ଦେଇଛି। ଏହି ପ୍ରଣାଳୀ ବନ୍ଦ ଥିବାରୁ ସମଗ୍ର ବିଶ୍ୱରେ ଶକ୍ତି ସଂକଟ ଦେଖାଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଇରାନ (୯ ପୃଷ୍ଠାରେ)

## ଇରାନରୁ ତେଲ କିଣିବ ଭାରତୀୟ ବିଶୋଧନାଗାର

ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି) : ଭାରତର ତୈଳ ବିଶଧନାଗାର ଗୁଡିକ ଇରାନରୁ ତେଲ କିଣିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆମେରିକା ପକ୍ଷରୁ ଅସ୍ଥାୟୀ ଭାବେ କଟକଣା ଉଠିଲା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଆମେରିକା-ଇସ୍ରାଏଲ ଏବେ ଇରାନ ଉପରେ ଆକ୍ରମଣ କରୁଛନ୍ତି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଲାଗି ରହିଥିବା ବେଳେ ଏହି ନିଷ୍ପତ୍ତି ନିଆଯାଇଛି। ଇରାନର ଅଶୋଧିତ ତୈଳ ନକିଣିବା ପାଇଁ ଦ.କୋରିଆ, ଜାପାନ, ଇଟାଲୀ, ଗ୍ରୀସ, ତାଇୱାନ ଓ ତୁର୍କୀ ଉପରେ କଟକଣା ଲଗାଯାଇଥିଲା। ଏବେ ଏହି କଟକଣାକୁ ଆମେରିକା ପ୍ରତ୍ୟାହାର କରାଯାଇଛି।

ଭାରତୀୟ ୩ ବିଶୋଧନାଗାର ଏବେ ଇରାନରୁ ଅଶୋଧିତ ତୈଳ କିଣିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେମାନେ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି। ଆମେରିକା ପକ୍ଷରୁ ଅର୍ଥ କିଭଳି ପ୍ରଦାନ କରାଯିବ ସେ ନେଇ ସ୍ୱଷ୍ଟତା ଆସିଲା ପରେ ଏହି ପଦକ୍ଷେପ ନିଆଯିବ। ଭାରତର ତୈଳ ବିଶଧନାଗାର ଗୁଡିକ ଏବଂ ଏସିଆର ବୃହତ ତୈଳ ଆମଦାନକାରୀ ସଂସ୍ଥା ଏବେ ରୁଷରୁ ତେଲ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଆମେରିକା ପକ୍ଷରୁ ଏବେ କଟକଣାକୁ ଉଠାଇ ନିଆଯାଇଛି। ଟ୍ରମ୍ପ ପ୍ରଶାସନ ଶୁକ୍ରବାର ୩୦ ଦିନ ଲାଗି କଟକଣାକୁ କୋହଳ କରିଛନ୍ତି। ଏହି କଟକଣା ପ୍ରତ୍ୟାହାର ତେଲ ବୋଝେଇ ହୋଇଥିବା ଜାହାଜ ପାଇଁ ଲାଗୁ କରାଯିବ। ମାର୍ଚ୍ଚ ୨୦ ପୂର୍ବରୁ ଯେଉଁ ଜାହାଜରେ ତେଲ ଭର୍ତ୍ତି ହୋଇଥିବ ସେମାନେ ଏପ୍ରିଲ ୨୦ ସୁଦ୍ଧା ଏହାକୁ ଆମଦାନୀ କରିପାରିବେ। ଏବେ ସମୁଦ୍ରରେ ୧୭୦ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ରହିଛି। ମଧ୍ୟ ପୂର୍ବ ଗଲ୍ଫ ରାଷ୍ଟ୍ର ନିକଟରେ ଏହି ଜାହାଜ ରହିଛି। କନସଲଟାନ୍ସି ଏନର୍ଜି ଆସପେକ୍ଟ ପକ୍ଷରୁ କୁହାଯାଇଛି ଯେ, ମାର୍ଚ୍ଚ ୧୯ ସୁଦ୍ଧା ୧୩୦ ନିୟୁତରୁ ୧୪୦ ନିୟୁତ (୯ ପୃଷ୍ଠାରେ)

## ମନୁଷ୍ୟକୃତ ଜଙ୍ଗଲ ନିଆଁ ଲାଗି ହେବ କାର୍ଯ୍ୟାନୁଷ୍ଠାନ : ମୁଖ୍ୟମନ୍ତ୍ରୀ

### ରାଜ୍ୟ ସ୍ତରୀୟ ବିଶ୍ୱ ବନ ଦିବସ-୨୦୨୬

ଭୁବନେଶ୍ୱର, ୨୧ ।୩ (ସବ୍ୟୁ) : ପ୍ରକୃତିର ଅନନ୍ୟ ବରଦାନ ହେଉଛି ଆମର ସବୁଜ ବନାନୀ। ଏହା ଆମ ଜୀବନ ଓ ଜୀବିକାର ଆଧାର ଅଟେ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ବନ ଦିବସ-୨୦୨୬ ପାଳନ ଅବସରରେ କହିଛନ୍ତି ।

ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଏହି ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ



ଯେ, ସୁସ୍ଥ ପରିବେଶ ତଥା ମନୁଷ୍ୟ ଜୀବନରେ ବଣ ଜଙ୍ଗଲର ମହତ୍ତ୍ୱ ବିଷୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆମେ ଏହି ବିଶ୍ୱ ବନ ଦିବସ ପାଳନ କରୁଛୁ। ଜଙ୍ଗଲ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ବିସ୍ତାର କରିବା ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ।

ସେ କହିଥିଲେ (୯ ପୃଷ୍ଠାରେ)

**ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଓଡିଶା ଦେଶର ଅଗ୍ରଣୀ ରାଜ୍ୟ**

**ଗତ ଦୁଇ ବର୍ଷରେ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି**

## ଜୁନ୍ ସୁଦ୍ଧା ପୂରଣ ହେବ ୨୪ ହଜାର ପଦବୀ

ଭୁବନେଶ୍ୱର, ୨୧ ।୩ (ସବ୍ୟୁ) : ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରି ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକର ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ନିକଟରେ ବିଭିନ୍ନ ସ୍ଥାନରେ ଘଟିଥିବା ଅଗ୍ନି ଦୁର୍ଘଟଣା ପ୍ରସଙ୍ଗରେ ଆଲୋଚନା କରି ସମସ୍ତ ସରକାରୀ ବିଭାଗୀୟ କୋଠାରେ ବିଦ୍ୟୁତ୍ ୱାୟାରିଂ ତନଖି କରାଯିବା, ବୈଦ୍ୟୁତିକ ଉପକରଣ ନିୟମିତ ଯାଂଚ କରିବା, ଆବଶ୍ୟକ ଉନ୍ନତିକରଣ କାର୍ଯ୍ୟ ସହ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ ।

ବୈଠକରେ ଅର୍ଥ ବିଭାଗ



ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଅଦ୍ୟାବଧି ହୋଇଥିବା ଆର୍ଥିକ ସ୍ଥିତି ଉପସ୍ଥାପନ କରାଯାଇଥିଲା । ଏହି ଆର୍ଥିକ ବର୍ଷରେ ବଜେଟ ଅନୁମୋଦନ ଅନୁସାରେ ଅଦ୍ୟାବଧି ବିଭିନ୍ନ ବିଭାଗ ଦ୍ୱାରା ହୋଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ସଂପର୍କିତ ଆଲୋଚନା କରାଯାଇଥିଲା । କୃଷି ଓ କୃଷକ ସଶକ୍ତିକରଣ (୯ ପୃଷ୍ଠାରେ)

## ଗଛକୁ ପିଟିଲା କାର୍ : ଶଳା, ଭିଣୋଇ ମୃତ

କୋରାପୁଟ, ୨୧ ।୩ (ସବ୍ୟୁ): କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମା ଅଗ୍ନିଶମ ବାହିନୀ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଏକ କାର୍ ରାସ୍ତା ପାଶ୍ୱର୍ ଥିବା ଆମ୍ବଗଛକୁ ଧକ୍କାଦେଇ ଓଲଟି ପଡ଼ିବାରୁ ୨ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକମାନେ ହେଲେ ଗୋଲୁର ପଞ୍ଚାୟତ ବାଇଲଗୁଡ଼ା ଗ୍ରାମର ଲବ ଖରା(୩୮) ଓ ତାଙ୍କ ଶାଳକ କୁଡୁବ ଗ୍ରାମର ଅନନ୍ତ ପାଙ୍ଗୀ(୩୦)। ଉଭୟ ସମ୍ପର୍କରେ ଶଳାଭିଣୋଇ ବୋଲି କୁହାଯାଇଛି । ଲବ ଓ ଅନନ୍ତ କାର୍ (ଓଆର୍୧୮-ଏ-୬୩୩୬) ଯୋଗେ ପିକଅପ ଗାଡ଼ି କିଣିବାକୁ ଜଗଦଲପୁର ଯାଇଥିଲେ । ସେଠାରେ ଗାଡ଼ି ବାବଦକୁ କିଛି ଆଡଭାନ୍ସ ଦେଇ ଫେରୁଥିବା ବେଳେ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ (୯ ପୃଷ୍ଠାରେ)

## କ୍ରସ୍ ଭୋଟିଂ ବିବାଦ : ୬ ବିଧାୟକ ବିଜେଡିରୁ ନିଲମ୍ବିତ

### ନିଲମ୍ବିତ ହେଲେ ଚକ୍ରମଣି, ନବକିଶୋର, ସୌଭିକ୍, ସୁବାସିନୀ, ରମାକାନ୍ତ, ଦେବୀରଞ୍ଜନ

ଭୁବନେଶ୍ୱର, ୨୧।୩ (ସବ୍ୟୁ) : ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ବିବାଦ ଏବେ ଦିନକୁ ଦିନ ଉଗ୍ରରୂପ ଧାରଣ କରିବାରେ ଲାଗିଛି। ଆଜି ବିଜେଡି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ କ୍ରସ ଭୋଟିଂ କରିଥିବା ୬ ବିଧାୟକଙ୍କୁ ନିଲମ୍ବିତ କରିଛି। ତେବେ କ୍ରସ ଭୋଟିଂ କରିଥିବା ବିଧାୟକମାନେ ସେମାନଙ୍କ ଭୋଟଦାନ ଯଥାର୍ଥ ବୋଲି କହିବାରେ ଲାଗିଛନ୍ତି।

ବିଜୁ ଜନତା ଦଳର ରାଜନୈତିକ ବ୍ୟାପାର କମିଟି (ପିଏସି)ର ବୈଠକ



ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ କ୍ରସ ଭୋଟିଂ କରିଥିବା ୬ ବିଧାୟକ ଯଥା ବାଲିଗୁଡାର

### ପିଏସି ବୈଠକରେ ନିଆଗଲା ନିଷ୍ପତ୍ତି

### ବିଜେଡି ବିଧାୟକଙ୍କ ସଂଖ୍ୟା ୪୨କୁ ଖସିଲା

ଚକ୍ରମଣି କହଁର, ଜୟଦେବର ନବକିଶୋର ମଲ୍ଲିକ, ଚୌଦ୍ୱାର-କଟକର ସୌଭିକ୍ ବିଶ୍ୱାଳ, ବସ୍ତାର ଶୁଭାସିନୀ ଜେନା, ତିର୍ତ୍ତୋଲର ରମାକାନ୍ତ ଭୋଇ ଓ ବାଙ୍କୀର (୯ ପୃଷ୍ଠାରେ)

## ବେଆଇନ୍ ଗ୍ୟାସ ଡିପୋରେ ଭୟଙ୍କର ବିସ୍ଫୋରଣ

ଭୁବନେଶ୍ୱର, ୨୧ ।୩ (ସବ୍ୟୁ) : ବେଆଇନ୍ ଗ୍ୟାସ ଡିପୋରେ ବିସ୍ଫୋରଣ ଘଟି ଜଣେ ଯୁବକ ଗୁରୁତର ହୋଇଥିବା ବେଳେ ଘର ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଛାରଖାର ହୋଇଯାଇଛି । ଗୁରୁତର ଆହତ ଯୁବକ ଏମସ୍ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ବିସ୍ଫୋରଣର ଶବ୍ଦ ଏଭଳି ଥିଲା ଯେ, ସ୍ଥାନୀୟ ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ଚାଲିଆସିଥିଲେ ।

ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର ଟାଟା ଆରିୟମ ପାଖରେ ଥିବା ଏକ ଘରେ ଆହତ ଯୁବକ ବିପୁଳ ପରିମାଣର ଗ୍ୟାସ ଟାଙ୍କି ଗଚ୍ଛିତ ରଖି ଚୋରାରେ କାରବାର କରୁଥିଲା । ବାସ୍ତବରେ ଆହତ ଯୁବକ ଗ୍ୟାସ ଟାଙ୍କି ଗଚ୍ଛିତ ରଖିଥିଲେ ନା ସେ ଗଚ୍ଛିତ ରଖିଥିବା ଚୋରା ବ୍ୟବସାୟୀଙ୍କ ପାଖରେ କର୍ମଚାରୀ ଥିଲେ ତାହା ସ୍ୱଷ୍ଟ ହୋଇନାହିଁ । ଶନିବାର ଦିନ ବଡ ଗ୍ୟାସ ଟାଙ୍କିରୁ ଛୋଟ ଗ୍ୟାସ ଟାଙ୍କିକୁ ଅନଲୋଡ କରୁଥିବା ବିସ୍ଫୋରଣ ହୋଇଥିଲା । ବେଆଇନ ଡିପୋରୁ ବ୍ୟବସାୟୀମାନେ ଗ୍ୟାସ ନେବା ସହ ଜରୁରୀ ଆବଶ୍ୟକ ଥିବା ଲୋକମାନେ ଗ୍ୟାସ ନିଅନ୍ତି । ଛୋଟ ଟାଙ୍କିରୁ ଖୁଚୁରା ବ୍ୟବସାୟୀମାନେ ମଧ୍ୟ ଗ୍ୟାସ ନେଇଥାନ୍ତି ।

ସେ ଘରେ ଏତେ ପରିମାଣର ଗ୍ୟାସ ଗଚ୍ଛିତ ରଖାଯାଇଥିଲା ଯେ, ଗୋଟିଏ ପରେ ଗୋଟିଏ ଗ୍ୟାସ ଟାଙ୍କି ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣରେ ଘର ସମ୍ପୂର୍ଣ୍ଣ ଭାଙ୍ଗି ଖଣ୍ଡଖଣ୍ଡ ହୋଇଯାଇଛି । କେବଳ ଘର ଭାଙ୍ଗିଗଲା ତାହା ନୁହେଁ ନିଆଁ ମଧ୍ୟ ହୁ ହୁ ହୋଇ ଜଳୁଥିଲା । ୧୬ ଟି ଟାଙ୍କି ବିସ୍ଫୋରଣ ହେବା ଦ୍ୱାରା ଘର କାନ୍ଥର ଇଟା ଓ ଛାତ ପ୍ରଭୃତି ଛିଟିକି ବହୁ ଦୂରରେ ପଡିଥିଲା । ଘଟଣା ସ୍ଥଳରେ ୧୬ ଟି ବଡ ଟାଙ୍କି ଦେଖିବାକୁ ମିଳିଥିବା ବେଳେ ଆଉ କେତେକ ଛୋଟ ଟାଙ୍କି ମଧ ପଡିଥିଲା । ଖବର ପାଇଁ ଅଗ୍ନିଶମ ବାହିନୀ ଓ ପୋଲିସ ସେଠାରେ ପହଞ୍ଚିଥିଲେ । ଗୁରୁତର ଆହତ ଜଣେ ଯୁବକଙ୍କୁ ପ୍ରଥମେ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା । ଅବସ୍ଥା ଉଦବେଗଜନକ ଥିବାରୁ ତାଙ୍କୁ ଏମସ୍ ସ୍ଥାନାନ୍ତର କରାଯାଇଛି ।

ଯୁଦ୍ଧ ଯୋଗୁଁ ଗ୍ୟାସ ସମସ୍ୟା ଦେଖାଦେଇଥିବା ବେଳେ ଚୋରାରେ ଗ୍ୟାସ ଗଚ୍ଛିତ ରଖି କାରବାର କରିବା ଘଟଣାକୁ ନିନ୍ଦା (୯ ପୃଷ୍ଠାରେ)

ପୃଥିବୀର ପ୍ରତ୍ୟେକ ଜୀବନ୍ତ ସତ୍ତା ପାଇଁ ଜଳ ଏକ ଅପରିହାର୍ଯ୍ୟ ଉପାଦାନ । ହେଲେ ବର୍ତ୍ତମାନର ବଢୁଥିବା ଜନସଂଖ୍ୟା ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଶ୍ୱରେ ଜଳ ସଙ୍କଟ ଏକ ଭୟଙ୍କର ରୂପ ଧାରଣ କରିଛି । ଏହି ଗୁରୁତର ସମସ୍ୟା ପ୍ରତି ଜନସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୨ ତାରିଖକୁ 'ବିଶ୍ୱ ଜଳ ଦିବସ' ଭାବେ ପାଳନ କରାଯାଉଛି। ୧୯୯୨ ମସିହାରେ ବ୍ରାଜିଲର ରିଓ-ଡି-ଜେନେରିଓଠାରେ ଅନୁଷ୍ଠିତ ମିଳିତ ଜାତିସଂଘ ପରିବେଶ ଓ ବିକାଶ ସମ୍ମିଳନୀରେ ପ୍ରଥମ କରି ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ଆସିଥିଲା । ଏହାପରେ ୧୯୯୩ ମସିହା ମାର୍ଚ୍ଚ ୨୨ରୁ ଏହା ବିଧିବଦ୍ଧ ଭାବେ ସାରା ବିଶ୍ୱରେ ପାଳିତ ହୋଇଆସୁଛି। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ୱଚ୍ଛ ଜଳର ମହତ୍ତ୍ୱ ସମ୍ପର୍କରେ ଲୋକଙ୍କୁ ବୁଝାଇବା । ଏହାସହିତ ବିଶ୍ୱର ପ୍ରାୟ ୨୦୦ କୋଟିରୁ ଅଧିକ ଲୋକ ଯେଉଁମାନେ ନିରାପଦ ପାନୀୟ ଜଳରୁ ବଞ୍ଚିତ ଅଛନ୍ତି, ସେମାନଙ୍କ ପାଖରେ ସୁବିଧାରେ ଜଳ ପହଞ୍ଚାଇବା ପାଇଁ ପଦକ୍ଷେପ ଗ୍ରହଣ କରିବା। ଚଳିତ ବର୍ଷର ଥିମ ଜଳକୁ ନେଇ ସୃଷ୍ଟି ହେଉଥିବା ବିବାଦର ସମାଧାନ ଏବଂ ଶାନ୍ତି ପ୍ରତିଷ୍ଠା ଉପରେ ଆଧାରିତ। ଏହି ଅବସରରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଜଳ ଦିବସ ସମ୍ପର୍କରେ ଲୋକଙ୍କୁ ସଚେତନତା କରାଯାଇଥାଏ ।



## ବିଶ୍ୱ ଜଳ ଦିବସ




## ଅଣଦେଖା କରନ୍ତୁନି ଲକ୍ଷଣ

ଭାରତରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଏନିମିଆ ବା ରକ୍ତହୀନତା ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି, ତେଣୁ ଏହାର ଲକ୍ଷଣକୁ କେବେହେଲେ ଅଣଦେଖା କରନ୍ତୁ ନାହିଁ । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁଯାୟୀ, ଦେଶର ପ୍ରାୟ ୫୭-୫୯% ମହିଳା ଏହି ସମସ୍ୟାରେ ପୀଡ଼ିତ । ଏହାର ମୁଖ୍ୟ କାରଣ ହେଉଛି ଶରୀରରେ ଆଇରନ୍ ବା ଲୌହସାରର ଅଭାବ । ଲୌହସାର ଶରୀରରେ ହିମୋଗ୍ଲୋବିନ ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଏ, ଯାହା ଫୁସଫୁସରୁ ଅମ୍ଳଜାନ ନେଇ ସମଗ୍ର ଶରୀରକୁ ପହଞ୍ଚାଏ । ଏହାର ଅଭାବ ହେଲେ ଶରୀରରେ ଅମ୍ଳଜାନସ୍ତର ହ୍ରାସ ପାଏ, ଯାହାଦ୍ୱାରା ଅତ୍ୟଧିକ ଥକ୍କାପଣ, ଦୁର୍ବଳତା, ମୁଣ୍ଡ ବୁଲାଇବା ଏବଂ ନଖ ଫାଟିବା ଭଳି ଲକ୍ଷଣ ଦେଖାଦିଏ । ବିଶେଷଜ୍ଞଙ୍କ ଅନୁଯାୟୀ, ମହିଳାମାନଙ୍କ କ୍ଷେତ୍ରରେ ମାସିକ ଧର୍ମ, ଗର୍ଭାବସ୍ଥା ଏବଂ ସ୍ତନ୍ୟପାନ କରାଇବା ସମୟରେ ଆଇରନର ଆବଶ୍ୟକତା ଅଧିକ ରହିଥାଏ । ଏହି ଅଭାବକୁ ଦୂର କରିବା ପାଇଁ 'ଲାଲ ଶାଗ' ଏକ ଉତ୍କୃଷ୍ଟ ମାଧ୍ୟମ। ଲାଲ ପାଳଙ୍ଗ, କୋଶଳା ଶାଗ ବା ଲେଉଟିଆ ଶାଗରେ ଭରପୂର ମାତ୍ରାରେ ଆଇରନ୍, ଭିଟାମିନ୍ ସି, ଫୋଲେଟ୍ ଏବଂ ଫାଇବର ଥାଏ । ଏଥିରେ ଥିବା ଆଇରନ୍ ହେଉଛି 'ନନ୍-ହିମ୍ ଆଇରନ୍', ଯାହାକୁ ଶରୀରରେ ଭଲଭାବେ ଅବଶୋଷଣ କରିବା ପାଇଁ ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଖାଇବା ଜରୁରୀ । ଜଣେ ବୟସ୍କା ମହିଳାଙ୍କୁ ଦୈନିକ ୧୫-୧୮ ମିଲିଗ୍ରାମ ଆଇରନ୍ ଆବଶ୍ୟକ ହୋଇଥାଏ, ଯାହା ଲାଲ ଶାଗରୁ ପୂରଣ ହୋଇପାରିବ। ତେଣୁ ରକ୍ତହୀନତାକୁ ଦୂର କରିବା ପାଇଁ ନିଜ ଦୈନିକ ଖାଦ୍ୟ ତାଲିକାରେ ଏହି ରଙ୍ଗୀନ ଶାଗକୁ ସାମିଲ କରିବା ଏକ ସୁସ୍ଥ ପଦକ୍ଷେପ ହୋଇପାରିବ ।





### ହାଃହାଃ

ପଣ୍ଡିତ: ଆରେ ବାବୁ, ଜୀବନରେ ସବୁବେଳେ ହସଖୁସିରେ ରହିବା ସିଖ।

ଚେଲା: ଆଜ୍ଞା, ମୁଁ ତ ଚେଷ୍ଟା କରୁଛି କିନ୍ତୁ ଯେତେବେଳେ ବି ମୁଁ ହସେ, ଲୋକମାନେ କୁହନ୍ତି - "କାହିଁକି ବାୟାଙ୍କ ପରି ଦାନ୍ତ ଦେଖଉଛୁ ?"



## ୨୮ ଲକ୍ଷର ସାଇକେଲ

ବିଶ୍ୱର ପ୍ରସିଦ୍ଧ ବିଳାସପୂର୍ଣ୍ଣ କାର୍ ନିର୍ମାତା କମ୍ପାନୀ 'ବୁଗାଟି' ବଜାରକୁ ଏକ ସ୍ୱତନ୍ତ୍ର ସାଇକେଲ ଆଣି ସମସ୍ତଙ୍କୁ ଚକିତ କରିଦେଇଛି, ଯାହାର ମୂଲ୍ୟ ପ୍ରାୟ ୨୮ ଲକ୍ଷ ଟଙ୍କା ରଖାଯାଇଛି । 'ବୁଗାଟି ଫ୍ୟାକ୍ଟର ଓ୍ୱାନ୍' ନାମକ ଏହି ସାଇକେଲଟି ଏକ ଲିମିଟେଡ୍ ଏଡିସନ ଅଟେ, ଯାହାର ମାତ୍ର ୨୫୦ଟି ୟୁନିଟ୍ ବିକ୍ରି କରାଯିବ। ଏହି ସାଇକେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ନିର୍ମାଣ ଶୈଳୀ, ଏହାକୁ ସୁପରକାର୍ ଭଳି ଉଚ୍ଚକୋଟୀର ଇଞ୍ଜିନିୟରିଂ କୌଶଳରେ ତିଆରି କରାଯାଇଛି । ସାଇକେଲଟିକୁ ଅତ୍ୟନ୍ତ ହାଲୁକା ରଖିବା ପାଇଁ ଏଥିରେ 'କାର୍ବନ ଫାଇବର ବଡ଼ି' ବ୍ୟବହାର କରାଯାଇଥିବା ବେଳେ ବାୟୁର ପ୍ରଭାବ ବା ଏୟାର୍ ରେଜିଷ୍ଟାନ୍ସ କମ୍ କରିବା ପାଇଁ ଏହାର ଡିଜାଇନ୍ 'ଏୟାରୋଡାଇନାମିକ' ରଖାଯାଇଛି । ମୁଖ୍ୟତଃ ବିଳାସପୂର୍ଣ୍ଣ ଜୀବନଶୈଳୀ ଅତିବାହିତ କରୁଥିବା ବ୍ୟକ୍ତି ଏବଂ ସୁପରକାର୍ ମାଲିକମାନଙ୍କୁ ଦୃଷ୍ଟିରେ ରଖି ଏହି କଲେକ୍ସନ ଆଇଟମଟି ପ୍ରସ୍ତୁତ କରାଯାଇଛି, ଯାହା ସାଇକେଲ ଚାଳନାକୁ ଏକ ନୂଆ ପରିଚୟ ଦେବ ବୋଲି ଆଶା କରାଯାଉଛି । ସୋସିଆଲ ମିଡିଆରେ ମଧ୍ୟ ଏହି ସାଇକେଲଟି ଖୁବ ଭାଇରାଲ ହେବାରେ ଲାଗିଛି ।

## ସୋସିଆଲ କୋଟ୍ସ



ସୋସିଆଲ ମିଡିଆକୁ କିଭଳି ବ୍ୟବହାର କରିବ ତାହା ଏକ ସମ୍ବେଦନଶୀଳ କଥା । ମୋର ଆକାଉଣ୍ଟ ଅଛି ହେଲେ ମୁଁ ମୋର ସମସ୍ତ ବ୍ୟକ୍ତିଗତ କଥାକୁ ଲୋକଲୋଚନକୁ ଆଣିବାକୁ ଇଚ୍ଛା କରେ ନାହିଁ ।

ୟାମୀ ଗୌତମ, ଅଭିନେତ୍ରୀ



ଧୁରନ୍ଧର ୨ର ରଚନା, କଳାକାର ଚୟନ, ବୈଷୟିକ ପ୍ରୟୋଗ, ସଙ୍ଗୀତ, ପରିବେଶ ସଜ୍ଜା ଏବଂ ନିର୍ଦ୍ଦେଶନା ସବୁକିଛି ନିଖୁଣ। ଏହାର ଭାବପ୍ରବଣତା ହିଁ ଏହାକୁ ବାସ୍ତବବାଦୀ କରି ଗଢ଼ିତୋଳିଛି। ଦର୍ଶକ ପସନ୍ଦ କରିବାଭଳି ଫିଲ୍ମ ।

ଏସଏସ ରାଜାମୌଲୀ , ଫିଲ୍ମ ମେକର



ମୋ ଉପରେ ବିଶ୍ୱାସ ରଖିଥିବା ସମସ୍ତ ବ୍ୟକ୍ତିବିଶେଷ, ବିଶେଷ କରି ଜ୍ୟୋତି ଦେଶପାଣ୍ଡେଙ୍କ ଠାରୁ ଆରମ୍ଭ କରି ମୋର ବିଭାଗୀୟ ମୁଖ୍ୟ , କଳାକାର ସଦସ୍ୟ, ଅଭିନେତା ଏବଂ ଧୁରନ୍ଧର ୨ ପାଇଁ ନିଜର ହୃଦୟ ଓ ଆତ୍ମା ଦେଇ କାମ କରିଥିବା ପ୍ରତ୍ୟେକ ସଦସ୍ୟଙ୍କୁ ମୁଁ ଅଶେଷ ଧନ୍ୟବାଦ ଜଣାଉଛି।

ଆଦିତ୍ୟ ଧର, ଫିଲ୍ମ ମେକର



## ଦେଖନ୍ତୁନାହିଁ ଧୁରନ୍ଧର-୨

ରଣବୀର ସିଂଙ୍କ ବହୁ ପ୍ରତିକ୍ଷିତ ଚଳଚ୍ଚିତ୍ର 'ଧୁରନ୍ଧର-୨' ବକ୍ସ ଅଫିସରେ ଭଲ କଲେକ୍ସନ କରୁଥିଲେ ମଧ୍ୟ ପୂର୍ବତନ ଲୋକସଭା ସାଂସଦ ତଥା କନ୍ନଡ ଅଭିନେତ୍ରୀ ରମ୍ୟା ଏହାର କଡ଼ା ସମାଲୋଚନା କରି ଚର୍ଚ୍ଚାକୁ ଆସିଛନ୍ତି । ଗତ ୧୯ ମାର୍ଚ୍ଚରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମକୁ ନେଇ ରମ୍ୟା ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ଦୀର୍ଘ ପୋଷ୍ଟ ସେୟାର କରିଛନ୍ତି । ଯେଉଁଥିରେ ସେ ଦର୍ଶକଙ୍କୁ ସିନେମା ହଲକୁ ଯାଇ ସମୟ ଓ ଅର୍ଥ ନଷ୍ଟ ନ କରି ଏହାର ଓଟିଟି ରିଲିଜକୁ ଅପେକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି । ସେ ଚଳଚ୍ଚିତ୍ରର ନିର୍ଦ୍ଦେଶନା, ସଂଳାପ, ଏଡିଟିଂ ଏବଂ ବ୍ୟାକଗ୍ରାଉଣ୍ଡ ସ୍କୋରକୁ ଅତ୍ୟନ୍ତ ନିମ୍ନମାନର ବୋଲି ଦର୍ଶାଇଛନ୍ତି । ଏହାସହ ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କୁ ଅନ୍ଧରାଷ୍ଟ୍ରବାଦ ଓ ପ୍ରୋପାଗାଣ୍ଡାରୁ ବାହାରିବାକୁ ପରାମର୍ଶ ଦେଇଛନ୍ତି । ବିଶେଷ କରି ରଣବୀର ସିଂଙ୍କ ଲୁକକୁ ମଧ୍ୟ ସମାଲୋଚନା କରୁଥିବା ଦେଖିବାକୁ ମିଳୁଛି । ରଣବୀରଙ୍କ କେଶକୁ ନେଇ ରାମ୍ୟା ଖୁବ ମଜାକ ଉଡାଇଛନ୍ତି । ଏହା ବ୍ୟତୀତ ଫିଲ୍ମରେ ପ୍ରଦର୍ଶିତ ଅତ୍ୟଧିକ ହିଂସା ଓ ଅଯୌକ୍ତିକ ଦୃଶ୍ୟକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ରମ୍ୟା ଏହି ଫିଲ୍ମକୁ ଏକ ବଡ଼ ଫ୍ଲପ ବୋଲି କହିବା ସହ ରଣବୀରଙ୍କ ଭଳି ଦକ୍ଷ ଅଭିନେତା ଏହାଠାରୁ ଭଲ ଚଳଚ୍ଚିତ୍ର କରିବା ପାଇଁ ଯୋଗ୍ୟ ବୋଲି ମତବ୍ୟକ୍ତ କରିଛନ୍ତି। ତେବେ ଏହାକୁ ନେଇ ମେକର୍ସଙ୍କ ପାଖରୁ କୌଣସି ଟିପ୍ପଣୀ ମିଳିନାହିଁ ।

## ଇତିହାସ

୧୮୮୨ - ଘାତକ ସଂକ୍ରାମକ ଟିବିକୁ ଚିହ୍ନଟ କରାଗଲା ।
୧୮୮୮ - ଇଂଲିଶ ଫୁଟବଲ ଲିଗ୍‌ର ସ୍ଥାପନା ।
୧୮୯୦ - ରାମଚନ୍ଦ୍ର ଚାଟାର୍ଜୀ ପ୍ରଥମ ଭାରତୀୟ ରୂପେ ପାରାଚ୍ୟୁଟ୍‌ରେ ତଳକୁ ଓହ୍ଲାଇଲେ ।
୧୯୨୩ - ରେଡିଓରେ ପ୍ରଥମ ଥର ପାଇଁ ଆଇସ୍ ହକି ମ୍ୟାଚ୍‌ର ପ୍ରସାରଣ କରାଗଲା ।
୧୯୪୨ - ସାର ଷ୍ଟାଫୋର୍ଡ କ୍ରିପ୍ସଙ୍କ ନେତୃତ୍ୱରେ କ୍ରିପ୍ସ ମିଶନ ଭାରତ ଆସିଥିଲା। ୧୯୫୬ - ଏକ ଆତଙ୍କୀ ଆଇନକୁ ବିରୋଧ କରିଥିବାରୁ ଆମେରିକାର ରଙ୍ଗଭେଦ ବିରୋଧୀ ନେତା ମାର୍ଟିନ ଲୁଥର କିଙ୍ଗକୁ ଜେଲଦଣ୍ଡ ଦିଆଗଲା ।
୧୯୭୭ - ପ୍ରଧାନମନ୍ତ୍ରୀ ପଦବୀରୁ ଇନ୍ଦିରା ଗାନ୍ଧୀ ଇସ୍ତଫା ଦେଲେ ।



**ମେଷ:** ଶତ୍ରୁରେ ବିଜୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ଦର୍ଶନ, ଶରୀର ସୁସ୍ଥ, ଶୁଭ ଖବର, ଅନୁଷ୍ଠାନେ ଲାଭ, ମାନସିକ ଖୁସି। ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୭, ଆରାଧନା- ଭଗବାନ ଶିବ।

**ବୃଷ:** ସହଯୋଗ ବୃଦ୍ଧି, ଅର୍ଥ ସମସ୍ୟା, ନୂତନ କାର୍ଯ୍ୟରେ ଲାଭ, ଶୁଭ ଖବର, ଲୋକସମ୍ପର୍କ ବୃଦ୍ଧି, ବିଦ୍ୟାରେ ସଫଳତା, ବିଦେଶ ଭ୍ରମଣ। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୫, ଆରାଧନା- ମହାଲକ୍ଷ୍ମୀ।

**ମିଥୁନ:** ଅପମାନ, ଶରୀର କଷ୍ଟ, ଦୂର ଯାତ୍ରା, ପାରିବାରିକ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ପିଲାଙ୍କ ଚିନ୍ତା, ଗାଡ଼ି ଚାଳନାରେ ସତର୍କତା, ଶତ୍ରୁ ସମସ୍ୟା, ଆଶା ବିଫଳ। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ।

**କର୍କଟ:** ଧନ ଲାଭ, ନୂତନ କାର୍ଯ୍ୟରେ ଖୁସି, ବନ୍ଧୁ ଦର୍ଶନ, ସମ୍ପତ୍ତି ବିବାଦ, ଶରୀର ସୁସ୍ଥ, ପାରିବାରିକ ସମସ୍ୟା, ଉଚ୍ଚ ଆଶା, ଶୁଭ ଖବର, ଦ୍ରବ୍ୟ ଲାଭ, ନିଯୁକ୍ତି ଲାଭ, ପିଲାଙ୍କ ଖୁସି। ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୭, ଆରାଧନା- ମା' ଦକ୍ଷିଣକାଳୀ।

**ସିଂହ:** ସମ୍ମାନିତ, ପାରିବାରିକ ଦୁଃଖ, ବନ୍ଧୁ ଦର୍ଶନ, ଅତିଥି ସତ୍କାର, ସମ୍ପତ୍ତି ଲାଭ, ନୂତନ କର୍ମ ଆରମ୍ଭ, ଶୁଭ ଖବର, ଅନୁଷ୍ଠାନେ ଲାଭ, ସ୍ୱାଦିଷ୍ଟ ଭୋଜନ, ଯାତ୍ରାରେ ସାବଧାନ। ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ପ୍ରଭୁ ରାଧାବଲ୍ଲଭ।

**କନ୍ୟା:** ବନ୍ଧୁ ଲାଭ, ଆଶା ସଫଳ, ଅନୁଷ୍ଠାନେ ଲାଭ, ଲୋକସମ୍ପର୍କରେ ଉନ୍ନତି, ଦ୍ରବ୍ୟ ଲାଭ, ବିବାଦ ସମାଧାନ, ଉତ୍ସବରେ ଆଗ୍ରହ, ମାନସିକ କଷ୍ଟ, ବ୍ୟବସାୟରେ ସ୍ୱଳ୍ପ ଲାଭ। ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୮, ଆରାଧନା- ଲକ୍ଷ୍ମୀନାରାୟଣ।

**ତୁଳା:** ମାନସିକ ଅଶାନ୍ତି, ବନ୍ଧୁ ବିଦ୍ରୋହ, ଯାତ୍ରାରେ ସତର୍କ, ଦାମ୍ପତ୍ୟ ଖୁସି, ଅର୍ଥ ଲାଭ, ଦେବକାର୍ଯ୍ୟରେ ଆଗ୍ରହ, ଗୃହେ ଶାନ୍ତି, ତୀର୍ଥାଟନ, ଭ୍ରାତୃଭଗ୍ନିଙ୍କ ସ୍ନେହ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ।

**ବିଛା:** ମାନସିକ ଶାନ୍ତି, ସ୍ତ୍ରୀ ସହଯୋଗ, ବନ୍ଧୁ ଲାଭ, ବିବାଦରୁ ମୁକ୍ତି, ଶତ୍ରୁ ସମସ୍ୟା, ଉଚ୍ଚ ଆଶାରେ ବିଳମ୍ବ, କେଚରି ମାମଲା, ଶରୀର ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ନୂତନ କାର୍ଯ୍ୟ ଆରମ୍ଭ। ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ।

**ଧନୁ:** ଶରୀର ଅସୁସ୍ଥ, ଅର୍ଥ ସମସ୍ୟା, ବ୍ୟବସାୟରେ କଷ୍ଟ, ଶତ୍ରୁ ପରାଜିତ, ଲୋକସମ୍ପର୍କ ବୃଦ୍ଧି, ଦୂର ଯାତ୍ରା, କିଛି କାର୍ଯ୍ୟରେ ବିବାଦ, ସମ୍ମାନ ଲାଭ। ପୂର୍ବାଷାଢ଼ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୫, ଆରାଧନା- ମା' ଗ୍ରାମଦେବତୀ।

**ମକର:** ଅର୍ଥ ଲାଭ, ବ୍ୟବସାୟରେ ଶତ୍ରୁତା, ଦୂର ଯାତ୍ରା, ମାମଲା ସମାଧାନ, ଯାତ୍ରାରେ ଲାଭ, ଦ୍ରବ୍ୟ ପ୍ରାପ୍ତି, ନୂତନ କାର୍ଯ୍ୟ ଆରମ୍ଭ, ଶତ୍ରୁ ସମସ୍ୟାର ସମାଧାନ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ସମ୍ମାନ ବୃଦ୍ଧି। ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୮, ଆରାଧନା- ମା' ମଙ୍ଗଳା।

**କୁମ୍ଭ:** ଅର୍ଥ ସମସ୍ୟା, ଦୂର ଯାତ୍ରା, ଦେବକାର୍ଯ୍ୟରେ ଲାଭ, ବ୍ୟକ୍ତିଙ୍କ ସହାୟତା, ଯାତ୍ରା ସମସ୍ୟା, ଦ୍ରବ୍ୟ ନଷ୍ଟ, ଭୋଜନେ ବିଳମ୍ବ, ଶତ୍ରୁ ସମସ୍ୟା, ବ୍ୟବସାୟିକ କଷ୍ଟ, ଗୃହେ ଉତ୍ସବ, ସନ୍ତାନ ଖୁସି, ବିଦ୍ୟାରେ ସଫଳ। ସତଭିସା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୬, ପ୍ରତିକାର- ଗୋମାତାଙ୍କୁ ଖାଦ୍ୟ ଦିଅନ୍ତୁ।।

**ମୀନ:** ଯାତ୍ରାରେ ଶୁଭ, ସମ୍ପତ୍ତି ବିବାଦ, ଭ୍ରାତୃ କଳହ, ଶରୀର ସୁସ୍ଥ, ଆଶାରେ ସଫଳ, ନୂତନ ବନ୍ଧୁ ଲାଭ, ଦ୍ରବ୍ୟ ଲାଭ, ଦାମ୍ପତ୍ୟ ଖୁସି, ପିଲାଙ୍କ ସମସ୍ୟା, ଅର୍ଥ ସମସ୍ୟା, ବନ୍ଧୁ ସହଯୋଗ। ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୬, ଆରାଧନା- ମା' ଭଗବତୀ।

**ଚୈତ୍ର ଶୁକ୍ଳପକ୍ଷ, ଚତୁର୍ଥୀ**
**୨୨.୩.୨୦୨୬ ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮




ବିଶ୍ୱ ବନଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବାଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ।

### ଜେନାପୁରରେ ବିବିପିଏଲ୍ କମ୍ପାନୀର ଦାଦାଗିରି

## ଷ୍ଟେସନ ନିକଟ ସଂରକ୍ଷିତ ସ୍ଥାନରୁ ଖୋଳିନେଲେ ଶହଶହ ଟ୍ରିପ ମାଟି

ଚଣ୍ଡିଖୋଲ (ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ଜେନାପୁର ମୌଜାର ରେଳ ଷ୍ଟେସନ ନିକଟସ୍ଥ ଏକ ସଂରକ୍ଷିତ ସରକାରୀ ଜମିରୁ ବିବିପିଏଲ କମ୍ପାନୀ ବଡବଡ ମେସିନ ଓ ହାଇୱା ଲଗାଇ ଖୋଳି ନେଇଛି ଶହଶହ ଟ୍ରିପ ମାଟି । ଧର୍ମଶାଳା ତହସିଲ ଅନ୍ତର୍ଗତ ଜେନାପୁର ମୌଜାର ଖାତା ନମ୍ବର ୮୫୯ ଓ ୮୬୩ ର ୧୫ଟି ପ୍ଲଟରେ ପ୍ରାୟ ୨ ଏକର ୮୫ ଡେସିମିଲ ସରକାରୀ ଅନାବାଦୀ ଜମିକୁ ଉନ୍ନୟନ ତଥା ସରକାରଙ୍କ ବିକାଶ ମୂଳକ କାର୍ଯ୍ୟ ପାଇଁ ସଂରକ୍ଷିତ ରଖାଯାଇଥିଲା । ଏହି ସ୍ଥାନକୁ ଉତ୍ତମ ସଡକ ଓ ରେଳପଥ ସଂଯୋଗ ଥିବାରୁ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟ ତଥା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସ୍ଥାପନ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଏହି ମୂଲ୍ୟବାନ ସ୍ଥାନକୁ ସଂରକ୍ଷିତ ରଖାଯାଇଥିଲା । ତେବେ କେତେକ ଲୁଟେରାଙ୍କ ସହଯୋଗରେ ଗତ ଦୁଇଦିନ ହେବ ବିଳମ୍ବିତ ରାତିରେ ଜାରକା-କବାଟବନ୍ଧ ନଦୀବନ୍ଧ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଠିକା ସଂସ୍ଥା ତାର ବଡବଡ ମେସିନ ସାହାଯ୍ୟରେ ଏହି ସ୍ଥାନରୁ ବ୍ୟାପକ ମାଟି ଖୋଳି ହାଇୱା ସାହାଯ୍ୟରେ ଲୁଟି ନେଇଥିବା ଅଭିଯୋଗ ହୋଇଛି । ଏଠାରୁ ଲୁଟ ହୋଇଥିବା ମାଟି କମ୍ପାନୀ ସିଧାସଳଖ ନିଜର ନଦୀବନ୍ଧ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିଥିବା ଲୋକେ ଅଭିଯୋଗ କରିଛନ୍ତି । ବ୍ୟାପକ ମାଟି ଖୋଳା ଯୋଗୁଁ ଉକ୍ତ ସମତଳ ମୂଲ୍ୟବାନ ସ୍ଥାନ ପୋଖରୀ ସଦୃଶ ହୋଇଯାଇଛି । ଏହି ସ୍ଥାନରୁ ଅତିକମରେ ୫ ଶହ ଟ୍ରିପରୁ ଉର୍ଦ୍ଧ୍ୱ ମାଟି ଖୋଳି ନିଆଯାଇଥିବା ଆକଳନ କରାଯାଇଛି । ଏଠାରୁ ଉକ୍ତ କମ୍ପାନୀ ବେଆଇନଭାବେ ମାଟି ଖୋଳି ନେଉଥିବା ଜାଣିବା ପରେ ସ୍ଥାନୀୟ ଲୋକେ ଏହାକୁ ତିବ୍ର ବିରୋଧ କରିଛନ୍ତି । ଲୋକେ ଘଟଣା ସ୍ଥଳକୁ ଆସି ପ୍ରତିବାଦ କରିବା ପରେ ଉକ୍ତ କମ୍ପାନୀ ନିଜ ମେସିନ ଓ ଟ୍ରକ ଗୁଡିକୁ ସେଠାରୁ ହଟାଇ ନେଇ ଉଭାନ ହୋଇଯାଇଥିବା ଦେଖାଯାଉଛି ।



ଏ ସମ୍ପର୍କରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ପଚାରିବାରୁ ସେ କହିଛନ୍ତି କି, ଜଳସେଚନ ବିଭାଗର ଅନୁରୋଧ କ୍ରମେ ଉଆଟର ସେଡ ପ୍ରୋଗ୍ରାମ ପାଇଁ ଏହି ସ୍ଥାନକୁ ସଂପୃକ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି । ତେବେ ଏହି ସ୍ଥାନରୁ ବଆଇନ ତଥା ଅନଧିକାର ଭାବେ ମାଟି ଚାଲାଣ ହେଉଥିବା ଖବର ପାଇବା ପରେ ଏ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଁ ଧର୍ମଶାଳା ତହସିଲଦାରଙ୍କୁ ଗତ ୧୯ ତାରିଖରେ ଅବଗତ କରିଥିବା କହିଛନ୍ତି । ତେବେ ଏହି ସଂରକ୍ଷିତ ମୂଲ୍ୟବାନ ସ୍ଥାନରୁ ମାଟିଚୋରି କରିଥିବା ବିବିଏଲ କମ୍ପାନୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହୋଇଛି ।

### ଜାଗୁଲେଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ

## ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଲେ ମା'

ଜଟଣୀ, (ସବ୍ୟୁ) ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମଦେବି ମା"ଜାଗୁଳାଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ତୃତୀୟ ଦିବସରେ ସାଳା ମଣ୍ଡନ ସୂର୍ଯ୍ୟ ପୂଜା ଅଗ୍ନିସ୍ଥାପନା କାରାଯାଇ ସନ୍ଧ୍ୟାରେ ମା ଙ୍କୁ ମହାସ୍ନାନ ପରେ ବେଶ କରାଯାଇଥିଲା । ମା ଦଶଭୁଜା ସମସ୍ତ ଅସ୍ତ୍ରଶସ୍ତ୍ର ପରିହିତା ମା ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଥିଲେ । ଷୋଡଶ ଉପଚାର ପୂଜା, ଶପ୍ତସତୀ ଚଣ୍ଡୀ ଆହୁତି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦିଆଯାଇଥିଲା । ଆସନ୍ତାକାଲି ଦୁଇଟି ବେଶ ମା" କୁଷ୍ମାଣ୍ଡା ଓ ସ୍କନ୍ଦମାତା ବେଶରେ ଦର୍ଶନ ଦେବେ ବୋଲି ମନ୍ଦିର ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି । ଚିତ୍ରକର ବିଜୟ କୁମାର ପଣ୍ଡା ମା ଙ୍କୁ ବେଶ କରିଥିଲେ । କାର୍ଯ୍ୟକ୍ରମକୁ ସମ୍ପାଦକ ଏଲ ଡି ମହାନ୍ତି, ସଭପତି ରାଧାମୋହନ ପଟ୍ଟନାୟକ, କୋଷାଧକ୍ଷ ଜିତେନ୍ଦ୍ର ଜେନା, ଅଶୋକ ଦାଶ , ବାଉରୀବନ୍ଧୁ ସାହାଣୀ, ପବିତ୍ରମୋହନ ରଣସିଂହ, ପୂର୍ଣ୍ଣଚନ୍ଦ୍ର ସାହାଣୀ , ନିତ୍ୟ ସେବକ ସୁଶାନ୍ତ ସାହୁ , ରାମଚନ୍ଦ୍ର ସାହୁ, ଚର୍ଚ୍ଚିଲ ଦାସ , ଗଣେଶ ସ୍ୱାଇଁ , ପାପୁନି ଦାସ, ବିଶ୍ୱରଂଜନ ବୁଢିଆ ସାହୁ , ସାଇ ସ୍ୱନ୍ଦନ ମହାନ୍ତି, ବିକାଶ ବେହେରା , ଜଗନ୍ନାଥ ବାରିକ ସମେତ ଗ୍ରାମବାସୀଙ୍କ ସହଯୋଗରେ ପରିଚାଳନା ହୋଇଥିଲା ।

## ବିଚ୍ ରାସ୍ତାରେ ନାବାଳକ ବେକରେ ମୁଁ ଚୋର ବୋଲି ପ୍ଲାକାର୍ଡ ପକାଇ, ହାତ ବାନ୍ଧି ନିର୍ଯାତନା

ପୁରୀ/ବ୍ରହ୍ମଗିରୀ : ଗତ ଶୁକ୍ରବାର ଦିନ ବ୍ରହ୍ମଗିରି ବଜାରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଜଣେ ୧୪ ବର୍ଷର ନାବାଳକକୁ ଜଣେ ବ୍ୟକ୍ତି ଚୋରି ଅଭିଯୋଗରେ ନିସ୍ତୁକ ମାଡ ମାରିବା ସହ ବେକରେ ମୁଁ ଚୋର ବୋଲି ପ୍ଲା କାର୍ଡ ପକାଇ ବିଚ୍ ରାସ୍ତାରେ ଅତି ନିର୍ଦ୍ଦୟ ଭାବେ ବୁଲାଇବା ଭଳି ଲଜ୍ଜିତ ଘଟଣା ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇ ଘୁରି ବୁଲୁଛି । ଯାହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଅପରପକ୍ଷରେ ନିର୍ଯାତନାର ଶିକାର ହୋଇ ଥିବା ନାବାଳକର ମା ଗତ ୨୧ ତାରିଖ ଦିନ ବ୍ରହ୍ମଗିରି ଥାନାରେ ଅଭିଯୁକ୍ତ ଟୁନା ତ୍ରିପାଠୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଏତଲା ଦାଏର କରି ଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚୁପ୍ ବସିଛି । ଯାହା ପୋଲିସର ସ୍ୱଚ୍ଛତା ପ୍ରତି ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ଅଭିଯୋଗ ମୁତାବକ ବ୍ରହ୍ମଗିରି ଥାନା ଅଧିନ ବେଣ୍ଟପୁର୍ ଗ୍ରାମରେ ସୁମିତ୍ରା ଜେନା ନାମ୍ନୀ ଜଣେ ମହିଳା ତାଙ୍କ ସ୍ୱାମୀ ଓ ନାବାଳକ ପୁଅ ସହିତ ପରିବାର ଧରି ଘରେ ରହୁଛନ୍ତି । ସେ ଥାନାରେ ଅଭିଯୋଗ କରିଛନ୍ତି ଯେ ଗତ କାଲି ମଧାହ୍ନ ୧ ଟା ବେଳେ ହଠାତ ଆଲାଲନାଥ ଧନ୍ଦାମୂଳକ ମହାବିଦ୍ୟାଳୟ ରୋଡ ସାହୁପଡ଼ାର ମନୋରଞ୍ଜନ ତ୍ରିପାଠୀ ଓରଫ ଟୁନା ନାମକ ଜଣେ ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ତାଙ୍କ ଘରକୁ ଆସି ନାବାଳକ ପୁଅକୁ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିବା ସହ ନିସ୍ତୁକ ମାଡ ମାରିଲା । ତାପରେ ନାବାଳକ ପୁଅକୁ ଘରୁ ଘୋଷାଡ଼ି ନେଇ ଗାଲକୁ ଚାପୁଡ଼ା, ପେଟକୁ ବିଧା ଗୋଇଠା ମାରିଲା । ତା ପରେ ନାବାଳକ ପୁଅର ହାତକୁ ପଛକୁ କରି ଦଉଡ଼ିରେ ବାନ୍ଧି ବେକରେ ମୁଁ ଚୋର, ମୁଁ ଚୋରି କରିଛି ବୋଲି ପ୍ଲା କାର୍ଡ ପକାଇ ବିଚ୍ ରାସ୍ତାରେ ଚଲାଇ ଚଲାଇ ନେଲା । ଯାହା ଫଳରେ ତାଙ୍କ ନାବାଳକ ପୁତ୍ର ଗଭୀର ଶାରୀରିକ ଓ ମାନସିକ ନିର୍ଯାତନା ପାଇଛି । ତେଣୁ ଅଭିଯୁକ୍ତ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉ । ଏ ସମ୍ପର୍କରେ ପ୍ରତିକ୍ରିୟା ଜାଣିବା ପାଇଁ ଜିଲ୍ଲା ଏସପି ପ୍ରତୀକ ସିଂ ଙ୍କ ସହିତ ଟେଲିଫୋନ ଯୋଗେ ଯୋଗାଯୋଗ କରି ଥିଲେ ମଧ ସେ କଲ ରିସିଭ୍ କରି ନ ଥିଲେ । ଟେକ୍ସଟ ମେସେଜ କରିବା ପାଇଁ ମେସେଜ ପଠାଇ ଥିଲେ । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ାଙ୍କ ସହିତ ଯୋଗାଯୋଗ କରି ବାରୁ ସେ କହି ଥିଲେ । ସେ ଏନେଇ ଅବଗତ ଅଛନ୍ତି । ଏହା ପୋଲିସ ତଦନ୍ତ ପରିସର ଭୁକ୍ତ ଅଟେ । ସେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଏସପିଙ୍କ ନିକଟକୁ ନାବାଳକ ନିର୍ଯାତନା ଭିଡିଓ ଫୁଟେଜ ପଠାଇଛନ୍ତି ।

ତେଣୁ ଆପଣ ଏସପିଙ୍କ ସହିତ ଯୋଗାଯୋଗ କରନ୍ତୁ । ତେବେ ଏସପିଙ୍କ କଲ ଏବଂ ମେସେଜ ପଠାଇବା ଥିଲେ ମଧ ସେ କୌଣସି ଉତ୍ତର ଦେଇ ନ ଥିଲେ । ଅନ୍ୟପକ୍ଷରେ ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ରଙ୍କ ପ୍ରତିକ୍ରିୟା ଲୋଡ଼ା ଯିବାରୁ ସେ କହି ଥିଲେ ପୀଡ଼ିତ ନାବାଳକ ମାଆଙ୍କ ଅଭିଯୋଗ କ୍ରମେ ଥାନାରେ ୧୩୫/୨୬ କ୍ରମେ ଏକ ମାମଲା ରୁଜୁ ହୋଇଛି । ଅପରପକ୍ଷରେ ଏ ସମ୍ପର୍କରେ ବ୍ରହ୍ମଗିରି ଥାନା ଆଇଆଇସିଙ୍କୁ ଯୋଗା ଯୋଗ କରା ଯିବାରୁ ସେ କହିଛନ୍ତି ମାମଲା ରୁଜୁ ହୋଇଛି, ପୋଲିସ ତଦନ୍ତ ଆରମ୍ଭ କରିଛି । ତଦନ୍ତ ପରେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଠାରେ ପ୍ରଶ୍ନ ଉଠୁଛି ଯେ ଜଣେ ନାବାଳକକୁ ବିଚ୍ ରାସ୍ତାରେ ଅତି ଅମାନବୀୟ ଭାବେ ହାତ ବାନ୍ଧି ଓ ବେକରେ ମୁଁ ଚୋର ବୋଲି ପ୍ଲାକ କାର୍ଡ ପକାଇ ବୁଲାଇବା ଚିତ୍ରର ସ୍ପଷ୍ଟ ପ୍ରମାଣ ଥିଲେ ମଧ ପୋଲିସ କାହିଁକି ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛଘୁଞ୍ଚା ଦେଉଛି ।

## ବ୍ରାଉନସୁଗର ଜବତ, ବେପାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଇନଫୋସିଟି ଥାନା ପୋଲିସ ବଳରାମ ରାଉତ (୨୧)ନାମକ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିବା ସହ ତା ନିକଟରୁ ୧୦ ଗ୍ରାମ ବ୍ରାଉନସୁଗାର, ୧୨,୨୦୦ ଟଙ୍କା ଓ ବାଇକ୍ ଜବତ କରିଛି । କିଟ୍ ଲ କଲେଜ୍ ଖେଳ ପଡିଆ ନିକଟରେ ଏକ ବାଇକ୍ ସହିତ ଠିଆ ହୋଇ ଗ୍ରାହକମାନଙ୍କୁ ବ୍ରାଉନସୁଗାର ବିକ୍ରି କରିବାକୁ ବଳରାମ ଅପେକ୍ଷା କରିଥିବା ପୋଲିସ ଖବର ପାଇଥିଲା । ଖବର ଅନୁଯାୟୀ ପୋଲିସ ସେଠାରେ ଚଢାଉ କରିବା ବେଳେ ସେ ଖସିଯିବାକୁ ଚେଷ୍ଟା କରିଥିଲେ ମଧ ପୋଲିସ ଟିମ୍ ବଳରାମଙ୍କୁ କାବୁ କରିବାରେ ସମର୍ଥ ହୋଇଥିଲା । ତା ନିକଟରୁ ୧୦ ଗ୍ରାମ ବ୍ରାଉନସୁଗାର, ଟଙ୍କା ଓ ବେପାରରେ ବ୍ୟବହାର କରୁଥିବା ବାଇକକୁ ପୋଲିସ ଜବତ କରିଛି । ବ୍ରାଉନସୁଗାର କାରବାର କରୁଥିବା ବଳରାମ ସ୍ୱୀକାର କରିବା ପରେ ତାକୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ୍ ନାମଞ୍ଜୁର ହୋଇଯିବାରୁ ଅଭିଯୁକ୍ତ ବେପାରୀକୁ ଜେଲ ହାଜତ ପଠାଇଦିଆଯାଇଛି ।

## ପ୍ରତାପଙ୍କ କ୍ୱାର୍ଟରରେ ହଙ୍ଗାମା, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନେତାଙ୍କ ଘର ସାମ୍ନାରେ ହଙ୍ଗାମା କରିଥିବା ଦୁଇ ନିଲମ୍ବିତ ବିଜେଡି ଛାତ୍ର ନେତାଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୋଲିସ । ଗିରଫ ଦୁଇଜଣ ହେଲେ ସିଦ୍ଧାର୍ଥ କୁମାର ସ୍ୱାଇଁ(୨୮) ଓ ଦେବୀପ୍ରସାଦ ଲେଙ୍କା (୩୪) । ଶୁକ୍ରବାର ବିଜେଡି ନେତା ପ୍ରତାପ ଜେନାଙ୍କ ଆବାସିକ କ୍ୱାର୍ଟର ପାଖରେ ୧୫/୨୦ ଜଣ ଯୁବକ ପହଞ୍ଚି ସୁରକ୍ଷାକର୍ମୀ ଭାବେ କାର୍ଯ୍ୟରତ ସୁଜିତ ମିଶ୍ର (୩୪)ଙ୍କୁ ଦୁର୍ବ୍ୟବହାର କରିଥିଲେ । ଅଭିଯୋଗକାରୀ ସୁରକ୍ଷା କର୍ମୀ ପ୍ରତିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଚାପୁଡା ଓ ଗୋଇଠା ମାରି ଆକ୍ରମଣ କରିବା ସହ ହତ୍ୟା କରିବା ପାଇଁ ତାଙ୍କ ବେକକୁ ଚାପି ଧରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି । ଏହା ଦେଖି କେୟାର ଟେକର ହସ୍ତକ୍ଷେପ କରିବା ଫଳରେ ତାଙ୍କୁ ମଧ ଆକ୍ରମଣ କରିଥିଲେ । ଏହା ସହିତ ଅଭିଯୁକ୍ତମାନେ କ୍ୱାର୍ଟର ପ୍ରବେଶ ଦ୍ୱାର ନିକଟରେ ବିସ୍ଫୋରକ ସଦୃଶ ସାମଗ୍ରୀ ଫିଙ୍ଗି ଆତଙ୍କ ସୃଷ୍ଟି କରିଥିଲେ । ସୁରକ୍ଷାକର୍ମୀ ସୁଜିତ ମିଶ୍ରଙ୍କ ଏତଲା ଆଧାରରେ କ୍ୟାପିଟାଲ ଥାନା ପୋଲିସ ତଦନ୍ତ କରି ଦୁଇ ଛାତ୍ର ନେତାଙ୍କୁ ଗିରଫ କରିବା ପରେ ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ଜୋରଦାର ତଦନ୍ତ ଚାଲିଛି । ଦଳ ବିରୋଧୀ କାର୍ଯ୍ୟ ପାଇଁ ଦୁଇ ଅଭିଯୁକ୍ତ ଛାତ୍ର ନେତାଙ୍କୁ ନିଲମ୍ବନ କରାଯିବା ପରେ ସେମାନେ ଉତକ୍ଷିପ୍ତ ହୋଇ ପ୍ରତାପ ଜେନାଙ୍କ କ୍ୱାର୍ଟର ଉପରେ ଆକ୍ରମଣ କରିଥିଲେ । ଗିରଫ ଦୁଇ ଅଭିଯୁକ୍ତ ଛାତ୍ର ନେତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି । ଦେବୀ ପ୍ରସାଦଙ୍କ ନାଁରେ କେନ୍ଦ୍ରାପଡା ଥାନାରେ ଗୋଟିଏ ମାମଲା ଥିବା ବେଳେ ସିଦ୍ଧାର୍ଥ ନାଁରେ କ୍ୟାପିଟାଲ ଥାନାରେ ଗୋଟିଏ ମାମଲା ଥିବା ପୋଲିସ କହିଛି ।

## ଚଳନ୍ତା ଟ୍ରେନରୁ ୫ ଶିଶୁ ଶ୍ରମିକ ଉଦ୍ଧାର

ଭୁବନେଶ୍ୱର, (ସବ୍ୟୁ) : ଚଳନ୍ତା ଟ୍ରେନରୁ ୫ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯିବା ପରେ ଖୋର୍ଦ୍ଧା ସିଡବ୍ଲ୍ୟୁସିରେ ହାଜର କରାଯାଇଥିଲା । ଟ୍ରେନରେ ଶିଶୁ ଶ୍ରମିକ ଚାଲାଣ ହେଉଥିବା ରୁଚିକା ସମାଜ ମଙ୍ଗଳ ସଂଗଠନ ଖବର ପାଇବା ପରେ ଆରପିଏଫଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା ବିହାରରୁ ଶିଶୁ ଶ୍ରମିକଙ୍କୁ ଦଲାଲ୍ ବେଙ୍ଗାଲୁରୁ ଟ୍ରେନ ଯୋଗେ ନେଇ ଯାଉଥିବା ରୁଚିକା ଖବର ପାଇବା ପରେ ଆରପିଏଫଙ୍କୁ କହିଥିଲା ଭୁବନେଶ୍ୱର ରେଳ ଷ୍ଟେସନରେ ସେହି ନିର୍ଦ୍ଦିଷ୍ଟ ଟ୍ରେନକୁ ଆରପିଏଫ୍ ଓ ରୁଚିକା ସମାଜ ମଙ୍ଗଳ ସଂଗଠନ କର୍ମକର୍ତ୍ତାମାନେ ଜଗିରହିଥିଲେ । ଟ୍ରେନ ପହଞ୍ଚିବା କ୍ଷଣି ବଗିରେ ତଲାସି କରାଯାଇଥିଲା । ଆରପିଏଫ୍ ୫ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବା ପରେ ସେମାନଙ୍କୁ ପଚରାଉଚରା କରାଯାଇଥିଲା । ପଚରାଉଚରା ବେଳେ ଶିଶୁମାନେ ଦଲାଲଙ୍କ ସମ୍ପର୍କରେ କହିବା ସହ କେଉଁ ଆଡକୁ ଯାଉଛନ୍ତି ବୋଲି କହିଛନ୍ତି । ସେମାନଙ୍କୁ ବେଙ୍ଗାଲୁରୁ ନିଆଯାଉଥିଲା କମ୍ ପଇସାରେ କମ୍ପାନୀ ଓ ଲୋକଙ୍କ ଘରେ କାମ କରିବା ପାଇଁ । ସେମାନଙ୍କ ଅବିଭାବକଙ୍କୁ ଦଲାଲ୍‌ମାନେ ମିଛ ସତ କହି ଅଗ୍ରିମ କିଛି ଟଙ୍କା ଦେବା ପରେ ସେମାନେ ପିଲାଙ୍କୁ ଛାଡିଥିଲେ । ଆରପିଏଫ ଚଢାଉ କରିବା ପରେ ସାଙ୍ଗରେ ଥିବା ଦଲାଲ କେଉଁଆଡେ ଖସିଯାଇଥିଲେ । ୫ ଶିଶୁ ଶ୍ରମିକଙ୍କୁ ଖୋର୍ଦ୍ଧା ସିଡବ୍ଲ୍ୟୁସିରେ ହାଜର କରାଯିବା ପରେ ତାଙ୍କୁ ଓପନ ସେଣ୍ଟରକୁ ପଠାଇଦିଆଯାଇଥିବା ସୂଚନା ମିଳିଛି ।

## ଆଇଆଇଟି ଭୁବନେଶ୍ୱର ପକ୍ଷରୁ ବନ ଦିବସ ପାଳନ

ଜଟଣୀ, (ସବ୍ୟୁ) : ଅନ୍ତର୍ଜାତୀୟ ବନ ଦିବସ ପାଳନ ଅବସରରେ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ପକ୍ଷରୁ ଏହାର ପରିସରରେ ଏକ ସାମୂହିକ ରୋପଣ ଅଭିଯାନ ଆୟୋଜନ ହୋଇଥିଲା । ପ୍ରତିଷ୍ଠାନର ସଦସ୍ୟମାନେ ଉତ୍ସାହ ଏବଂ ଉତ୍ସାହର ସହିତ ଏହି ଅଭିଯାନରେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ ଏବଂ ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସରେ ପ୍ରାୟ ୨୦୦ଟି ଆଭେନ୍ୟୁ, ଫଳଦାୟକ ଏବଂ ଅଳଙ୍କାରିକ ଚାରା ରୋପଣ କରିଥିଲେ ।

### ନିବେଶ ଆଳରେ ୫୦ ଲକ୍ଷ ଠକି ନେଲେ ଦମ୍ପତ୍ତି

## ହତ୍ୟା ଧମକ ପରେ ଅଂଶୀଦାର ଥାନାର ଦ୍ୱାରସ୍ଥ

କଟକ, (ସବ୍ୟୁ): ସ୍ୱାସ୍ଥ୍ୟସେବା ଜନିତ ବ୍ୟବସାୟରେ ନିବେଶ କରି ଠକାମୀରେ ପଡିଛନ୍ତି ଜଣେ ଅଂଶୀଦାର । ସଂସ୍ଥାର ଅନ୍ୟ ଦୁଇ ଅଂଶୀଦାର ଜାଲିଆତି କରି ଲକ୍ଷାଧିକ ଟଙ୍କା ହଡପ କରିଦେଇଛନ୍ତି । ଏହାର ପ୍ରତିବାଦ କରିବାରୁ ଉଭୟ ଅଂଶୀଦାର ଧମକ ଦେଉଥିବାରୁ ଅଭିଯୋଗକାରୀ ଚାଉଳିଆଗଞ୍ଜ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

ବିଡାନାସୀ କୁଶିଆ ଲେନର ସୁଶାନ୍ତ କୁମାର ଜେନା ଅଭିଯୋଗ କରିଛନ୍ତି ଯେ, କିଛି ବର୍ଷ ପୂର୍ବେ ସେ ମଧୁପାଟଣା ସ୍ଥିତ ସିଲଭର ସିଟି ହସ୍ପିଟାଲରେ ମାର୍କେଟିଂ ମ୍ୟାନେଜର ଭାବେ କାମ କରୁଥିଲେ । ୨୦୧୮-୧୯ ମସିହାରେ ଉକ୍ତ ହସ୍ପିଟାଲ ଚାଉଳିଆଗଞ୍ଜ ଅଞ୍ଚଳକୁ ସ୍ଥାନାନ୍ତର ହୋଇଥିଲା । ନୂଆ ସ୍ଥାନରେ ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ପରେ ହଠାତ ଆର୍ଥିକ ସମସ୍ୟା ଦେଖାଦେଇଥିଲା । ତେଣୁ ସୁଶାନ୍ତ ନିଜଆଡୁ ୫୦ ହଜାର ଟଙ୍କା ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଦେଇଥିଲେ । ସଂସ୍ଥା ପ୍ରତି ଏଭଳି ନିଷ୍ଠା ଦେଖି ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କର ଦରମା ମଧ ବୃଦ୍ଧି କରିଦେଲେ । ପରେ ସୁଶାନ୍ତଙ୍କୁ ନେଇ ନୂଆକରି ଅନ୍ୟ କିଛି ବ୍ୟବସାୟ ଆରମ୍ଭ କରିବାକୁ ଉକ୍ତ ହସ୍ପିଟାଲର ତିନି ଜଣ ଅଂଶୀଦାରଙ୍କ ମଧ୍ୟରୁ କଲ୍ୟାଣୀ ଦାସ ଓ ତାଙ୍କ ସ୍ୱାମୀ ବିଚିତ୍ରାନନ୍ଦ ଯୋଜନା କଲେ । ଏ ସମ୍ପର୍କରେ ବହୁ ବିଚାରବିମର୍ଷ ହୋଇଥିଲା । ଶେଷରେ ତିନି ଜଣଙ୍କ ସହଭାଗିତାରେ ୨୦୨୩ ଫେବ୍ରୁଆରୀ ୧୯ରେ 'ଦିକ୍ଷାନ୍ତ ହେଲଥ କେୟାର ପ୍ରାଇଭେଟ ଲିମିଟେଡ' ନାମରେ ଏକ ନୂଆ ସଂସ୍ଥା ଆରମ୍ଭ ହୋଇଥିଲା । ଏହି ନୂଆ ସଂସ୍ଥାରେ କଲ୍ୟାଣୀ ଓ ବିଚିତ୍ରାନନ୍ଦ ୬୬ ପ୍ରତିଶତ ଏବଂ ଅବଶିଷ୍ଟ ୩୩ ପ୍ରତିଶତ ସୁଶାନ୍ତ ଜେନା ନିବେଶ କରିଥିଲେ । ଚାଉଳିଆଗଞ୍ଜ ଅପର୍ଣ୍ଣାନଗରରେ ସଂସ୍ଥାର କାର୍ଯ୍ୟାଳୟ ରହିଛି । ବିଭିନ୍ନ ବେସରକାରୀ ହସ୍ପିଟାଲକୁ ଚିକିତ୍ସା ଉପକରଣ, ଆମ୍ବୁଲାନ୍ସ ଏବଂ ମାନବ ସମ୍ବଳ ଯୋଗାଇଦେବା ସଂସ୍ଥାର ମୁଖ୍ୟ କାର୍ଯ୍ୟ । ତିନି ଜଣ ନିର୍ଦ୍ଦେଶକଙ୍କୁ ନେଇ ସଂସ୍ଥାର ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି । ଆରମ୍ଭରୁ ସଂସ୍ଥା ଠିକଠାକ କାର୍ଯ୍ୟ କରିଆସୁଛି । କିନ୍ତୁ ସଂସ୍ଥାରୁ ଆୟ ହେଉଥିବା ଲାଭାଂଶ ସୁଶାନ୍ତଙ୍କୁ ସଠିକ ଭାବେ ମିଳୁନଥିଲା । ଏହା ମଧ୍ୟରେ ସୁଶାନ୍ତ ଜାଣିବାକୁ ପାଇଲେକି, ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟରେ ବହୁତ କମ ଟଙ୍କା ରହିଛି । ବିଗତ ତିନି ବର୍ଷର ବ୍ୟବସାୟ ହିସାବରେ ପ୍ରାୟ ୫୧ ଲକ୍ଷ ଟଙ୍କା ରହିବା କଥା । କିନ୍ତୁ ଆକାଉଣ୍ଟରେ ମାତ୍ର ୫୬ ହଜାର ଟଙ୍କା ରହିଛି । ଏହା ଜାଣି ସୁଶାନ୍ତ ଚକିତ ହୋଇପଡିଥିଲେ । ଅଧିକ ଛାନଭିନ ପରେ ସେ ଜାଣିବାକୁ ପାଇଲେଯେ, ଅଂଶୀଦାର ଥିବା ଦମ୍ପତ୍ତି କଲ୍ୟାଣୀ ଦାସ ଓ ବିଚିତ୍ରାନନ୍ଦ ସଂସ୍ଥାର ଆକାଉଣ୍ଟରୁ ମନଇଚ୍ଛା ଟଙ୍କା ଉଠାଣ କରି ଖର୍ଚ୍ଚ କରିଛନ୍ତି । ଆଉ ତାହାର କୌଣସି ହିସାବପତ୍ର ନାହିଁ । ଦମ୍ପତ୍ତି ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟକୁ ବ୍ୟକ୍ତିଗତ ଭାବେ ବ୍ୟବହାର କରୁଥିଲେ । ବେଆଇନ ଭାବେ ଆକାଉଣ୍ଟରେ କାରବାର ହେଉଥିବାରୁ ସଂସ୍ଥା ନାଁରେ ଜାଲିଆତି ମାମଲା ହେବା ଭଳି ସ୍ଥିତି ରହିଛି । ଏ ସମ୍ପର୍କରେ ସୁଶାନ୍ତ ପଚାରିବାରୁ କଲ୍ୟାଣୀ ଦାସ ଓ ବିଚିତ୍ରାନନ୍ଦ ପାଲଟା ତାଙ୍କୁ ଧମକଚମକ ଦେଲେ । ତେଣୁ ଉକ୍ତ ସଂସ୍ଥାରୁ ଓହରିଯିବାକୁ ନିଷ୍ପତ୍ତି ନେଇ ନିଜର ନିବେଶ ଅର୍ଥ ଫେରସ୍ତ ମାଗିଥିଲେ । କିନ୍ତୁ ଦମ୍ପତ୍ତି ତାଙ୍କୁ ଟଙ୍କା ଫେରାଇବା ପରିବର୍ତ୍ତେ ସୁଶାନ୍ତଙ୍କୁ ହତ୍ୟା ଧମକ ଦେଲେ । ବହୁ ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ପରିଚୟ ଦେଇ ସେମାନେ ଧମକଚମକ ଦେଉଥିବା ନେଇ ସୁଶାନ୍ତ ଏତଲାରେ ଦର୍ଶାଇଛନ୍ତି । ଅଭିଯୋଗ ଆଧାରରେ ପୋଲିସ କେସ ନଂ ୧୪୫/୨୬, ବିଏନଏସର ଧାରା ୩୧୬(୫), ୩୧୮(୪), ୩୧୯(୨), ୩(୫)ରେ ମାମଲା ରୁଜୁ କରିଛି । ତଦନ୍ତକ୍ରମେ ପୋଲିସ ଉକ୍ତ ଅଫିସକୁ ଯାଇ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ କିଛି କର୍ମଚାରୀଙ୍କୁ ପଚରାଉଚରା କରିଛି । ତତସହିତ ବ୍ୟାଙ୍କରୁ ଆର୍ଥିକ ଦେଣନେଣ ସମ୍ପର୍କିତ ତଥ୍ୟ ମଗାଯାଇଛି । ଏହା ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି ।


15001/10/2526

OFS
WE SERVE TO SAVE

ବିଦ୍ୟୁତ ସରଞ୍ଜାମ ବ୍ୟବହାର କଲା ବେଳେ
ସତର୍କ ରୁହନ୍ତୁ: ନିଆଁରୁ ସୁରକ୍ଷିତ ରୁହନ୍ତୁ

ପ୍ଲଗ୍ ଢିଲା ନାହିଁ ତ ?
ଏୟାର କଣ୍ଡିସନର ଯନ୍ତ୍ର ଦିନ ରାତି ଚାଲୁନି ତ ?
ୱାୟରିଂ ପୁରୁଣା ହୋଇନି ତ ? ତାତୁନି ତ ?
ସରଞ୍ଜାମରେ ସ୍ପାର୍କ ହେଉନି ତ ?
ସୁଇଚ୍ ବୋର୍ଡ ତାତୁନି ତ ?

ସତର୍କ ରୁହନ୍ତୁ:
୧. ନିୟମିତ ବ୍ୟବଧାନରେ ଜଣେ ଦକ୍ଷ ଇଲେକ୍ଟ୍ରିସିଆନ୍ ଦ୍ୱାରା ଯାଞ୍ଚ କରନ୍ତୁ ।
୨. ପୁରୁଣା ୱାୟରିଂ କିଛି ବର୍ଷ ପରେ ବଦଳାନ୍ତୁ ।
୩. ଯେତିକି ଲୋଡ୍ ସମ୍ଭାଳିବ ତା'ଠୁ ଅଧିକ ବୈଦ୍ୟୁତିକ ଯନ୍ତ୍ର ବ୍ୟବହାର କରନ୍ତୁ ନାହିଁ ।

ଦୁଇ-ତୃତୀୟାଂଶ ଅଗ୍ନିକାଣ୍ଡ ବୈଦ୍ୟୁତିକ ସରଞ୍ଜାମ ବ୍ୟବହାରରେ ଅସାବଧାନତା ଯୋଗୁଁ ଘଟିଥାଏ ।
ସତର୍କ ରୁହନ୍ତୁ: ଆଖି, କାନ ଓ ନାକ ବ୍ୟବହାର କରନ୍ତୁ : ସଚେତନ ହୁଅନ୍ତୁ ।

ନିଆଁ ଲାଗିଲେ ୧୧୨ ନମ୍ବରକୁ ଶୀଘ୍ର ଫୋନ୍ କରନ୍ତୁ ।

OIPR: 15001/15001/2/25-26/0010

# ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ

## ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ


ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଅତିଥି ଓ ବିଶିଷ୍ଟ ବ୍ୟକ୍ତି


ଅନାବରଣ ଉତ୍ସବରେ ନିମନ୍ତ୍ରିତ ବିଶିଷ୍ଟ ବ୍ୟକ୍ତି ବିଶେଷ


ଉଦ୍‌ବୋଧନ ଦେଉଛନ୍ତି ବାରବାଟୀ - କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ


ବସନ୍ତ ବିଶ୍ୱାଳଙ୍କ ସୁପୁତ୍ର ରଞ୍ଜୀବ ବିଶ୍ୱାଳଙ୍କ ସହ ସୋଫିଆ ଫିର୍ଦ୍ଦୋଶ ଓ ସୁରେଶ ମହାପାତ୍ର


ମେୟର ସୁବାସ ଚନ୍ଦ୍ର ସିଂହଙ୍କ ସହ ରଞ୍ଜୀବ ବିଶ୍ୱାଳ ଓ ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି


ରଞ୍ଜୀବ ବିଶ୍ୱାଳଙ୍କୁ ପାଛୋଟି ଆଣୁଛନ୍ତି ଉତ୍ସବର ପ୍ରମୁଖ ଉଦ୍ୟୋକ୍ତା କର୍ପୋରେଟର ବିକାଶ ରଞ୍ଜନ ବେହେରା


ଉତ୍ସବ ସ୍ଥଳରେ ସମୟ ନିର୍ଦ୍ଦେଶିକା ଅନିତା ମହାନ୍ତି


ବକ୍ତବ୍ୟ ରଖୁଛନ୍ତି ସିଏମ୍‌ସି କମିଶନର କିରଣଦ୍ୱୀପ କୌର ସହୋତା


ରଞ୍ଜୀବ ବିଶ୍ୱାଳ ଓ ଅନିତା ମହାନ୍ତିଙ୍କ ସହ ବିଧାୟିକା ସୋଫିଆ ଫିର୍ଦ୍ଦୋଶ


ସଭା ପରିଚାଳନା କରୁଛନ୍ତି ମେୟର ସୁବାସ ଚନ୍ଦ୍ର ସିଂହ


ମେୟରଙ୍କ ସହିତ ଆଲୋଚନା କରୁଛନ୍ତି ରଞ୍ଜୀବ ବିଶ୍ୱାଳ ଓ ଅନିତା ମହାନ୍ତି


ଉନ୍ମୋଚିତ ହୋଇଥିବା ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି


କଂଗ୍ରେସର ବରିଷ୍ଠ ନେତା ସୁରେଶ ମହାପାତ୍ରଙ୍କ ସହ ରଞ୍ଜୀବ ବିଶ୍ୱାଳ


ବକ୍ତବ୍ୟ ଉପସ୍ଥାପନ କରୁଛନ୍ତି ରଞ୍ଜୀବ ବିଶ୍ୱାଳ

## ପ୍ରଫେସର ଡକ୍ଟର ବୈରାଗୀ ଚରଣ ଜେନାଙ୍କ ପରଲୋକ

କଟକ, (ସବ୍ୟୁ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ବୈରାଗୀ ଚରଣ ଜେନାଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ହୋଇଥଲା। ସେ ନିମୋନିଆ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତର ଖାନାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ଦେହାନ୍ତ ଘଟିଛି। ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। କଟକର ସତୀ ଚଉରା ଶ୍ମଶାନରେ ପ୍ରଫେସର ଜେନାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ଶବଧାରରେ ପ୍ରଫେସର ନଟବର ଶତପଥୀ, ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ ,ପ୍ରଫେସର ରଘୁନାଥ ମେହେର, ପ୍ରଫେସର ସନ୍ତୋଷ ତ୍ରିପାଠୀ, ପୂର୍ବତନ ନୟାଗଡ଼ ଜିଲ୍ଲାପାଳ ସରୋଜ କାନ୍ତ ଚୌଧୁରୀ,ଚିତ୍ର ସେନ ଜଗଦ୍ଦେବ, ଶରତ ନାୟକ, ଜାମାତା ଅକ୍ଷୟ କୁମାର ସ୍ୱାଇଁ,ନାତି ଅୟସ କାନ୍ତ ସ୍ୱାଇଁ,ନ୍ୟାୟ ରଂଜନ ନାୟକ, ଝିଅ କାବ୍ୟଶ୍ରୀ, ଆଦି ଶତାଧିକ ବ୍ୟକ୍ତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ପୁରୀ ଜିଲ୍ଲା ଯୁବମୋର୍ଚ୍ଚାର ବିଶ୍ୱଜିତ ମହାନ୍ତି ନୂତନ ସଭାପତି

ପୁରୀ, (ସବ୍ୟୁ): ବିଜେପି ପକ୍ଷରୁ ପୁରୀ ଜିଲ୍ଲା ଯୁବମୋର୍ଚ୍ଚାର ନୂତନ ସଭାପତି ଭାବେ ବିଶ୍ୱଜିତ ମହାନ୍ତିଙ୍କ ନାମ ଘୋଷଣା କରାଯାଇଛି। ଦଳର ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଶ ପଣ୍ଡାଙ୍କ ସୁପାରିଶ କ୍ରମେ ଘୋଷଣା ହୋଇଥିବା ସୂଚନା ମିଳିଛି। ପୂର୍ବରୁ ବିଶ୍ୱଜିତ ମହାନ୍ତି ଜିଲ୍ଲା ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ ଏବଂ ଜଣେ ଦକ୍ଷ ସଂଘଠକ ଭାବେ ପରିଚିତ। ଦଳର ନିର୍ଦ୍ଦେଶ ଅନୁସାରେ ସେ ସମସ୍ତ କାର୍ଯ୍ୟକୁ ସଫଳତାର ସହ କରିଆସୁଥିବାରୁ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା କୁହାଯାଉଛି। ନୂତନ ସଭାପତି ଭାବେ ନିଯୋଜିତ ହେବା ପରେ ବିଶ୍ୱଜିତ ମହାନ୍ତି କହିଛନ୍ତି ଯେ, ପୁରୀ ଜିଲ୍ଲାରେ ସଂଘଠନକୁ ଆହୁରି ସୁଦୃଢ଼ କରିବା, ଯୁବକ ମାନଙ୍କୁ ଦଳ ସହ ଯୋଡ଼ିବା ଓ ଦଳର ନୀତି-ଆଦର୍ଶକୁ ଆଧାର କରି ସମସ୍ତ କାର୍ଯ୍ୟକୁ ଆଗେଇ ନେବେ।

# ଜିନ୍ଦଲ ଷ୍ଟିଲ ପକ୍ଷରୁ ଶ୍ରୀମତୀ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ପାଳିତ



ଅନୁଗୁଳ, (ସବ୍ୟୁ) : ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷା ଏମିରେଟସ୍ ଶ୍ରୀମତୀ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ବେଶ ଉତ୍ସାହର ସହ ପାଳନ କରାଯାଇଛି । ଜନ୍ମଦିନ ଉତ୍ସବ ପାଳନ ଅବସରରେ ବିଭିନ୍ନ ମାନବକଲ୍ୟାଣଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲର କର୍ମଚାରୀମାନେ ଉପସ୍ଥିତ ରହି ଅନୁଗୁଳ ଜିଲ୍ଲାର ବିଭିନ୍ନ ବୃଦ୍ଧାଶ୍ରମ ଓ ଅନାଥାଶ୍ରମରେ ଅନ୍ତେବାସୀଙ୍କ ସହିତ ସମୟ ବିତାଇବା ସହ ଏକାଠି ଭୋଜନ କରିଥିଲେ । ଏହା ସହିତ ବୃଦ୍ଧବୃଦ୍ଧା ଏବଂ ପିଲାମାନଙ୍କୁ ସ୍ନେହ ବାଣ୍ଟିବା ସହ ଯଥାସମ୍ଭବ ସହାୟତା ମଧ୍ୟ ପ୍ରଦାନ କରିଥିଲେ ।

ଜନ୍ମଦିନ ପାଳନ ଅବସରରେ ଅନୁଗୁଳ ପ୍ରକଳ୍ପ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇସ୍ପାତ ଜୋନ) ଦାମୋଦର ମିତ୍ତଲ, କାର୍ଯ୍ୟ ନିର୍ଦ୍ଦେଶକ (ଏସଏମଏସ ଏବଂ ମିଲ୍ସ) ହୃଦୟେଶ୍ୱର ଝା ଏବଂ ସଭାପତି (ମାନବ ସମ୍ବଳ) ଦିଲୀପ ସିହ୍ନାଙ୍କ ସମେତ ବିଭାଗୀୟ ମୁଖ୍ୟ, କର୍ମଚାରୀ, ସମସ୍ତ କର୍ମବୀର ଏବଂ ସଂପ୍ରଦାୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ।

ଏହି ଅବସରରେ ସମସ୍ତେ ଶ୍ରୀମତୀ ଜିନ୍ଦଲଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତା ପାଇଁ ମଙ୍ଗଳ କାମନା କରିଥିଲେ। ଜିନ୍ଦଲ ନଗରରେ ଅବସ୍ଥିତ ଦେବଭୂମି ମନ୍ଦିର ଓ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ପୂଜାପାଠ ଓ ପ୍ରାର୍ଥନାର ଆୟୋଜନ କରାଯାଇଥିଲା ।

ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରୀମତି ସାବିତ୍ରୀ ଜିନ୍ଦଲ ଜୀଙ୍କ ନିରନ୍ତର ସ୍ୱାସ୍ଥ୍ୟ, ଖୁସି ଏବଂ ସମୃଦ୍ଧି ପାଇଁ ଆଶୀର୍ବାଦ ଭିକ୍ଷା କରାଯାଇଥିଲା। କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବୀରଭୂମି (ଶ୍ରମିକ ବିହାର) ଆଦି ଜିନ୍ଦଲ ଷ୍ଟିଲର ବିଭିନ୍ନ କାର୍ଯ୍ୟସ୍ଥଳୀରେ ଜନ୍ମଦିନ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ମିଳିତ ପ୍ରୀତିଭୋଜନର ଆୟୋଜନ କରାଯାଇଥିଲା । ଯାହା ଏକତା ଓ କୃତଜ୍ଞତାର ଭାବନାକୁ ପ୍ରତିଫଳିତ କରିଥିଲା ।

ଅନେକ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଥିବା ଶ୍ରୀମତି ସାବିତ୍ରୀ ଜିନ୍ଦଲଙ୍କ ଐତିହ୍ୟକୁ ସମ୍ମାନ ଜଣାଇ ଦିନଟିକୁ ସେବା ପାଇଁ ଉତ୍ସର୍ଗ କରାଯାଇଥିଲା । କରୁଣା ଓ ସମସ୍ତଙ୍କୁ ନେଇ ଆଗକୁ ବିବାର ଯେଉଁ ମୁଲ୍ୟବୋଧରେ ଜିନ୍ଦଲ ଷ୍ଟିଲ ବିଶ୍ୱାସ ରଖେ, ତାହା ପୁଣି ଥରେ ପ୍ରତିଫଳିତ ହୋଇଥିଲା । ଶ୍ରୀମତୀ ସାବିତ୍ରୀ ଜିନ୍ଦଲ ସାଧାରଣ ଲୋକଙ୍କ ସେବା ପାଇଁ ସାର୍ବଜନୀନ ଜୀବନରେ ଉଲ୍ଲେଖନୀୟ ଅବଦାନ ଦେଇ ଆସୁଛନ୍ତି । ସେ ହରିୟାଣା ସରକାରରେ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ ଏବଂ ବର୍ତ୍ତମାନ ହିସାରରୁ ସ୍ୱାଧୀନ ବିଧାୟକ ଭାବରେ ପ୍ରତିନିଧିତ୍ୱ କରୁଛନ୍ତି । ସାର୍ବଜନୀନ ସେବା ଏବଂ ପରୋପକାର କାର୍ଯ୍ୟରେ ତାଙ୍କର ନିରନ୍ତର ଯୋଗଦାନ ମାଧ୍ୟମରେ ସେ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଅବହେଳିତ ସମ୍ପ୍ରଦାୟର ଉନ୍ନତି ଉପରେ କେନ୍ଦ୍ରିତ ପଦକ୍ଷେପଗୁଡ଼ିକୁ ସମର୍ଥନ କରିଆସୁଛନ୍ତି ।

## ଜାଗାବାଡିକୁ କେନ୍ଦ୍ରକରି ପୂର୍ବ ଶତ୍ରୁତା ମହଙ୍ଗା ପଡ଼ିଲା

# ସଂଘବଦ୍ଧ ଆକ୍ରମଣରେ ମହିଳା ମୃତ

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା କନ୍ତାମିଲା ପଞ୍ଚାୟତର ଧୋବଣିନନ୍ଦର ଗ୍ରାମରେ ଆଜି ସକାଳେ ଜଣେ ମହିଳା ମହୁଲ ଗଛରୁ ମହୁଲ ଗୋଟାଉଥିବା ବେଳେ ସେହି ଗ୍ରାମର କିଛି ବ୍ୟକ୍ତି ତାଙ୍କୁ ହତ୍ୟା କରିଥିବା ନେଇ ମୃତକଙ୍କ ପୁଅ ତରଣି ସେନ ସାହୁ ଆଜି ହିନ୍ଦୋଳ ଥାନାରେ ଲିଖିତ ଏତଲା ଦେଇଛନ୍ତି । ଥାନାରେ ଦାଏର କରଥିବା ଏତଲା ଅନୁଯାୟୀ ଅଭିଯୋଗକାରୀ ତରଣୀ ସେନ ନିଜ ମା ଉତ୍ତମ ସାହୁ (୫୦) ଆଜି ସକାଳେ ପ୍ରାୟ ୭ଟା ସମୟରେ ନିଜ ଗ୍ରାମ ନିକଟସ୍ଥ ସଜରା ବିଲରେ ଥିବା ଏକ ମହୁଲ ଗଛ ତଳେ ମହୁଲ ଗୋଟାଉ ଥିବା ବେଳେ ଗ୍ରାମର ଯୁଧିଷ୍ଠିର ସାହୁ ,ତାଙ୍କର ଦୁଇ ପୁଅ ସମ୍ରାଟ ସାହୁ ଓ ଯୁଗଳ ସାହୁ ସେହି ଗ୍ରାମର କୁନୁ ପରିଡ଼ା, ଶିବ ପରିଡା, ରାଧା ପରିଡ଼ା, ପତି ପରିଡ଼ା, ଦୁଲଭ ପରିଡ଼ା, ଅଜିତ ପରିଡ଼ା, ସୁବଳ ପରିଡ଼ା ଓ ପ୍ରଦୀପ ପରିଡ଼ା ସଂଘବଧ ଭାବେ ତାଙ୍କୁ ତାଙ୍କ ସାମ୍ନାରେ ଶାବଳ ଓ ଟାଙ୍ଗିଆରେ ମା ଉତ୍ତମ ସାହୁଙ୍କ ମୁଣ୍ଡକୁ ପ୍ରହାର କରିଥିଲେ । ଏହାକୁ ପ୍ରତିରୋଧ କରିବାରେ ତାଙ୍କୁ କୁଆଡେ ଜାବୁଡ଼ି ଧରି ଉତ୍ତମ ସାହୁଙ୍କୁ ହତ୍ୟା କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ଅଭିଯୋଗରେ ତରଣି ଜାଗାବାଡିକୁ କେନ୍ଦ୍ରକରି ନିଜ ବାପା ବୁଲା ସାହୁ ଓ ପଡ଼ୋଶୀ ଯୁଧିଷ୍ଠିର ସାହୁଙ୍କ ପରିବାର ମଧ୍ୟରେ ଦୀର୍ଘ ବର୍ଷ ଧରି ଗଣ୍ଡଗୋଳ ପରିସ୍ଥିତି ଲାଗି ରହିଥିଲା ବୋଲି ଦର୍ଶାଇଛନ୍ତି ।

ଏହି ଜମି ବାଡି ସଂକ୍ରାନ୍ତୀୟ ଏହି ଗଣ୍ଡଗୋଳ ଏବେ ବି ଥାନା ଓ କୋର୍ଟରେ ବିଚାରଧୀନ ରହି ଥିବା ବେଳେ ତାହାର କୌଣସି ଫଏସଲା ହେଉ ନଥିବାରୁ ଅଭିଯୁକ୍ତ ଯୁଧିଷ୍ଠିର ସାହୁ ମାନସିକ ଚାପରେ ରହି ଆସୁଥିଲେ । ଏକ ପତିତ ଜମିରେ ନିଜ ବାପ ଅଜା ଅମଳରୁ ଯୁଧିଷ୍ଠିର ଘର କରି ରହି ଆସୁଥିବା ବେଳେ ସେ ସରକାରଙ୍କ ପକ୍ଷରୁ ପାଇଥିବା ଏକ ଲିଜ ଜମିରେ ବୁଲା ସାହୁ କୋଠାଘର କରି ରହିଆସୁଛନ୍ତି । କୋର୍ଟର ଏକ ଶୁଣାଣି ପରେ ବୁଲା ସାହୁ ରାଜସ୍ୱ ବିଭାଗ, ତହସିଲଦାର ଓ ହିନ୍ଦୋଳ ଥାନା ଅଧିକାରୀଣୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ପ୍ରାୟ ଦୁଇ ବର୍ଷ ପୂର୍ବେ ଜେସିବି ଲଗାଇ ଯୁଧିଷ୍ଠିରଙ୍କ ବାସଘରର କିଛି ଅଂଶ ଭାଙ୍ଗିବାରେ ସଫଳ ହୋଇଥିଲେ ।



ଏହି ଘଟଣାକୁ ନେଇ ଯୁଧିଷ୍ଠିର ସାହୁ ଓ ବୁଲା ସାହୁଙ୍କ ପରିବାର ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା । ଯୁଧିଷ୍ଠିର ନିଜ ଲିଜ ଜମିରୁ ବୁଲା ସାହୁଙ୍କ ବେଆଇନ ଘର ଭାଙ୍ଗିବା ପାଇଁ ହାଇକୋର୍ଟରେ ଏକ ମାମଲା ଦାଏର କରିଛନ୍ତି। ଅଦ୍ୟାବଧି କୋର୍ଟଙ୍କ ରାୟ ପ୍ରକାଶ ପାଇ ନାହିଁ।

ଏହି ହତ୍ୟା ଘଟଣାର ପ୍ରମୁଖ ଅଭିଯୁକ୍ତ ଯୁଧିଷ୍ଠିର ସାହୁ ଓ ତାଙ୍କର ସହଯୋଗୀଙ୍କୁ ତୁରନ୍ତ ଗିରଫ କରିବାକୁ ମୃତକଙ୍କ ପୁଅ ତରଣିସେନ ସାହୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ଘଟଣାର ପ୍ରାଥମିକ ତଦନ୍ତ କରିବା ସହ ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି । ଡାକ୍ତରଖାନାରେ ସବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି ।

## ଶିଶୁମନ୍ଦିରରେ କଣ୍ଢେଇ ଦିବସ ପାଳିତ

ଠାକୁରଗଡ, (ସବ୍ୟୁ) : କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିରରେ ଶନିବାର ଦିନ ତାରିଖ ଦିନ କଣ୍ଢେଇ ଦିବସ ପାଳିତ ହୋଇ ଯାଇଛି । ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦିବସ ରେ ମୁଖ୍ୟଅତିଥି ଭାବରେ ଚନ୍ଦ୍ରିକା ବାରିକ ଯୋଗ ଦେଇ ଏହି ଦିବସ ସମ୍ପର୍କ ରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଗୌରୀ ସତପଥି ଯୋଗ ଦେଇଥିଲେ । ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋସ୍ନାମୟୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିଶୁ ବାଟିକା ପ୍ରମୁଖ ଅନ୍ନପୂର୍ଣ୍ଣା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବିଦ୍ୟାଳୟର ଛାତ୍ରୀ ମାନେ କଣ୍ଢେଇ ପ୍ରଦର୍ଶନ କରିଥିଲେ । ଲିପିକା ସାହୁ ,ରଶ୍ମିତା ମହାନ୍ତି ,ନିରୁପମା ବାରିକ, ରନିମଞ୍ଜରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ବିପଦସଙ୍କୁଳ ମେଡିକାଲ ଗୃହ ଓ କ୍ୱାର୍ଟର୍ସ

# ନିର୍ମାଣ ହେଉନି ନୂତନ ଗୃହ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ମେଡିକାଲ ଗୃହ ଓ କାଟର୍ସ ଗୁଡିକ ଏବେ ବିପଦସଂକୁଳ ଅବସ୍ଥାରେ ରହିଛି । ସାମାନ୍ୟ ବର୍ଷା ହେଲେ ପାଣି ଗଳୁଛି । ଫଳରେ ରୋଗୀ ଓ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନୂତନ ମେଡିକାଲ ନିର୍ମାଣ ହେଉନଥିବା ଯୋଗୁଁ ସାଧାରଣ ରେ ଅସନ୍ତୋଷ ଦେଖାଦେଇଛି । ଏ ନେଇ ବାରମ୍ବାର ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହି । ଫଳରେ ଶନିବାର ଦିନ ବଇଣ୍ଡା ଗ୍ରାମବାସୀମାନେ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଏକ ଅଭିଯୋଗ ପତ୍ର ମଧ୍ୟମରେ ଅବଗତ କରାଇଛନ୍ତି । ଅଞ୍ଚଳବାସୀ ତାଙ୍କ ଦାବିପତ୍ର ରେ ଉଲେଖ କରିଛନ୍ତି ଯେ ବହୁ ବର୍ଷ ହେବ ବଇଣ୍ଡାରେ ମେଡିକାଲ ସ୍ଥାପନ ହୋଇଥିବା ବେଳେ ବର୍ତ୍ତମାନ ଉକ୍ତ ମେଡିକାଲ ସାମାନ୍ୟ ବର୍ଷା ହେଲେ ପାଣି ଗଳୁଛି । ଅନେକ କୋଠରରେ ପାଣି ଗଳୁଥିବା ବେଳେ ବର୍ଷା ଦିନେ ରୋଗୀମାନେ ଅସୁବିଧାର ସମୁଖୀନ ହେଉଛନ୍ତି । ଏପରିକି କାଟର୍ସ ଗୁଡିକ ବିପଦସଙ୍କୁଳ ଅବସ୍ଥାରେ ରହିଛି ।

ଡାକ୍ତର କାଟର୍ସଟି ଦୀର୍ଘ ବର୍ଷ ହେବ ଭାଙ୍ଗି ଯାଇଥିବା ଯୋଗୁଁ ଡାକ୍ତର ସ୍ଥାୟୀ ଭାବରେ ରହୁ ନାହାନ୍ତି । ବଇଣ୍ଡାରେ କିଛି ଦିନ ପୂର୍ବେ ନିଯୁକ୍ତି ପାଇଥିବା ଡାକ୍ତର କାଟର୍ସ ନଥିବା ଯୋଗୁଁ ଅନୁଗୋଳରେ ରହୁଛନ୍ତି । ଯାହାକି ରୋଗୀ ସଠିକ ସେବା ପାଇ ପାରୁନାହନ୍ତି । ଅନ୍ୟପଟରେ ମେଡିକାଲରେ ନିଯୁକ୍ତି ପାଇଥିବା କିଛି କର୍ମଚାରୀ ମେଡିକାଲ ବାହାରେ ଭଡାରେ ରହୁଥିବା ଯୋଗୁଁ ମେଡିକାଲ କୁ ସଠିକ ସମୟ ରେ ଆସୁନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଛାତରୁ ପାଣି ଗଳୁଥିବା କାଟର୍ସ ଗୁଡିକ ରେ ବିପଦ ସଙ୍କୁଳ ଭାବରେ କର୍ମଚାରୀମାନେ ରହୁଛନ୍ତି । ନୂତନ ମେଡିକାଲ ନିର୍ମାଣ ପାଇଁ ପୂର୍ବ ସରକାରଙ୍କ ଅମଳରେ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ନିର୍ମାଣ ହୋଇ ପାରୁ ନାହି । ଫଳରେ ଏହି ମେଡିକାଲ ରେ ନିର୍ଭର କରୁଥିବା ଗ୍ରାମବାସୀମାନଙ୍କୁ ସେବା ମିଳୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି ।

# ଚେତୁନି ପ୍ରଶାସନ : ରେଳ ଫାଟକକୁ ନେଇ ବଢୁଛି ଅସନ୍ତୋଷ



ତାଳଚେର, (ସବ୍ୟୁ) : ତାଳଚରେ ବାଇପାସ ଛକ ଠାରୁ ହାଟତୋଟାକୁ ଯାଇଥିବା ମୁଖ୍ୟରାସ୍ତାରେ ରେଲୱେ ଫାଟକ ରହିଛି । ପ୍ରାୟ ସମୟରେ ଏହି ଫାଟକ ପଡ଼ି ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହି ମୁଖ୍ୟରାସ୍ତାରେ କୋର୍ଟ, କଚେରୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ତହସିଲ, ଆରଆଇ, ରେଭିନ୍ୟୁ ଅଫିସ, ଫରେଷ୍ଟ ଅଫିସ, ପଶୁଚିକିତ୍ସାଳୟ, ମହିଳା ମହାବିଦ୍ୟାଳୟ, ଯୁବରାଜ ହାଇସ୍କୁଲ, ବିରାଦରପ ୟୁପି ସ୍କୁଲ, ଷ୍ଟେଟବ୍ୟାଙ୍କ, ଗ୍ରାମ୍ୟବ୍ୟାଙ୍କ, ପୋଷ୍ଟ ଅଫିସ, ପୌରପରିଷଦ ଚିକିତ୍ସାଳୟ ଏବଂ ଛୋଟବ ସରକାରୀ ବେସରାକରୀ କାର୍ଯ୍ୟାଳୟର କର୍ମଚାରୀମାନେ ଅଫିସ କାର୍ଯ୍ୟରେ ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଛାତ୍ରଛାତ୍ରୀ ଓ କୁନିକୁନି ପ୍ରତିଭାମାନେ ମଧ୍ୟ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଏପରିକି ଗୁରୁତ୍ୱପୂର୍ଣ୍ଣ ଯାନ ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ, ଜନନୀ ଏକ୍ସପ୍ରେସ ଇତ୍ୟାଦି ମଧ୍ୟ ଏହି ଅସୁବିଧାର ସମ୍ମୁଖୀନ ହେଉଥିବା ଲକ୍ଷ୍ୟ କରାଯାଇଛି। ତେବେ ଏପରି ସମସ୍ୟା ଉପୁଜୁଛି ଯେ, ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଯାନବାହାନ ଠିଆ ହେବାରୁ ଯାତାୟତରେ ବାଧାପ୍ରାପ୍ତ ହେଉଛି। ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଉଛି । ତେବେ ଏଠାରେ ପ୍ରଶ୍ନ ଉଠେ କୋଇଲା ଖଣିରୁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟିଟଙ୍କା ରାଜସ୍ୱ ନେଉଥିବା ବେଳେ ଜନସାଧାରଣଙ୍କ ସୁବିଧା ନିମନ୍ତେ ଓଭରବ୍ରିଜ ନିର୍ମାଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ଦିଗରେ କେହି ହେଲେ ସାମାନ୍ୟତମ କର୍ଣ୍ଣପାତ ଓ ଦୃଷ୍ଟି ଦେଉନଥିବା ଏକ ଦୁର୍ଭାଗ୍ୟଜନକ ବିଷୟ ହୋଇଛି ।

ଏହାକୁ ନେଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହେଉଥିଲେ ମଧ୍ୟ କର୍ଣ୍ଣପାତ କରୁନି ପ୍ରଶାସନ। ତେଣୁ ସମସ୍ୟାର ସମାଧାନ ନେଇ ବିଭିନ୍ନ ମହଲରେ ଦାବି ହେଉଛି ।

## ଆଠମଲ୍ଲିକରେ ଇଦ-ଉଲ-ଫିତର ପାଳିତ

ଆଠମଲ୍ଲିକ, (ସବ୍ୟୁ) : ରମଜାନ ମାସ ସରିଲା ପରେ ମୁସଲମାନ ଭାଇମାନଙ୍କ ତରଫରୁ ଆନନ୍ଦ ଉଲ୍ଲାସର ସହ ଇଦ-ଉଲ-ଫିତର ପର୍ବ ପାଳିତ ହୋଇଯାଇଛି । ଶନିବାର ସକାଳ ୯ ଟାରେ ସମସ୍ତ ମୁସଲମାନ ଭାଇ ଏକତ୍ର ହୋଇ ସ୍ଥାନୀୟ ମସଜିଦକୁ ଆସିଥିଲେ । ମସଜିଦରେ ସାମୁହିକ ଭାବରେ ଇଦ ନମାଜ ପାଠ କରାଯାଇଥିଲା । ନମାଜ ପାଠ ପରେ କାନ୍ଧ କୁ କାନ୍ଧ ମିଳାଇ ସମସ୍ତେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଥିଲେ । ତାପରେ କବର ସ୍ଥାନକୁ ଯାଇ ପୂର୍ବ ପୁରୁଷମାନଙ୍କ ସତଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ମୁସଲମାନ କମିଟି ର ସଭାପତି - ରିୟାଜ ଖାଁ , ଉପସଭାପତି - ମହମ୍ମଦ ଶିରାଜ , ସମ୍ପାଦକ - ସଦାକତ ଖାଁ , କୋଷାଧକ୍ଷ - ସକୀର ଖାଁ , ଉପଦେଷ୍ଟା - ମହମ୍ମଦ ସଲିମ , କାଉନସିଲର - ଇବ୍ରାହିମ ଖାଁ ଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ନିଜ ନିଜ ଗୃହରେ ସୁସ୍ୱାଦିଷ୍ଟ ଖାଦ୍ୟ ପରିବାର ସଦସ୍ୟ ଏକତ୍ର ଭୋଜନ କରିଥିଲେ ।

# ଧଳାଜହର କବ୍‌ଜାରେ ଯୁବପିଢ଼ି

ତାଳଚେର,(ସବ୍ୟୁ) : ସହରରେ ଧଳାଜହର ବା ବ୍ରାଉନସୁଗାର କବଳରେ ଏବେ ଯୁବପୀ । ଏହାର ପ୍ରଭାବରେ ଯୁବ ଓ ଛାତ୍ରଗୋଷ୍ଠୀ ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି । ପୋଲିସର ବାରମ୍ବାର ଚଢାଉ ସତ୍ତ୍ୱେ ଏହି ନିଶାରେ ଲାଗି ପାରୁନି ରୋକ । ଏବେ ଧଳାଜହର ସେବନକାରୀଙ୍କ ପାଇଁ ନିକାଞ୍ଚନ ସ୍ଥାନ ବେଶ ସୁହାଉଛି। ସଞ୍ଜ ହେବା ମାତ୍ରେ ମଟରସାଇକେଲରେ ୨ରୁ ୫ଜଣ ଯୁବକ ମୋବାଇଲ ଫୋନ ଦେଖିବା ଆଳରେ ବ୍ରାଉନସୁଗାର ସେବନ କରୁଛନ୍ତି ।

ଉପରୋକ୍ତ ସ୍ଥାନକୁ ଛାଡ଼ିଦେଲେ ଏବେ ନିକାଞ୍ଚନ ସ୍ଥାନ ହିଁ ତାଙ୍କୁ ନିଶା ସେବନ କରିବାକୁ ବେଶ ସୁହାଉଛି। ସେହି ସବୁ ସ୍ଥାନରେ ଆଡ୍ଡା ଜମାଇ ବ୍ରାଉନସୁଗାର ସେବନ କରୁଥିବା ଅଭିଯୋଗ ହେଉଛି । ନାବାଳକମାନେ ମଧ୍ୟ ଆକର୍ଷିତ ହୋଇ ଏହି କାର୍ଯ୍ୟ କରୁଛନ୍ତି । ୧୫ରୁ ୨୦ ବର୍ଷ ବୟସର ଯୁବକଙ୍କ ମଧ୍ୟରେ ଏଭଳି ନିଶା ସେବନର ଉଦାମତା ଦେଖିବାକୁ ମିଳିଛି । ତାଳଚେର ଅଂଚଳରେ ନିଶା କାରବାର ବୃଦ୍ଧି ପାଉଥିବା ପ୍ରତ୍ୟେକ ସ୍ଥାନରେ ଚର୍ଚ୍ଚା ମଧ୍ୟ ହେଉଛି ।

ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ଚଢାଉ କରି କିଛିମାତ୍ରାରେ ଧରାଯାଉଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ଏହି ଧଳାଜହର ଅଞ୍ଚଳକୁ କେମିତି ଆସୁଛି ତାହା ପ୍ରଶ୍ନବାଚୀ ସଷ୍ଟି କରୁଛି । ସହରରେ ମାତିଥିବା ଛିନତାଇ ଗୋଷ୍ଠୀ ଅଧିକାଂଶ ଯୁବପିଢ଼ି । ସେମାନଙ୍କ ମଧ୍ୟରେ ନାବାଳକ ସଂଖ୍ୟା ହ୍ରାସ କରିବାକୁ ଏହି ନିଶା କାରବାର ଉପରେ ଅଙ୍କୁଶ ଲଗାଇଲେ ପରିସ୍ଥିତି ସୁଧରନ୍ତା ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି ।

## ଇଦ୍‌ଉଲ ଫିତର ପର୍ବ ପାଳନ: ମସ୍‌ଜିଦରେ ସାମୁହିକ ନମାଜ ପାଠ



ପାଲଲହଡା, (ସବ୍ୟୁ) : ପାଲଲହଡା ସହରରେ ଅବସ୍ଥାପିତ ଦୁଇଟିଯାକ ମସଜିଦରେ ମୁସଲମାନ ଭାଇମାନଙ୍କ ପକ୍ଷରୁ ଆନନ୍ଦ ଉଲ୍ଲାସର ସହିତ ଇଦଉଲଫିତର ପର୍ବ ମହାସମାରୋହରେ ପାଳନ କରାଯାଇଛି । ସକାଳ ୮ଟା ସମୟରେ ପୁରୁଣାହାଟ ପଦା ସନ୍ନିକଟ ଆଏସା ମସଜିଦରେ ନମାଜ ପାଠ ହେଇଥିଲା । ଏଥିରେ ମୌଲାବି ହାବିଉଲ ଅହମଦ ନମାଜପାଠ କରାଇଥିଲେ ।

ମସଜିଦର ମୁଖ୍ୟ ପରିଚାଳକ ମହମ୍ମଦ ଅନବାର ଖାଁ, ମହମଦ ଶେଖ ଅବଦୁଲା, ଇସ୍ମାଇଲ ଖାଁ, ଇବ୍ରାହିମ ଖାଁ, ଇସଲାମ ଖାଁ ପ୍ରମୁଖ ଶତାଧିକ ମୁସଲମାନ ଭାଇମାନଙ୍କୁ ନମାଜ ପାଠ କରାଇଥିଲେ । ଠିକ ସେହିପରି ଉଦିତନଗରସ୍ଥିତ ଜାମା ମସଜିଦରେ ମୌଲାବି ରାଜା ଖାଁ ସାମୁହିକ ନମାଜ ପାଠ କରାଇଥିଲେ ।

ମସଜିଦର ମୁଖ୍ୟ ପରିଚାଳକ ଅନବର କୁରସି, ଯିମନ ମଲିକ, ଏସକେ ସନିଆ, ମହମ୍ମଦ ଦାଉଦ ଅଲ୍ଲୀ ପ୍ରମୁଖ ଶତାଧିକ ମୁସଲମାନ ଭାଇ ଅଂଶ ଗ୍ରହଣ କରି ସାମୁହିକ ନମାଜ ପାଠରେ ଯୋଗଦେଇଥିଲେ। ଦୁଇଟିଯାକ ମସଜିଦରେ ପାଲଲହଡା, ତେଲକୋଇ, ଜଗମୋହନପୁର, ଖମାର, ବାରକୋଟ ଏବଂ ଦେବଗଡ଼ ଅଞ୍ଚଳରୁ ପ୍ରାୟ ପାଞ୍ଚସହରୁ ଅଧିକ ମୁସଲମାନ ଭାଇ ଯୋଗ ଦେଇଥିଲେ । ସେମାନେ ପରସ୍ପରକୁ ଆଲିଙ୍ଗନକରି ଇଦ ମୁବାରକ ଜଣେଇଥିଲେ ଏବଂ ପୃଥିବୀରେ ଶାନ୍ତି ବଜାୟ ରଖିବା ପାଇଁ କାମନା କରିଥିଲେ ।

# ଅଣସାକ୍ଷରଙ୍କୁ ଶିକ୍ଷା ବିଭାଗର ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ



ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଅଣସାକ୍ଷରତା ନିରାକରଣ ପାଇଁ ଏକ ପରୀକ୍ଷା ଏଫଏଲଏନଏଟି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏହାର ମୁଖ୍ୟ ଲକ୍ଷ୍ୟ ହେଲା ଅଣସାକ୍ଷରଙ୍କୁ ଲେଖିବା, ପଢିବା, ଅକ୍ଷର ଲେଖା ଅଭ୍ୟାସ ସହ ଶିକ୍ଷିତ ଅଭିଯାନକୁ ତ୍ୱରାନ୍ୱିତ କରାଇବା ଯାହାକି ଆଜିର ସମାଜରେ ଅପରିହାର୍ଯ୍ୟ ବୋଲି ଆୟୋଜକ ମାନେ ମତ ପ୍ରକାଶ କରିଛନ୍ତି । ହିନ୍ଦୋଳ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିହର ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ନୋଡାଲ ତଥା ସହ-ଶିକ୍ଷା ଅଧିକାରୀ ପ୍ରକାଶ କୁମାର ପ୍ରଧାନ, ୧୭ଜଣ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ବ୍ୟବସ୍ଥା ସମ୍ବନ୍ଧରେ ତଦାରଖ କରିଥିଲେ। ତେବେ ୧୮୩ ପରୀକ୍ଷା କେନ୍ଦ୍ରରେ ୬୫୭ ଜଣ ପୁରୁଷ ଓ ୨୧୪୯ ମହିଳା ସର୍ବମୋଟ ୨୮୦୬ ଜଣ ଅଣସାକ୍ଷର ପରୀକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ । ତେବେ ରାଜ୍ୟ ଶିକ୍ଷାବିଭାଗ ଯୋଜନା ଅନୁଯାଇ ହିନ୍ଦୋଳ ବ୍ଲକ ଶିକ୍ଷାବିଭାଗ ପକ୍ଷରୁ ଅଣସାକ୍ଷରଙ୍କୁ ସାକ୍ଷର କରିବା ଅଭିଯାନଙ୍କୁ ଅଞ୍ଚଳବାସୀ ଉଚ୍ଚପ୍ରଶଂସା କରିଛନ୍ତି ।

## ବିପୁଳ ପରିମାଣର ମଦ ଜବତ, ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ସଦର ପୋଲିସ ଏକ ଅବୈଧ ବିଦେଶୀ ମଦ ବିକ୍ରି ଅଭିଯୋଗ ରେ ନଳିହାଡ଼ ଗ୍ରାମର ପିଣ୍ଟୁ ସ୍ୱାଇଁ(୩୮)ଙ୍କୁ ଗିରଫ କରିଛି । ଅଭିଯୁକ୍ତ ନାଁରେ ବିଭିନ୍ନ ଥାନାରେ ୭ଗୋଟି ମାମଲା ରହିଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି । ୧୦ ବୋତଲ କିଙ୍ଗଫିସର ବିୟର, ୫ ଟିନ ବଡଓ୍ୱାଇଜର ବିୟର , ୧୦ ବୋତଲ ମ୍ୟାକାଁଓ୍ୱେଲ୍ସ ନଂ.୧ ହଓ୍ୱିସ୍କି ଏପରି ମୋଟ ୧୦.୮୦୦ ଲିଟର ବିଦେଶୀ ମଦ ଜବତ କରିଛି । ମାମଲା ନଂ ୧୪୭/୨୬ ରେ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି । ଘଟଣାରୁ ପ୍ରକାଶ ଯେ, ୨୦ ରାତିରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ଜଣାପଡ଼ିଲା ଯେ ଅଭିଯୁକ୍ତ ପିଣ୍ଟୁ ସଓ୍ୱାଇଁ ନଳିହଡ଼ାର ବାଲିଆପଟା ଅଞ୍ଚଳରେ ବିନା ଅନୁମତିରେ ସାଧାରଣ ଲୋକଙ୍କୁ ମଦ ବିକ୍ରି କରୁଛନ୍ତି । ପୋଲିସ ଟିମ ସ୍ଥାନରେ ଚଢ଼ାଉ କରି ତାଙ୍କୁ କାବୁ କରିବା ସହ ସେଠାରୁ ଉପରୋକ୍ତ ପରିମାଣର ମଦ ଜବତ କରିଥିଲା । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ମିଳିଲା ମୃତ ଅପରିଚିତ ବ୍ୟକ୍ତିଙ୍କ ପରିଚୟ

ମହୁଲଡିହା,(ସବ୍ୟୁ): ମହୁଲଡିହା ଥାନା ଅନ୍ତର୍ଗତ ନଂ ୫୩ ରାଜ୍ୟ ରାଜପଥ ଗୋଡଭଙ୍ଗା ଘାଟିର ନାକଝରି ପାଖ ପ୍ରଥମ ବାଙ୍କରେ ଜଣେ ଅଜଣା ବ୍ୟକ୍ତିର ମୃତ ଦେହ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ୧୮ ତାରିଖ ସୂଚନା ପାଇ ମହୁଲଡିହା ଥାନା ପୁଲିସ ଜବତ କରିଥିଲା । ଆଜି ୨୦ ତାରିଖ ମୃତକଙ୍କ ଭାଇ ସୁରେନ୍ଦ୍ର ପ୍ରଧାନ (୪୮) ମହୁଲଡିହା ଥାନାରେ ଫଟୋ ଦେଖାଇ ଜଣାଇଲେଯେ ମୃତକ ବିରେନ୍ଦ୍ର ପ୍ରଧାନ (୪୫) ତାଙ୍କ ସାନ ଭାଇ । ମୃତକ ବିରେନ୍ଦ୍ର ମାନସିକ ବିକୃତ ଓ ଜନ୍ମରୁ ମୁକ । ସେ ଅବିବାହିତ ଥିବାରୁ ବାପା ମାଆଙ୍କ ଦେହାନ୍ତ ପରେ ଭାଇ ଭାଉଜଙ୍କ ପାଖରେ ରହୁଥିଲା । ସୁରେନ୍ଦ୍ର ଦେବଗଡ଼ ଜିଲ୍ଲା ଦେବଗଡ଼ ଥାନା ପୁରୁଣାଗଡ଼ ଗ୍ରାମର ସ୍ଥାୟୀ ବାସିନ୍ଦା । ଏବେ ପ୍ରାୟ ୧୫ ବର୍ଷ ହେବ ପାଟଣା ଥାନା ସାହାରପଡ଼ା ଫାଣ୍ଡି ଅନ୍ତର୍ଗତ ମାଛଗଡ଼ ଗ୍ରାମରେ ଥିବା କୁକୁଡ଼ା ଫାର୍ମରେ କାମ କରିବା ସହ ପନିପରିବା ଚାଷ କରି ଜୀବିକା ନିର୍ବାହ କରୁଥିଲେ । ୧୩ ତାରିଖ ସୁରେନ୍ଦ୍ର, ସ୍ତ୍ରୀ ସହିତ ଦେବଗଡ଼ରୁ ମାଛଗଡ ଆସିଥିଲେ । ୧୪ ତାରିଖ ସେ ଘରୁ ବାହାରି ନ ଫେରିବାରୁ ଖୋଜା ଖୋଜି କରି ସାହାରପଡ଼ା ଫାଣ୍ଡିରେ ଅଭିଯୋଗ କରିଥିଲେ । ମହୁଲଡିହା ଥାନା ଆଇଆଇସି ତୁଷାର ନାୟକ ଅନୁସନ୍ଧାନ କରି ବାରିପଦା ଚିକିତ୍ସାଳୟରୁ ଶବ ହସ୍ତାନ୍ତର କରିବାର ବ୍ୟବସ୍ଥା କରୁଥିବା ଜଣାପଡିଛି ।

# ପ୍ରେମ ପ୍ରତାରଣା : ପ୍ରେମିକ ଗିରଫ

ବାଲେଶ୍ୱର, (ସବ୍ୟୁ): ବିବାହର ମିଛ ପ୍ରତିଶ୍ରୁତି ଦେଇ ବର୍ଷେ ହେଲା ପ୍ରେମିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ପ୍ରେମିକା ଗର୍ଭବତୀ ହେବା ପରେ ହାତ ଛାଡ଼ି ଦେଇଥିଲେ ପ୍ରେମିକ । ନ୍ୟାୟ ପାଇଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପ୍ରେମିକଙ୍କୁ ଗିରଫ କରିଛି ।ବାଲେଶ୍ୱର ଜିଲା ବରହମପୁର ଥାନା କେଶିପୁର ପଞ୍ଚାୟତ ଅଞ୍ଚଳର ଯୁବତୀ ବର୍ଷେ ହେବ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ବଡ଼ଗୁଡ଼ଗୁଡ଼ିଆ ଗ୍ରାମର ବଦ୍ରିନାଥ କିସ୍କୁଙ୍କୁ ପ୍ରେମ କରିବା ସହ ଶାରୀରିକ ସମ୍ପର୍କ ରଖିଥିଲେ । ପରେ ମେଡିକାଲ ଚେକଅପ୍ରୁ ସେ ୭ ମାସର ଗର୍ଭବତୀ ହୋଇଥିବା ଜଣାପଡିଥିଲା । ପ୍ରେମିକା ଗର୍ଭବତୀ ହେବା ଜାଣି ହାତ ଛାଡ଼ି ଦେଇଥିଲେ ପ୍ରେମିକ । ନ୍ୟାୟ ପାଇଁ ଯୁବତୀ ଜଣକ ଗାଁର ଆଶାକର୍ମୀଙ୍କ ସହଯୋଗ ନେଇ ବରହମ୍ପୁର ଥାନାରେ ଗତ ଗୁରୁବାର ଲିଖିତ ଅଭିଯୋଗ କରିଥିଲେ । ଆଇଆଇସି ପ୍ରେମଦା ନାୟକ ଉକ୍ତ ଅଭିଯୋଗକୁ ଆଧାର କରି ବହରମପୁର ଥାନାରେ ଏକ ମାମଲା (ନଂ. ୩୮/୨୬) ରୁଜୁ କରି ଯୁବତୀଙ୍କୁ ପଚରାଉଚରା ଓ ଡାକ୍ତରୀମାଇନା କରି ତଦନ୍ତ ଆରମ୍ଭ କରିଥିଲେ । ଗୁରୁବାର ରାତିରେ ପ୍ରେମିକ ବଦ୍ରିନାଥଙ୍କୁ ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳରୁ ବହରମପୁର ଆଇଆଇସି ଗିରଫ କରିଥିଲେ । ଶୁକ୍ରବାର ବଦ୍ରିନାଥଙ୍କୁ ଡାକ୍ତରୀମାଇନା ପରେ କୋର୍ଟଚାଲାଣ କରାଯାଇଛି । ଏପରି ସ୍ଥଳେ ଅନ୍ତଃସତ୍ତ୍ୱା ପ୍ରେମିକା ବାଲେଶ୍ୱର ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି ।

## ଚୋରି ହୋଇଥିବା ଟ୍ରାକ୍ଟର ଜବତ, ୩ ଗିରଫ

ବାଲେଶ୍ୱର,(ସବ୍ୟୁ): ବାଲିଆପାଳ ବ୍ଲକ୍ ନିଖିରା ପଞ୍ଚାୟତ ସେତପୁରା ଗ୍ରାମର ଗୀତାରାଣୀ ଦାସଙ୍କ ଟ୍ରାକ୍ଟରଟି ଗତ ଜାନୁଆରି ୧୪ ତାରିଖରେ ଚୋରି ହୋଇଥିବା ନେଇ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଥାନାରେ କେଶ୍ ନମ୍ବର ୧୪୨/୨୬ରେ ମାମଲା ରୁଜୁ କରି ତଦନ୍ତ ଜାରିରଖିଥିଲା। ବାଲେଶ୍ୱର ସହର ଉପକଣ୍ଠ ଫୁଲାଡ଼ି ଅଞ୍ଚଳରୁ ଚୋରି ଟ୍ରାକ୍ଟରଟି ଜବତ କରିବା ସହିତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଏହି ଘଟଣାରେ ସଂପୃକ୍ତ ଥିବା ତିନି ଅଭିଯୁକ୍ତ ହିମାଂଶୁ ପାତ୍ର, ବାମପଦା ଅଞ୍ଚଳର ଦୀପକ ପାତ୍ର,ସରସ୍ୱତୀପୁରର ଜୟଦେବ ମଣ୍ଡଳଙ୍କୁ ବାଲିଆପାଳ କୋର୍ଟରେ ହାଜର ପରେ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ତଦନ୍ତ ଜାରି ରହିଛି ବୋଲି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ବସ୍ତା ଏସ୍‌ଡିପିଓ ମାନସ କୁମାର ଦେଓ। ଏହି ସମ୍ମିଳନୀରେ ଆଇଆଇସି ସାଲଖାନ ମୁର୍ମୁ, ସବ୍ ଇନ୍ସପେକ୍ଟର ଶୁଭସ୍ମିତା ପାଳ, ଏସ୍‌ଆଇ ପ୍ରମୋଦ କୁମାର ମଲ୍ଲିକ, ପ୍ରେମ ପ୍ରତାପ ବାହିନୀ, ଦେବେନ୍ଦ୍ର ବେହେରା ପ୍ରମୁଖ।

## ବସ୍ତା ଥାନା ବରୁଣଗଡ଼ିଆ ଡାକଘରୁ ଚୋରି

ବାଲେଶ୍ୱର,(ସବ୍ୟୁ): ବସ୍ତା ଥାନା ଅଧୀନ ବରୁଣଗଡ଼ିଆସ୍ଥିତ ଶାଖା ଡାକଘରୁ ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ଅପରାହ୍ନରେ ପୋଷ୍ଟ ମାଷ୍ଟର ଦେବାଶିଷ ଦତ୍ତ ତାଲା ମାରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଭିତରେ ପଶି ନଗଦ ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବସ୍ତା ପୁଲିସ ପହଞ୍ଚି ତଦନ୍ତ କରିଛି। ଡାକଘରୁ ୧୦ ହଜାର ନଗଦ ଟଙ୍କା ସହିତ ଗ୍ରାହକମାନଙ୍କ ଜମାଖାତା, ପ୍ରିଣ୍ଟର ମେସିନ୍ ସମେତ ଅନ ସାମଗ୍ରୀ ଲୁଟ୍ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ରେଶମ ସାଧନ କେନ୍ଦ୍ର ଉଦ୍‌ଘାଟିତ

ଠାକୁରମୁଣ୍ଡା,(ସବ୍ୟୁ):ଟସର ସିଲକର ମୂଲ୍ୟ ଯୁକ୍ତ ବ୍ୟବସାୟ ବୃଦ୍ଧି ଲକ୍ଷ୍ୟରେ ଠାକୁରମୁଣ୍ଡା ଠାରେ ଶୁକ୍ରବାର ଦିନ କେନ୍ଦ୍ରୀୟ ରେଶମ ବୋର୍ଡ ଦ୍ୱାରା ଏକ ରେଶମ ସାଧନ କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଭାରତ ସରକାରଙ୍କ ବୟନ ଶିଳ୍ପ ବିଭାଗ ଅଧିନସ୍ଥ କଟକ ସ୍ଥିତ ରେଶମ ବୈଷୟିକ ସେବା କେନ୍ଦ୍ର (ଏସଟିଏସସି ) ଦ୍ୱାରା ଏହି ସାଧନ କେନ୍ଦ୍ର ସ୍ଥାପିତ ହୋଇଛି । ଭାରତ ସରକାରଙ୍କ ସିଲକ ସମଗ୍ର -୨ ଯୋଜନାରେ ଟସର ଉତ୍ପାଦନ ପରବର୍ତ୍ତୀ କୌଶଳ ବ୍ୟବହାର ଦିଗରେ ସ୍ଥାନୀୟ ମହିଳା ମାନଙ୍କ ଦକ୍ଷତା ବୃଦ୍ଧି ଏହାର ଲକ୍ଷ୍ୟ ବୋଲି ଅତିଥି ମାନେ ଯୋଗଦେଇ ସୂଚନା ଦେଇଥିଲେ । ରେଶମ ସାଧନ କେନ୍ଦ୍ର ବୈଜ୍ଞାନିକ ତଥା ରେଶମ ବୈଷୟିକ ସେବା କେନ୍ଦ୍ର ପରିଚାଳକ ଅମ୍ରିତ ଲାୟକ ଯୋଗଦେଇ ଉଦଘାଟନ କରିଥିଲେ । ଏହି ଅବସରରେ ଅତିରିକ୍ତ ରେଶମଶିଳ୍ପ ନିର୍ଦ୍ଦେଶକ, ବାରିପଦା, ନିରଞ୍ଜନ ମଲ୍ଲିକ, ଆରଏସଆରଏସ, ବାରିପଦାର



ବୈଜ୍ଞାନିକ ଅଗସ୍ତି ଗଣେଶନ, ବିଏସଏମଟିସି ବୈଜ୍ଞାନିକ ସବୁଜ ଗାଙ୍ଗୁଲି, ଟିଆରସିଏସ, କେନ୍ଦୁଜିଆଣୀ ସମ୍ପାଦକ ପ୍ରଦୀପ ପ୍ରଧାନ ପ୍ରମୁଖ ଏହି ଅବସରରେ ଅତିଥି ଭାବେ ଯୋଗଦେଇ ମହିଳା ମାନେ କିପରି ଟସରରୁ ବିଭିନ୍ନ ଉତ୍ପାଦ ବଜାରରେ ବିକ୍ରି କରି ସ୍ୱବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଉଦବୋଧନ ଦେଇ ଅମ୍ରିତ ଲାୟକ କହିଲଯେ,ରେଶମ ସାଧନ କେନ୍ଦ୍ର ଟସର ସୁତା କଟାଳି ଏବଂ ଚାଷୀଙ୍କୁ ତାଲିମ, ଜ୍ଞାନ କୌଶଳ ପ୍ରଦର୍ଶନ ଓ ସଚେତନତା ସୃଷ୍ଟି ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ସାଧନ କେନ୍ଦ୍ରରେ ସ୍ମାର୍ଟ ଟିଭି, ଦୃଶ୍ୟଶ୍ରାବ୍ୟ ଉପକରଣ,ଲାପ ଟପ, ସୁତା କଟା ମେସିନ ଆଦି ବ୍ୟବହାରିକ ତାଲିମ ପାଇଁ କେନ୍ଦ୍ରୀୟ ରେଶମ ବୋର୍ଡ ଦ୍ୱାରା ଉପଲବ୍ଧ ରହିଛି । ଯେହେତୁ ଠାକୁରମୁଣ୍ଡା ଟସର ଉତ୍ପାଦନର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଏବଂ ଏଠାରେ ୩ ଟି ଟସର ସୋସାଇଟି ରହିଛି ତେଣୁ ଏସଆରସି ଟସର ଚାଷୀଙ୍କ କୌଶଳ ବୃଦ୍ଧି ଏବଂ ଭାବ ବିନିମୟର କେନ୍ଦ୍ର ଭାବେ କାର୍ଯ୍ୟ କରିବ । ଠାକୁରମୁଣ୍ଡା ଅଞ୍ଚଳରେ ଟସର ଚାଷ ବୃଦ୍ଧି କ୍ଷେତ୍ରରେ ତାଲିମ ପ୍ରଦାନ କ୍ଷେତ୍ରରେ ମଧ ଏସଆରସି ବ୍ୟବହୃତ ହୋଇପାରିବ ବୋଲି ଶ୍ରୀ ଲାୟକ କହିଥିଲେ । ନିୟମିତ ଭାବେ ଟ୍ରେନିଂ, ସଚେତନତା,ବୈଷୟିକ ପ୍ରଦର୍ଶନ ଫଳରେ ଲୋକଙ୍କ ଭିତରେ ନୂଆ ନୂଆ କୌଶଳ ଉପଯୋଗ ପାଇଁ ଆଗ୍ରହ ବଢାଇବା ଦିଗରେ ରେଶମ ସାଧନ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ଝ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଆରଆରଡିଓ ସହଯୋଗରେ ଏହି ରେଶମ ସାଧନ କେନ୍ଦ୍ର ସ୍ଥାପିତ ହୋଇଛି । ଉଦଘାଟନ ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ସମ୍ପାଦକ ଶରତ କୁମାର ତ୍ରିପାଠୀ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିବାବେଳେ ନିର୍ଦ୍ଦେଶକ ମନୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକା ଦୁଷ୍କର୍ମକାରୀ ଗିରଫ

କେନ୍ଦୁଝର (ଜିପ୍ର):କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ କମାରଯୋଡା ଅଞ୍ଚଳର ଜଣେ ନାବାଳିକାକୁ ଦୁଷର୍ମ କରିଥିବା ଅଭିଯୋଗରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଅଭିଯୁକ୍ତ ହେଲେ ବିହାର ରାଜ୍ୟ ସିୱାନ ଜିଲ୍ଲା ହୁସେନଗଞ୍ଜ ଥାନା ଅଧୀନ ହାର ହାସ ଗ୍ରାମର ଲାଡେନ ଖାନ ଓରଫ ଏମଡି ଲାଡେନ ।ସୂଚନା ଅନୁଯାୟୀ, ଏମଡି ଲାଡେନ ଦୀର୍ଘ ୪ ବର୍ଷ ହେଲା କମାରଯୋଡାର ଜଣେ ବ୍ୟକ୍ତିଙ୍କ ଟାୟାର ଗ୍ୟାରେଜରେ ଟାୟାର ଫିଟିଂ ମେକାନିକ ଭାବେ କାର୍ଯ୍ୟ କରେ । ଏହି ଗ୍ୟାରେଜର ଅପରପାର୍ଶ୍ୱରେ ଏକ ମିଠା ଦୋକାନ ଅଛି । ଏହି ମିଠା ଦୋକାନକୁ ଅଭିଯୁକ୍ତ ଅନେକ ସମୟରେ ଆସନ୍ତି । ତେବେ ୧୬ ତାରିଖ ସୋମବାର ଅପରାହ୍ନରେ ଉକ୍ତ ମିଠା ଦୋକାନରେ ନାବାଳିକା ଜଣକ ଏକୁଟିଆ ଥିଲେ । ତାଙ୍କ ବାପା ମା ଓ ଅନ୍ୟ ସଦସ୍ୟ ମାନେ ମଧ୍ୟାହ୍ନଭୋଜନ କରିବାକୁ ଘରକୁ ଯାଇଥିଲେ । ଏହାର ସୁଯୋଗରେ ଅଭିଯୁକ୍ତଜଣକୁ ଡେଇଁ ମିଠା ଦୋକାନକୁ ଯାଇ ସେଠାରେ ଏକୁଟିଆ ଥିବା ନାବାଳିକାଙ୍କ ସହିତ ବଳାତ୍କାର କରିଥିଲା । ଏହି ସମୟରେ ଦୋକାନକୁ ଅନ୍ୟ ଗ୍ରାହକ ମାନେ ଆସିବାରୁ ଲଡେନ ନାବାଳିକାକୁ ଏ ସମ୍ପର୍କରେ କିଛି ଜଣାଇଲେ ଗମ୍ଭୀର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦେଇ ସେଠାରୁ ପଳାଇ ଯାଇଥିଲା । ପରବର୍ତ୍ତୀ ସମୟରେ ନାବାଳିକା ତାଙ୍କ ପିତାମାତାଙ୍କୁ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଜଣାଇବାକୁ ପରିବାର ପକ୍ଷରୁ ଏ ନେଇ ଲିଖିତ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଆଧାର କରି ପୁଲିସ କେସ ନଂ ୧୧୨/୨୦୨୨ ପୋକ୍ସୋ ଆକ୍ଟ ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିବା ଯୋଡା ଥାନା ଆଇଆଇସି ପ୍ରଶାନ୍ତ କୁମାର ସାମଲ ସୂଚନା ଦେଇଛନ୍ତି।

## ଗୋରୁଗାଡି ଜବତ : ମାମଲା ରୁଜୁ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀର ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥରେ ଚଳାଚଳ କରୁଥିବା ବେଆଇନ ଗୋରୁ ପରିବହନକାରୀ ଗାଡିକୁ ଗତ ୧୯ ତାରିଖ ସକାଳ ୬ଟା ସମୟରେ ପାଳଦାବାଙ୍କ ନିକଟରେ ଅଟକାଇ ପୁଲିସକୁ ସୂଚନା ଦେଇଥିବା ସୌମ୍ୟପ୍ରକାଶ ସାମଲଙ୍କ ଅଭିଯୋଗ ଆଧାରରେ ଥାନାରେ ୧୩୫/୨୬ନଂ ମାମଲା ରଜୁ ହୋଇଛି। ନିଜ ବ୍ୟବସାୟିକ କାର୍ଯ୍ୟରେ ଭଦ୍ରକ ଯାଉଥିବା ବେଳେ ସଂପୃକ୍ତ ସ୍ଥାନରେ ଅତି ଅମାନୁଷିକ ଭାବେ ଗୋରୁ ପରିବହନ କରାଯାଉଥିବା ଦେଖି ସୌମ୍ୟ ଓଡି-୨୨-ବି-୫୭୩୬ନଂ ପିକଅପ ଭ୍ୟାନକୁ ଅଟକାଇଥିଲେ। ଭ୍ୟାନରେ ମୋଟ ୧୩ଟି ଗୋରୁ ଅତି ଅମାନୁଷିକ ଭାବେ ବନ୍ଧା ହୋଇଥିଲେ। ସେଥିମଧ୍ୟରୁ ୨ଟି ଗୋରୁ ମୃତ୍ୟୁବରଣ କରିସାରିଥିଲେ। ଅବଶିଷ୍ଟ ୧୧ ଗୋରୁକୁ ଚାନ୍ଦିମାଳ ଗୋଶାଳାକୁ ପୁଲିସ ପଠାଇଥିଲା। ମାତ୍ର ଭ୍ୟାନ ଚାଳକ ଓ ମାଲିକ ଫେରାର ହୋଇଯାଇଥିଲେ।

## ଘାଟ ବାଲିଯୋଡିରେ ବନାଗ୍ନୀ ସଚେତନତା ସଭା

ପାଟଣା, (ସବ୍ୟୁ): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ତଣ୍ଡ ବିଟର ଘାଟ ବାଲିଯୋଡି ଗାଁ ରେ ବନାଗ୍ନୀ ସଚେତନତା ସଭା ସହ ପଦଯାତ୍ରା ଅନୁଷ୍ଠିତ ହେଇଯାଇଛି,ଏହି ସଭା ରେ ମୁଖ୍ୟ ଅତିଥି ଭାବେ ପାଟଣା ବିଜେପିର ଭାଜପା ମଣ୍ଡଳର ସଭାପତି ବ୍ରଜକିଶୋର ସେଠୀ ଏବଂ ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦାରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ସମ୍ପାଦିତ ହେଇଥିଲା।ସଭା ରେ ଅଟେଇ



ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ୯ ଗୋଟି ବନସୁରକ୍ଷା ସମିତି ର ସମସ୍ତ ସଭାପତି ଏବଂ ଆନିମେଟର ମାନଙ୍କ ସହିତ ୫ ଜଣ ଲେଖାଏଁ ସଦସ୍ୟ ସଭାରେ ଯୋଗ ଦେଇଥିଲେ ।ତଣ୍ଡ ବନରକ୍ଷୀ ଦୀପକ ସୱାଇଁ ସଭାକାର୍ଯ୍ୟ ପରିଚାଳନା ଲାରିଥିଲ ଜଙ୍ଗଲର ନିଆଁ କୁ କିପରି ରୋକା ଯାଇ ପାରିବ ଜଙ୍ଗଲୀ ଜୀବଜନ୍ତୁମାନଙ୍କୁ ନିଆଁ ଦାଉରୁ କିପରି ସୁରକ୍ଷା ଦିଆ ଯାଇ ପାରିବ ଲଘୁବନଯାତ ଦ୍ରବ୍ୟ ଯଥା ମହୁଲ, କେନ୍ଦୁପତ୍ର, ଶାଳ ପତ୍ର କୁ କି ଭଳି ଭାବରେ ସୁଚାରୁ ରୂପେ ସଂଗ୍ରହ କରା ଯାଇ ପାରିବ ସେହି ବିଷୟରେ ସଭାରେ ଆଲୋଚନା କରାଯିବା ସହ ସଚେତନତା ମଧ କରାଯାଇଥିଲା।

## ଘୁର୍ଣ୍ଣିଝଡ ପ୍ରଭାବିତ ଲୋକଙ୍କୁ ଖଜୁରୀଡିହା ଦୋକାନୀ ସଂଘର ସହାୟତା

ପାଟଣା:କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ଖୁଜରିଡିହା ଦୋକାନୀ ସଙ୍ଗ ତରଫରୁ ଘୁର୍ଣ୍ଣିଝଡ ପ୍ରଭାବିତ ଲୋକମାନଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଦରି ପଞ୍ଚାୟତର ଡୁମୁରିଆ ଗ୍ରାମର ଲୋକମାନଙ୍କୁ ଖଜୁରୀଡିହା ଦୋକାନୀ ସଂଘର ସୌମ୍ୟରଞ୍ଜନ ମହାନ୍ତ ନରେଶ ଚନ୍ଦ୍ର ମହାନ୍ତ ନିର୍ମଳ ଚନ୍ଦ୍ର ମହାନ୍ତ ସଞ୍ଜୟ କୁମାର ପାତ୍ର ପ୍ରଶାନ୍ତ କୁମାର ପାତ୍ର ଙ୍କ ସହ ବହୁ ଦୋକାନୀ ମିଶି ଏକ ଅଟୋରେ ଶୁଖିଲା ଖାଦ୍ୟ କଦଳୀ ଚୁଡା ଗୁଡ ବିସ୍କିକୁଟୁ ପାଣି ବତଲ ନେଇ ତାଙ୍କ ଗାଁ କୁ ଯାଇ ଦେଇଥିଲେ।

# ଭଦ୍ରକରେ ଇଦ-ଉଲ-ଫିତର ପାଳିତ

ଭଦ୍ରକ,(ସବ୍ୟୁ): :ଉତ୍ସାହ ସହ ଭଦ୍ରକ ଭାଇଚାରା ସହରରେ ଶନିବାର ପବିତ୍ର ଇଦ-ଉଲ-ଫିତର ପର୍ବ ପାଳିତ ହୋଇଯାଇଛି। ଭଦ୍ରକ ପୁରୁଣାବଜାର ସ୍ଥିତ ଜାମା ମସଜିଦରେ ସକାଳ ୯.୧୫ ମିନିଟ ଓ କୁଆଁସ କଦମ୍ବବେଡା ସ୍ଥିତ ଇଦଘା ଠାରେ ସକାଳ ୯. ୩୦ ମିନିଟ ସମୟ ସମେତ ସହରଅଂଚଳରେ ୩୮ ମସଜିଦ ଓ ଗ୍ରାମାଂଚଳର ୭ଟି ମସଜିଦ ସହିତ ୪୫ମସଜିଦ ଏବଂ ଭଦ୍ରକ ଜିଲ୍ଲାରେ ୧୪୬ଟି ମସଜିଦରେ ହଜାର ହଜାର ସଂଖ୍ୟାରେ ଇସଲାମ ଧର୍ମ ସାମ୍ପ୍ରଦାୟର ବ୍ୟକ୍ତି ନୂତନ ବସ୍ତ୍ର ପରିଧାନ କରି ନିର୍ଦ୍ଧାରିତ ସମୟରେ ସମୂହ ନମାଜ ପାଠ କରାଯାଇଥିଲା। ଭଦ୍ରକ ଜାମା ମସଜିଦରେ ହାଫିଜ ଓ କାରୀ ମହମ୍ମଦ ସାଦିକ ହୋସେନ ଓ ଇଦଘାରେ ହାଫିଜ ଅବଦୁଲ ଦୟାନ ମୁସଲମାନ ଧର୍ମାବଲମ୍ବିଙ୍କୁ ନମାଜ ପାଠ କରାଇବା ସହ ନୀତିନିଷ୍ଠ ଜୀବନ ଯାପନ ପାଇଁ ପରାମର୍ଶ ଦେଇଥିଲେ। ନମାଜପାଠ ପରେ ଉଭୟ ହିନ୍ଦୁ ଭାଇଙ୍କ ସହିତ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ ମୁବାରକ ଜଣାଇଥିଲେ। ରମଜାନର ରୋଜା ଅର୍ଥ କେବଳ ଦିନସାରା ଭୋକିଲା ରହିବା ନୁହେଁ, ବରଂ ଆତ୍ମା ମଧ ଈଶ୍ୱରଙ୍କ ସାନିଦ୍ଧ ଲାଭ ପାଇଁ କ୍ଷୁଦ୍ଧାର୍ଥ ରହିଥାଏ ଏବଂ ଇଦ ପର୍ବ ଖୁସୀ,ତ୍ୟାଗ,ଦାନ,ପ୍ରୀତି,ଶାନ୍ତି ଶୃଙ୍ଖଳା ସହ ଭାଇଚାରା ସହିତ ପର୍ବ ପାଳନକୁ ଇଦ ପର୍ବ କୁହାଯାଏ ବୋଲି ମୁସଲିମ ଜମାତର ମିଡ଼ିଆ ସେଲ ସଂଯୋଜକ ଶେଖ ଅନୱର (ବାବୁ) ନମାଜ ପାଠ ପରେ କହିଛନ୍ତି। ଚଳିତ ବର୍ଷ ଚନ୍ଦ୍ର ଦୃଶ୍ୟର ପ୍ରମାଣ ମିଳିନ ଥିବାରୁ ୩୦ ରୋଜା ଓ ୩୦ ତରାବୀ ନମାଜ ପାଠ ହେବ ବୋଲି ଭଦ୍ରକ ମୁସଲିମ ଜମାତରେ ହଲାଲ କମିଟି ଘୋଷଣା କରିଥିଲା। ଆଜି ପବିତ୍ର ଦିବସ ପାଇଁ ସହର ଓ ଗ୍ରାମାଂଚଳର ସମସ୍ତ ମସଜିଦରେ ବିଭିନ୍ନ ଆଲୋକ ମାଳାରେ ସଜା ଯାଇଥିବା ଦେଖିବାକୁ ମିଳିଥିଲା। ଜାମା ମସଜିଦ ଠାରେ ମସଜିଦ ସଭାପତି ହାଜୀ କାସିମ ଖାନ,ସମ୍ପାଦକ ଶେଖ ହାଫିଜୁଲ୍ଲା,ମୁସଲିମ ଜମାତର ସାଧାରଣ ସମ୍ପାଦକ ହାଜୀ ଇନାମ ମହମ୍ମଦ ଏବଂ ଇଦଘା ଠାରେ ମୁସଲିମ ଜମାତର ଉପ-ସଭାପତି ମହମ୍ମଦ ଜକାଉଲ୍ଲା,ସମ୍ପାଦକ ହାଜୀ ଅବଦୁଲ ମୁକିତ ଖାନ,ହାଜୀ କୈୟୁମ ସାହା,ଅସରଫ ଅଲି ଖାନ,ମିର୍ଜା ଏକ୍ରାମ ବେଗ,ଜମିଲ ଅଖତର ଖାନ,ଅଖତର ଅଲି ଖାନ ଓ ଶେଖ ନଇମ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଇଦ ପର୍ବ ଅବସରରେ ସମାଜସେବୀ ଶେଖର ମହାପାତ୍ର,ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ନଳିନୀ ମହାନ୍ତି,ଅସିତ ପଟ୍ଟନାୟକ ଓ ଦିଲୀପ ନାୟକ ସମେତ ବହୁ ରାଜନୈତିକ ନେତୃବୃନ୍ଦ ଉପସ୍ଥିତ ରହି ଇଦ ଶୁଭେଚ୍ଛା ଜଣାଇଥିଲେ। ଭଦ୍ରକ ଏସପି ମନୋଜ କୁମାର ରାଉତ,ଅତିରିକ୍ତ ଏସପି ଡିଆଇବି ଅଂଶୁମାନ ଦିବେଦୀ,ସିଟି ଡିଏସପି ଅନିଲ ପ୍ରଧାନ,ପୁରୁଣାବଜାର ଥାନା ଅଧିକାରୀ ଓ ଟାଉନ ଥାନା ଅଧିକାରୀଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀମାନେ ମଧ ମୁସଲମାନ ଭାଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଇଦ-ଉଲ-ଫିତର ପାଳନ ଅବସରରେ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ବନ ବିଭାଗ ପକ୍ଷରୁ ବନ ଦିବସ ୨୦୨୬ ପାଳନ

ନୀଳଗିରି,(ସବ୍ୟୁ): ବାଲେଶ୍ୱର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ କୁରୁଡା ସ୍ଥିତ ଡିଭିଜନ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ କରାଯାଇଛି । ଓଡିଶାର ପୂର୍ବତନ ପି.ସି.ସି.ଏଫ୍ ଏବଂ ଏଚ. ଓ. ଏବଂ.ଏଫ ଡଃ.ଦେବବ୍ରତ ସ୍ୱାଇଁ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଆମନ୍ତ୍ରିତ ଅତିଥି ଭାବରେ ଓଡ଼ିଶାର ବନ୍ୟଜନ୍ତୁ ରାଜ୍ୟ ବୋର୍ଡର ସଦସ୍ୟ ଡକ୍ଟର ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଉପସ୍ଥିତ ଥିଲେ। ସିଦ୍ଧାର୍ଥ ପତି ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡିଭିଜନାଲ ଫରେଷ୍ଟ ଅଫିସର ବାଲେଶ୍ୱର ବନ ବିଭାଗ ଅଧକ୍ଷତା କରିଥିଲେ। ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ସର୍ବଶ୍ରୀ ସୁବ୍ରତ ନାୟକ, ସଚିବ, ପ୍ରଭା ଏନଜିଓ, ଅଶ୍ୱିନୀ କୁମାର ଦାସ, ସମ୍ମାନିତ ବନ୍ୟପ୍ରାଣୀ ୱାର୍ଡେନ, ଏବଂ ଆଇ.ୟୁ.ସି.ଏନ ଏସ.ଏସ.ସି ବି.ଏସ.ଜି ର



ସଦସ୍ୟ ଡକ୍ଟର ପ୍ରକାଶ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ। ବିଭିନ୍ନ ରେଞ୍ଜର ସହକାରୀ ବନ ସଂରକ୍ଷକ (ଏ.ସି.ଏଫ), ରେଞ୍ଜ ଅଧିକାରୀ, ବନ କର୍ମଚାରୀ, ଭି.ଏସ.ଏସ ସଦସ୍ୟ ଏବଂ ଗଜ ସାଥୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ୨୦୨୫ ମସିହାରେ ବୃକ୍ଷରୋପଣ ଏବଂ ବନୀକରଣ କାର୍ଯ୍ୟକଳାପରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ, ସୁବର୍ଣ୍ଣରେଖା ମହାବିଦ୍ୟାଳୟ ବାଲିଆପାଳ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ର ଏନ୍.ଏସ.ଏସ ୟୁନିଟ ଗୁଡ଼ିକୁ ପ୍ରମାଣପତ୍ର ସହିତ ପ୍ରତ୍ୟେକଙ୍କୁ ୧୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

## ନବଜ୍ୟୋତିଙ୍କ ହସ୍ତକ୍ଷେପ ପରେ ଗାଁକୁ ହେଲା ରାସ୍ତା ନିର୍ମାଣ

ବାଲେଶ୍ୱର,(ସବ୍ୟୁ): ବସ୍ତା ବ୍ଲକ୍ ଅନ୍ତର୍ଗତ ବାସୁଚକୁରାଇ ପଞ୍ଚାୟତର ବସନ୍ତରି ସାହି ଆଦିବାସୀ ଗାଁକୁ ଯିବା ପାଇଁ ଭଲ ରାସ୍ତା ନାହିଁ। ପୁଣି ଜଳକା ନଦୀର ଶାଖା ସୁନାମୁହିଁ କେନାଲ ଏହି ରାସ୍ତାକୁ ଲାଗିଥିଲା ବେଳେ ପ୍ରତିବର୍ଷ ଗାଁ ରାସ୍ତା ଖାଇଖାଇ ଚାଲିଛି। ଏନେଇ ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ସୁଧାଂଶୁ ଶେଖର ଜେନାଙ୍କୁ ଜଣାଇଥିଲେ ଗ୍ରାମବାସୀ। ଶ୍ରୀ ଜେନା ଏ ବିଷୟରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସଦସ୍ୟ ନବଜ୍ୟୋତି ପଟ୍ଟନାୟକଙ୍କୁ ଅବଗତ କରାଇଥିଲେ। ଶ୍ରୀ ପଟ୍ଟନାୟକଙ୍କ ଉଦ୍ୟମରେ ବସନ୍ତରି ସାହିରେ ନୂତନ ରାସ୍ତା ନିର୍ମାଣ ସମେତ ପଥର ପେକିଂ କାମ ଆରମ୍ଭ ହୋଇଛି। ଏଥିପାଇଁ ଶ୍ରୀ ପଟ୍ଟନାୟକ ଓ ଶ୍ରୀ ଜେନାଙ୍କ ସହ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଦାସ, କଂଗ୍ରେସ କୃଷକ ସେଲ୍ ସଭାପତି ନରେନ୍ଦ୍ର ଦାସ ଓ ପଞ୍ଚାୟତ କଂଗ୍ରେସ ସଭାପତି ମାୟାଧର ବେହେରାଙ୍କୁ ଧନ୍ୟବାଦ ଜଣାଇଛନ୍ତି ଗ୍ରାମବାସୀମାନେ।

## ତେଲେଙ୍ଗା କଟୁରୀ ବେକରେ ଲଗାଇ ଲୁଟ

ନୀଳଗିରି,(ସବ୍ୟୁ): ନିଳଗିରି ଥାନା ଅନ୍ତର୍ଗତ ଅଯୋଧ୍ୟା ଜାମବଣି ରାସ୍ତାରେ ଜନୈକ ଯୁବକଙ୍କ ବେକରେ ତେଲେଙ୍ଗା କଟୁରୀ ଲଗାଇ ୨ଜଣ ଅଜଣା ଯୁବକ ଏକ ମୋବାଇଲ୍ ସହ ପର୍ଶରେ ଥିବା ୫ ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ନିଳଗିରି ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ମହିଷାପଟା ଗ୍ରାମର ବୈଦ୍ୟନାଥ ସିଂଙ୍କ ପୁଅ ତପନ କୁମାର ସିଂ (୨୬) ଗତ ୨୦ତାରିଖ ସନ୍ଧ୍ୟା ପ୍ରାୟ ୭ରୁ ୮ଟା ମଧ୍ୟରେ ଘରକୁ ଫେରୁଥିବା ସମୟରେ ଅଯୋଧ୍ୟା ପଟୁ ଏକ ବାଇକରେ ଦୁଇ ଜଣ ଅଚିହ୍ନା ଯୁବକ ତାଙ୍କୁ ଅଯୋଧ୍ୟା ଜାମବଣି ରାସ୍ତାର ନିଛାଟିଆ ଜାଗାରେ ଅଟକାଇ ବେକରେ ତେଲେଙ୍ଗା କଟୁରୀ ଲଗାଇ ତାଙ୍କର ମୋବାଇଲ୍ ଓ ମନି ପର୍ସରେ ଥିବା ୫ ହଜାର ଟଙ୍କା ଲୁଟ୍ କରି ମିତ୍ରପୁର ଆଡ଼କୁ ପଳାଇ ଯାଇଥିଲେ। ଏନେଇ ତପନ ସିଂ ନିଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ଦୁଷ୍କର୍ମ ପରେ ବିଧବା ଆଦିବାସୀ ମହିଳାଙ୍କୁ ହତ୍ୟା ଧମକ

ନୀଳଗିରି ,(ସବ୍ୟୁ) :ନୀଳଗିରି ଉପଖଣ୍ଡ ବରହମପୁର ଥାନା ଅଂଚଳରେ ଜନୈକ ଆଦିବାସୀ ବିଧବା ମହିଳାଙ୍କୁ ଏକୁଟିଆ ପାଇ ଦୁଷ୍କର୍ମ କରିବା ସହିତ ହତ୍ୟାଧମକ ଦିଆଯିବା ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟିକରିଛି। ସୂଚନାମୁତାବକ ବରହମପୁର ଥାନା ତେଲିପାଳ ପଞ୍ଚାୟତ କେନ୍ଦୁଆ ଗ୍ରାମର ସ୍ୱର୍ଗତ ଦାମ ମାଝୀଙ୍କ ବିଧବାପତ୍ନୀ ଦୁଲାରି ମାଝୀ ଗତ ୨୦ତାରିଖ ଶୁକ୍ରବାର ନିଜ ବଡଭଉଣୀକୁ ଏକ ଭୋଜି ଖାଇବାକୁ ଯାଇଥିଲେ। ସେଠାରୁ ଫେରୁଥିବା ବାଟରେ ରାତ୍ରି ପ୍ରାୟ ୮ଟା ସମୟରେ ଜଳେଶ୍ୱର ଅଞ୍ଚଳର ଗୋବିନ୍ଦ ଓରଫ ଅଜୟ ହେମ୍ବ୍ରମ (୪୬) ଯିଏକି ବର୍ତ୍ତମାନ କେନ୍ଦୁଆ ଗ୍ରାମରେ ଅବସ୍ଥାନ କରନ୍ତି ଦୁଲାରିକୁ ଏକୁଟିଆ ପାଇ କେନ୍ଦୁଆ ସ୍ଥିତ ପାଣିଟାଙ୍କି ନିକଟରେ ଥିବା ଏକ ବୁଦାପାଖରେ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା ଏବଂ ଘଟଣା ପୋଲିସ ନିକଟରେ କିମ୍ବା ବାହାରେ ପ୍ରକାଶକଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏନେଇ ଦୁଲାରି ୨୧ତାରିଖ ବରହମପୁର ଥାନାରେ ପହଞ୍ଚି ଦୋଷୀବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବାକୁ ଲିଖିତ ଅଭିଯୋଗ କରିଥିଲା। ପୋଲିସ ତତ୍ପରତା ଦେଖାଇ ତୁରନ୍ତ ଅଭିଯୁକ୍ତକୁ ଗିରଫକରିବା ସହିତ ଅଭିଯୁକ୍ତ ଗୋବିନ୍ଦ ଓରଫ ଅଜୟ ଏବଂ ପୀଡ଼ିତା ଦୁଲାରୀର ଡାକ୍ତରୀ ମାଇନାକରିଥିବା ବେଳେ ଅଭିଯୁକ୍ତକୁ କୋର୍ଟ ଚାଲାଣକରିଛି।

## ଦାଉ ସାଜିଲା କାଳ ବୈଶାଖୀ ବର୍ଷା, ମଣ୍ଡିରେ ଓଦା ହେଲା ଧାନ ବସ୍ତା

ବନ୍ତ,(ସବ୍ୟୁ):ଶୁକ୍ରବାର ରାତିରେ ବନ୍ତ ବ୍ଲକରେ କାଳ ବୈଶାଖୀ ବର୍ଷା ଦାଉ ସାଜିଛି । ଫଳରେ ବିଭିନ୍ନ ମଣ୍ଡିରେ ପଡି ରହିଥିବା ଧାନ ବସ୍ତା ଗୁଡିକ ପାଣିରେ ଓଦା ହୋଇ ନଷ୍ଟ ହୋଇଥିବା ଦେଖାଯାଇଛି । ପ୍ରକାଶ ଯେ, ଚଳିତ ଖରିଫ ଋତୁ ପାଇଁ ବନ୍ତ ବ୍ଲକର ବିଭିନ୍ନ ମଣ୍ଡିରେ ଜାନୁଆରୀ ୩ୟ ସପ୍ତାହ ଠାରୁ ଧାନ କିଣା ଆରମ୍ଭ ହୋଇଥିଲା । ଏହି ଧାନ କିଣା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏବେ ବିଭିନ୍ନ ମଣ୍ଡିରେ ଚାଷୀ ମାନେ ଧାନ ବିକ୍ରୟ ପାଇଁ ଧାନ ପକାଇଛନ୍ତି । ମାତ୍ର ଆବଶ୍ୟକ ଟାର୍ଗେଟ ଆସିବାରେ ବିଳମ୍ବ ହେଉଥିବା ଯୋଗୁ ଧାନ କିଣାରେ ବିଳମ୍ବ ହେଉଛି । ଫଳରେ ମଣ୍ଡିରେ ଚାଷୀଙ୍କର ଶହ ଶହ କୁଇଣ୍ଟାଲ ଧାନ ବିକ୍ରି ହୋଇ ନପାରି ପଡି ରହିଛି । ଏପରିପେକ୍ଷୀରେ ଶୁକ୍ରବାର ରାତିରେ କାଳ ବୈଶାଖୀ ବର୍ଷା ଯୋଗୁ ଖୋଲା ଆକାଶ ତଳେ ପଡି ରହିଥିବା ଧାନ ବସ୍ତା ଗୁଡିକ ଓଦା ହୋଇ ନଷ୍ଟ ହୋଇଥିବା ଦେଖାଯାଇଛି । ଏପରି ଏକ ନଜିର ଦେଖିବାକୁ ମିଳିଛି ପଧାନପଡା ସେବା ସମବାୟ ସମିତି ମଣ୍ଡିରେ । ପଧାନପଡା ଗ୍ରାମର ଚାଷୀ ସନୋଜ କୁମାର ସାହୁ ଗତ ସପ୍ତାହରେ ମଣ୍ଡିକୁ ୮୫ କୁଇଣ୍ଟାଲ ଧାନ ବିକ୍ରୟ ପାଇଁ ଆଣିଥିଲେ । ଉକ୍ତ ଧାନ ବସ୍ତା ଗୁଡିକୁ ପଲିଥିନ ପାଲ ଘୋଡାଇ ରଖିଥିବା ବେଳେ ଶୁକ୍ରବାର ବର୍ଷା ହେବା ଯୋଗୁ ପ୍ରାୟ ୧୫ କୁଇଣ୍ଟାଲ ଧାନ ଓଦା ହୋଇ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି । ସେହିପରି ଏହି ମଣ୍ଡିରେ ଅନ୍ୟ କେତେକ ଚାଷୀଙ୍କର ମଧ ଧାନ ବର୍ଷାରେ ଓଦା ହୋଇଯାଇଥିବା ଜଣାଯାଇଛି । ଜିଲା ପ୍ରଶାସନ ମଣ୍ଡିରେ ପଡି ରହିଥିବା ଧାନ ଗୁଡିକୁ କିପରି ସୁରକ୍ଷିତ ଭାବରେ ରହି ପାରିବ ଏବଂ ସେଗୁଡିକୁ ତୁରନ୍ତ କିଣା ଯିବା ନେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀ ମାନେ ଦାବୀ କରିଛନ୍ତି ।

# ଚଢେଇଭଳରେ ଇଦ ପାଳିତ

କରଞ୍ଜିଆ, (ସବ୍ୟୁ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ଚଢେଇଭୋଳ ଗ୍ରାମରେ ଆଜି ମୁସଲିମ ସମ୍ପ୍ରଦାୟ ପକ୍ଷରୁ ପବିତ୍ର ଇଦ ପର୍ବ ଆନନ୍ଦ ସହକାରରେ ପାଳିତ ହୋଇଛି ମାସ ବ୍ୟାପି ମୁସଲମାନ ଭାଇମାନେ ରମଜାନ ବ୍ରତ ପାଳନ ରଖିଥିଲେ । ଶୁକ୍ରବାର ସନ୍ଧ୍ୟାରେ ଚାନ୍ଦ ଦେଖିବାପରେ ଶନିବାର ଦିନ ଇଦ ପାଳନ କରିଛନ୍ତି ଚଢେଇଭୋଳ ଇଦ ଗା ପଡିଆରେ ଏକ ହଜାର ରୁ ଉର୍ଦ୍ଧ ମୁସଲିମ ଲୋକଙ୍କ ସମାଗମ ହୋଇଥିଲା, ମସଜିଦ ର ଇମାମ ସାହେବ ପବିତ୍ର କୋରାନ ପାଠ କରିଥିଲେ ଏହାପରେ ପରେ ଅଭିନନ୍ଦନ ପର୍ବ ଆରମ୍ଭ ହୋଇଥିଲା, ଏଥିରେ



ଭାଇ ଚାରା ସମ୍ପର୍କ ନେଇ ଅନେକ ହିନ୍ଦୁ ଭାଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି କରଞ୍ଜିଆର କବର ସ୍ଥାନ ନିକଟ ଇଦ ଗା ପଡିଆରେ କରଞ୍ଜିଆରେ ବସବାସ କରୁଥିବା ମୁସଲିମ ଲୋକମାଙ୍କର ସମାଗମ ହୋଇଥିଲା। ମସଜିଦର ମୌଲବୀ ସାହେବ ସମସ୍ତଙ୍କୁ ନମାଜ ପାଠ କରାଇଥିଲେ ସେଠାରେ ପରସ୍ପରଙ୍କୁ ଅଭିନନ୍ଦନ ଯାଇଥିଲେ କରଞ୍ଜିଆ ର ସମାଜସେବୀ ତଥା କଂଗ୍ରେସ ଜିଲ୍ଲା ସଭାପତି ଭୁବନ ସାହୁ ସମସ୍ତ ମୁସଲିମ ଭାଇଙ୍କୁ ଶୁଭେଚ୍ଛା ଜଣସି ମିଷ୍ଟାର୍ନ ବଣ୍ଟନ କରିଥିଲେ।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବାଲେଶ୍ୱର,(ସବ୍ୟୁ): ଜଳେଶ୍ୱର ଥାନା ମହମ୍ମଦନଗର ପାଟଣା ସେଖସରାଇ ଗ୍ରାମର ଅଶୋକ ମାଇତି (୩୦) ଶୋଇବା ଘର ଫ୍ୟାନ୍‌ରେ ଫାଶୀ ଲଗାଇ ଝୁଲି ପଡିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ିନି। ଶନିବାର ପୂର୍ବାହ୍ନ ୧୧ଟାରେ ଅଶୋକ ହଠାତ୍ ନିଜ କୋଠରୀ ଭିତରକୁ ପ୍ରବେଶ କରି ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ଘର ଲୋକେ କବାଟ ଭାଙ୍ଗି ଭିତରେ ପ୍ରବେଶ କରିବା ସହ ଅଶୋକଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଜଳେଶ୍ୱର ଜିକେ ଭଞ୍ଜର ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ପୁଲିସରେ ଖବର ଦେଇଥିଲେ । ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ ଚଳାଇଛି ।

## ଡକାୟତ ଗ୍ୟାଙ୍ଗ ଗିରଫ : ମାରଣାସ୍ତ୍ର ଜବତ

ବାଲେଶ୍ୱର,(ସବ୍ୟୁ): ଗୋପାଳପୁର ଥାନା ଅଞ୍ଚଳରୁ ବିଳମ୍ବିତ ରାତିରେ ଏକ ଡକାୟତ ଗ୍ୟାଙ୍ଗକୁ ଗିରଫ କରିବା ସହ ବଡ଼ ଧରଣର ଡକାୟତ ଉଦ୍ୟମ ପଣ୍ଡ କରିଛି ଗୋପାଳପୁର ଥାନା ପୁଲିସ। ବିଳମ୍ବିତ ରାତିରେ କିଛି ଯୁବକ ବଡ଼ ଧରଣର ଡକାୟତି ଉଦ୍ୟମ ପାଇଁ ଯୋଜନା କରୁଥିବା ନେଇ ଗୋପାଳପୁର ଥାନା ଅଧିକାରୀ ମଧୁସ୍ମିତା ସିଂ ଖବର ପାଇଥିଲେ। ସେ ନିଜ ଟିମ୍ ସହ ତୁରନ୍ତ ଚଢ଼ଉ କରିବାରୁ ପୁଲିସକୁ ଦେଖି ଡକାୟତମାନେ ଗୋପାଳପୁର-ବାଲେଶ୍ୱର ରାସ୍ତାରେ ଏକ ଟାଟାଏସି ଗାଡ଼ିରେ ଖସି ପଳାଇଥିଲେ। ପୁଲିସ ସେମାନଙ୍କ ପିଛା କରି ଶାଳଗାଁ ଗ୍ରାମ ନିକଟସ୍ଥ ଜୁଡ଼ି ପୋଲ ନିକଟରେ ଧରିବାକୁ ସକ୍ଷମ ହୋଇ ଥିଲେ । ଧରା ପଡ଼ିଥିବା ଯୁବକମାନେ ହେଲେ ବାଲେଶ୍ୱର ସହର ସୁନହଟ ଅଞ୍ଚଳର ସେକ୍ ରଜାକ (୨୫), ସେକ୍ ରୋହିତ (୨୨) ଓ ଏସ୍ ରାଜା (୨୭) ଏବଂ ନୂଆବଜାର ଅଞ୍ଚଳର ଏସ୍କେ ସାହିଲ (୨୨)। ଗୋପାଳପୁର ପୁଲିସ ଥାନାରେ କେସ୍ ନଂ ୬୫/୨୬ରେ ମାମଲା ରୁଜୁ କରି ୪ ଜଣଙ୍କୁ କୋର୍ଟ ଚାଲାଣ କରିଯାଇଛି। ସେମାନଙ୍କ ପାଖରୁ ହାତ ତିଆରି ବୋମା, ମାରଣାସ୍ତ୍ର, ଦୌଡ଼ି, ଠେଙ୍ଗା, ଲୁହାରଡ୍, ଲୁହା ଚେନ୍, ଓଡି-୦୧ଏଜେ-୭୭୭୨ ନମ୍ବର ବିଶିଷ୍ଟ ଏକ ଏସିଇ ଗାଡ଼ି ଜବତ କରି ଅଧିକ ତଦନ୍ତ ଚଳାଇଛି ପୁଲିସ।

## ଶ୍ରୀରାମ ନବମୀ ମହୋତ୍ସବ ୨୦୨୬ ର ଆଗାମୀ କାର୍ଯ୍ୟକ୍ରମର ବିବରଣୀ ଘୋଷଣା

ଭଦ୍ରକ,(ସବ୍ୟୁ): ଭଦ୍ରକର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପରିଚୟ ବହନ କରୁଥିବା ଶ୍ରୀରାମ ନବମୀ ମହୋତ୍ସବ ମହା ସମାରୋହରେ ପାଳିତ ହେବାକୁ ଯାଉଛି । ଓ ପ୍ରସିଦ୍ଧ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଚଳିତ ବର୍ଷ ଦିବ୍ୟ, ଭବ୍ୟ, ସରସ, ସୁନ୍ଦର ଏବଂ ଚିତ୍ତାକର୍ଷକ ଭାବରେ ଅନୁଷ୍ଠିତ ହେବ ବୋଲି ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରକାଶ କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଶ୍ରୀରାମ ନବମୀ ମହୋତ୍ସବର ଆଗାମୀ କାର୍ଯ୍ୟକ୍ରମର ବିବରଣୀ ଘୋଷଣା କରାଯାଇଛି । କାର୍ଯ୍ୟକ୍ରମ ଗୁ ଯଥାକ୍ରମେ ଆସନ୍ତା ମାର୍ଚ୍ଚ ମାସ ୨୨ ତାରିଖରେ ବାଲ ବଜରଙ୍ଗୀଙ୍କ ସାଇକେଲ ଶୋଭାଯାତ୍ରା, ୨୫ ତାରିଖରେ ମହିଳା କଳସ ଶୋଭାଯାତ୍ରା, ଆଜ୍ଞା ମାଳ ଯାତ୍ରା, ୩ ଦିନ ବ୍ୟାପି ଶ୍ରୀରାମ ନବମୀଯଜ୍ଞ




ଆରମ୍ଭ । ୨୬ ମାର୍ଚ୍ଚରେ ୧୦୮ ହନୁମାନ ଚାଳିଶା ପାଠ କରାଯିବ । ୨୭ ତାରିଖରେ ପବିତ୍ର ଶ୍ରୀରାମ ନବମୀ ଅବସରରେ ଶତାଧିକ ମେଢ଼କୁ ନେଇ ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଉକ୍ତ ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରା ଦିନ ସମସ୍ତ ମେଢ଼ କମିଟି ପାଇଁ ପୂର୍ବରୁ ନିର୍ଦ୍ଧାରିତ ମାର୍ଗ ଦର୍ଶକା ପାଳନ କରିବାକୁ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଅନୁରୋଧ କରାଯାଇଛି। ୨୧ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପି ଗାନ୍ଧିପ ମୀନାବଜାର ଏବଂ ସନ୍ଧ୍ୟାରେ ରାଜ୍ୟର ପ୍ରସିଦ୍ଧି ଅର୍ଜନ କରିଥିବା ସାଂସ୍କୃତିକ ଅନୁଷ୍ଠାନ, ଖ୍ୟାତି ସମ୍ପନ୍ନ ନୃତ୍ୟ ଦଳ ଏବଂ ଲୋକପ୍ରିୟ କଣ୍ଠଶିଳ୍ପୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କରାଯିବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀରାମ ମହାଯଜ୍ଞ ସମିତିର ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ବରିଷ୍ଠ ଉପଦେଷ୍ଟା ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ସମିତିର ସାଧାରଣ ସମ୍ପାଦକ ଶରତ ପିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ ଉପସ୍ଥିତ ରହି ଶ୍ରୀରାମ ନବମୀ ମହୋତ୍ସବର ଗୌରବ ମୟ ଇତିହାସ ପ୍ରକାଶ କରିବା ସହ ସମସ୍ତ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତିର କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ଉପ ସଭାପତି ତ୍ରିଲୋଚନ ନାୟକ, ସମ୍ପାଦକ ଆଇନଜୀବୀ ତୁଷାର କାନ୍ତ ଦାସ ଏବଂ ସାଧୀନ ସୁନ୍ଦର ଦାସ, ସହ କୋଷାଧ୍ୟକ୍ଷ ଶିବ ଶଙ୍କର ଦାସଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ପବିତ୍ର ଇଦ-ଉଲ-ଫିତର ପର୍ବ ପାଳନ

ଧାମନଗର,(ସବ୍ୟୁ):ଧାମନଗର ଅଂଚଳରେ ପବିତ୍ର ଇଦ-ଉଲ-ଫିତର ପର୍ବ ଆନନ୍ଦ ଉଲ୍ଲାସର ସହ ପାଳନ ହୋଇଯାଇଛି। ବିଗତ ଏକ ମାସ ଧରି ନିଷ୍ଠାପର ଭାବେ ରୋଜା ରଖି ମୁସଲମାନ ଭାଇଭଉଣୀମାନେ ଶେଷରେ ଏହି ପବିତ୍ର ପର୍ବକୁ ମହାଆଡମ୍ବରରେ ପାଳନ କରିଥିଲେ। ଶନିବାର ସକାଳେ ହଜାର ହଜାର ସଂଖ୍ୟାରେ ମୁସଲମାନ ଭାଇମାନେ ନୂତନ ବସ୍ତ୍ର ପରିଧାନ କରି ଧାମନଗର ସ୍ଥିତ ଇଦଗା ମୈଦାନରେ ସମବେତ ହୋଇଥିଲେ। ସାଢ଼େଟାରେ ସମୂହ ନମାଜ ପାଠ କରାଯାଇଥିଲା। ଧାମନଗର ଖାନକାସରିଫର ନୂତନ ମତୱଲି ଅଲହାଜ ସୟଦ ହବିବ ରଜା ହବିବି ସମବେତ ମୁସଲମାନଭାଇମାନଙ୍କୁ ନମାଜ ପାଠ କରାଇ ଧର୍ମୀୟ ଉଦବୋଧନ ଦେଇଥିଲେ। ନମାଜ ପାଠ ପରେ ଇଦଗା ମୈଦାନରୁ ଏକ ସୁସଜ୍ଜିତ ଗାଡିରେ ମତୱଲ୍ଲୀଙ୍କୁ ଶୋଭାଯାତ୍ରାରେ ଖାନକାସରିଫ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରେ ଭକ୍ତ ମାନେ ପୀର ବାବା ହଜୁର ମୁଜାହିଦ୍-ଏ-ମିଲ୍ଲତଙ୍କ ଆସ୍ତାନରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଧାମନଗର ଏନଏସି ଅଧକ୍ଷା ନିବେଦିତା ଜେନା,ଧାମନଗର ପଂଚାୟତ ସମିତିର ପ୍ରାକ୍ତନ ଅଧକ୍ଷ ଅଶୋକ କୁମାର ନାୟକ,ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ,ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ,ଉମେଶ ଚନ୍ଦ୍ର ମହାନ୍ତି,ସୁଶାନ୍ତ କୁମାର ରାଉତ,ବିଜେପି ନଗର ସଭାପତି ତଥା ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର,ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ମହାପାତ୍ର,କଂଗ୍ରେସର ବ୍ଲକ ସଭାପତି ରମେଶ ଚନ୍ଦ୍ର ବେହେରା,ନଗର ସଭାପତି ପ୍ରମୋଦ କୁମାର ସ୍ୱାଇଁ,ସଞ୍ଜୟ କୁମାର ମିଶ୍ର,ପ୍ରସନ୍ନ କୁମାର ଧଳ,ରବିନ୍ଦ୍ର କୁମାର ଜେନା,ନରେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ବହୁ ରାଜନେତା ଓ କର୍ମୀ ମୁସଲମାନ ଭାଇମାନଙ୍କୁ ଭେଟି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ସେହିପରି ଦୋବଲ, ମୁସ୍ତଫାପୁର, ଗୁଡିପୋଖରୀ, ପନ୍ଦରବାଟିଆ, ଚୁଡାକୁଟି ଆଦି ସ୍ଥାନରେ ଇଦ୍ ପର୍ବ ପାଳନ କରାଯାଇଥିଲା। ଧାମନଗର ଏସଡିପିଓ ଅନିରୁଦ୍ଧ ମୁଦୁଲି, ଧାମନଗର ଆଇଆଇସି ଶୁଭ୍ରଜିତ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ତଦାରଖ କରାଯାଇଥିବାବେଳେ ଧାମନଗର ସହରର ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା।

# ଜମି, ସମାଜ ଓ ବ୍ୟଙ୍ଗର ସମନ୍ୱୟ 'ଛ ମାଣ ଆଠଗୁଣ୍ଠ'



**ଭାସ୍କର ପରିଚ୍ଛା**

**ପୁନରାବଲୋକନ-୩**

ଫକୀରମୋହନ ସେନାପତିଙ୍କ 'ଛ ମାଣ ଆଠଗୁଣ୍ଠ' କେବଳ ଓଡ଼ିଆ ସାହିତ୍ୟର ଏକ ଶ୍ରେଷ୍ଠ କୃତି ନୁହେଁ, ଏହା ଭାରତୀୟ ଉପନ୍ୟାସ ସାହିତ୍ୟରେ ଏକ ମାର୍ଗଦର୍ଶକ ରଚନା ଭାବେ ମଧ୍ୟ ପରିଚିତ । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ରଚିତ ଏହି ଉପନ୍ୟାସ ଓଡ଼ିଆ ସମାଜର ଗଭୀର ଅନ୍ତଃସ୍ଥଳକୁ ଛୁଇଁ ପାରିଥିଲା । ଏହାରି ମାଧ୍ୟମରେ ବ୍ୟାସକବି ଫକୀରମୋହନ ଭୂମିକେନ୍ଦ୍ରିକ ଜୀବନ, ଗ୍ରାମୀଣ ସଂରଚନା, ସାମାଜିକ ଅନ୍ୟାୟ ଓ ମାନବୀୟ ଦୁର୍ବଳତାର ସାର୍ଥକ ଚିତ୍ରଣ କରିଛନ୍ତି ।

ଏହି ଉପନ୍ୟାସ ପ୍ରଥମେ ୧୮୯୭ରୁ ୧୮୯୯ ପର୍ଯ୍ୟନ୍ତ 'ଉତ୍କଳ ସାହିତ୍ୟ' ପତ୍ରିକାରେ 'ଧୂର୍ଜଟୀ' ଛଦ୍ମନାମରେ ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା । ପରେ ୧୯୦୨ ମସିହାରେ ଏହା ପୁସ୍ତକ ଆକାରରେ ପ୍ରକାଶ ପାଇଥିଲା । ସେହି ସମୟରେ ଏହା ବିପୁଳ ଲୋକପ୍ରିୟତା ଅର୍ଜନ କରିଥିଲା ଏବଂ ପାଠକମାନଙ୍କ ମନରେ ମଧ୍ୟ ଗଭୀର ପ୍ରଭାବ ପକାଇଥିଲା । 'ପଦ୍ମମାଳୀ' ଓ 'ବିବାସିନୀ' ପରେ ଏହା ସମ୍ଭବତଃ ତୃତୀୟ ଉପନ୍ୟାସ । ତେବେ ଏହାକୁ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ଉପନ୍ୟାସ ଭାବେ ମନେ କରାଯାଏ । ଏହା ୧୯ଶତାବ୍ଦୀର ଓଡ଼ିଶାର ଗ୍ରାମୀଣ ଜୀବନକୁ ଉପନିବେଶୀ ଶାସନ ଅଧୀନରେ ଯେପରି ବାସ୍ତବିକ ଓ ବ୍ୟଙ୍ଗାତ୍ମକ ଭାବେ ଚିତ୍ରଣ କରିଛି, ତାହା ଅତ୍ୟନ୍ତ ଉଲ୍ଲେଖନୀୟ ।

ଏହାର ପ୍ରକାଶନ ଫଳରେ ଓଡ଼ିଆ ତଥା ଭାରତୀୟ ଉପନ୍ୟାସ ସାହିତ୍ୟର ମୂଳଦୁଆ ପଡ଼ିଥିଲା ବୋଲି କୁହାଯାଇପାରେ । ଜମିଦାରମାନଙ୍କ ଦ୍ୱାରା ପ୍ରଜାମାନଙ୍କ ଶୋଷଣ ଏହାର ମୁଖ୍ୟ ବିଷୟବସ୍ତୁ । ଭାରତୀୟ ସାହିତ୍ୟରେ ଏପରି ବିଷୟବସ୍ତୁ ଉପରେ କଲମ ଚଳାଇବାରେ ଫକୀରମୋହନ ବୋଧହୁଏ ପ୍ରଥମ ଲେଖକ । ୧୯୩୬ରେ ପ୍ରକାଶିତ 'ଗୋଦାନ'ର ପ୍ରଖ୍ୟାତ ହିନ୍ଦୀ ଲେଖକ ପ୍ରେମଚନ୍ଦଙ୍କର ସେ ପୂର୍ବସୁରୀ ।

ଊନବିଂଶ ଶତାବ୍ଦୀର ଓଡ଼ିଆ ସମାଜ ଏକ ଅନ୍ଧକାରମୟ ଅବସ୍ଥାରେ ରହିଥିଲା । ଓଡ଼ିଆମାନଙ୍କର ନିଜସ୍ୱ ରାଜ୍ୟ ନଥିଲା, ଆର୍ଥିକ ଅବସ୍ଥା ଦୁର୍ବଳ ଥିଲା ଏବଂ ଶିକ୍ଷାର ଅଭାବ ଚାରିଆଡେ ଦୃଶ୍ୟମାନ ହେଉଥିଲା । ଭାଷା ଓ ସଂସ୍କୃତି ମଧ୍ୟ ବିପଦରେ ପଡ଼ିଥିଲା । ଏହି ପରିସ୍ଥିତିରେ ଫକୀରମୋହନ ସେନାପତି ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଜଣେ ଅତ୍ୟନ୍ତ ସଫଳ ସାହିତ୍ୟିକ ହେବା ସହିତ ଓଡ଼ିଆ ଭାଷାର ସେନାପତି ଭାବେ ମଧ୍ୟ ପରିଚିତ ହୋଇଥିଲେ ଫକୀରମୋହନ ।

ସେହି ସମୟରେ ଭୂସମ୍ପଦ ଓ ଗୋସମ୍ପଦ ଥିଲା ଓଡ଼ିଶାରେ ଜୀବନ ଓ ଜୀବନଧାରଣର ମୂଳ ଆଧାର । ଜମିକୁ ନେଇ ସମାଜରେ ଅଧିକାର ଓ ଶକ୍ତିର ଲଢ଼େଇ ଚାଲିଥିଲା । ଏହା ସହିତ କୁସଂସ୍କାର, ଅନ୍ଧବିଶ୍ୱାସ ଓ ଅଶିକ୍ଷା ସାମାଜିକ ପ୍ରଗତିକୁ ଅବରୋଧ କରି ରଖିଥିଲା । ପୁରୋହିତମାନଙ୍କ କଥାକୁ ଲୋକମାନେ ଅନ୍ଧଭାବେ ମାନୁଥିଲେ ଏବଂ ସାମାଜିକ ଅସମାନତା ଦୃଢ ଆସ୍ଥାନ ଗ୍ରହଣ କରିଥିଲା । ଅଶିକ୍ଷା, ସ୍ୱାର୍ଥପରତା, ଆତ୍ମଗର୍ବ ସହିତ ମିଶି ଯାଇଥିଲା ଅନ୍ୟକୁ ନିମ୍ନ ସ୍ତରର ବୋଲି ପ୍ରତିପାଦନ କରିବାର ମାନସିକତା । ଫକୀରମୋହନ ସ୍ତ୍ରୀଶିକ୍ଷାର ପକ୍ଷପାତୀ ଥିଲେ । କନ୍ୟା ଧନ ବିପକ୍ଷରେ ଲେଖନୀ ଚାଳନା କରିଥିଲେ । ଶିକ୍ଷା କିଭଳି ମଣିଷକୁ ଉଦାର କରିଦିଏ, ତାହା ତାଙ୍କର ଅନେକ ରଚନାରେ ପ୍ରତିପାଦିତ । ତେବେ 'ଛ ମାଣ ଆଠଗୁଣ୍ଠ'ରେ ଭୂମି ଓ ଧେନୁ ସମ୍ପଦ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ସମାଜର ବିଷମ ପରିସ୍ଥିତିକୁ ଫକୀରମୋହନ ଏହି ଉପନ୍ୟାସରେ ନିପୁଣତାର ସହିତ ପ୍ରଦର୍ଶିତ କରିଛନ୍ତି ।

ଉପନ୍ୟାସର କାହାଣୀ ଗୋବିନ୍ଦପୁର ନାମକ ଏକ କଳ୍ପିତ ଗାଁକୁ କେନ୍ଦ୍ର କରି ଆଗକୁ ବଢ଼ିଛି । ଏହି ଗାଁରେ ରାମଚନ୍ଦ୍ର ମଙ୍ଗରାଜ ନାମକ ଜଣେ ଚତୁର, ଲୋଭୀ ଓ ଚାଲାକ ଜମିଦାର ରହନ୍ତି । ନିଜର ଧର୍ମପରାୟଣତାର ଆବରଣ ତଳେ ଲୁଚି ରହିଥିବା ଜଣେ ନିଷ୍ଠୁର ଶୋଷକ ସେ । ଗ୍ରାମର ଦରିଦ୍ର ଚାଷୀ ଓ କାରିଗରମାନଙ୍କୁ ସେ ଶୋଷଣ କରି ତାଙ୍କର ଜମି ଦଖଲ କରୁଥାନ୍ତି ।

ଉପନ୍ୟାସରେ ମୁଖ୍ୟ ଶିକାର ହେଉଛନ୍ତି ଭଗିଆ ଓ ସାରିଆ ନାମକ ଏକ ସରଳ ଓ ଧର୍ମପରାୟଣ ଦମ୍ପତି । ପାଖରେ ଥିବା ଅଳ୍ପ କିଛି ଜମି ହେଉଛି ସେମାନଙ୍କର ଜୀବନର ଏକମାତ୍ର ଭରସା । କିନ୍ତୁ ମଙ୍ଗରାଜ ତାଙ୍କର ଲୋଭ ପାଇଁ ଏହି ଜମିକୁ ଲକ୍ଷ୍ୟ କରନ୍ତି । ମିଥ୍ୟା ଋଣ, କୌଶଳ କରି ତଥା ଆଇନର ଦୁରୁପଯୋଗ ମାଧ୍ୟମରେ ସେ ସେହି ଜମିକୁ ଦଖଲ କରିନିଅନ୍ତି । ଏହାର ପରିଣାମରେ ଭଗିଆ ମାନସିକ ଭାବେ ଭାଙ୍ଗିପଡେ ଓ ସାରିଆ ନିରାଶାରେ ବୁଡିଯାଏ । ଏହି ଦୁଃଖଦ ଘଟଣା ମାଧ୍ୟମରେ ଫକୀରମୋହନ ଶୋଷଣର ନିର୍ମମତାକୁ ପ୍ରକାଶ କରିଛନ୍ତି ।

ଏହି ଉପନ୍ୟାସରେ ବ୍ରିଟିଶ ଶାସନକାଳୀନ ଜମି ନୀତି–ବିଶେଷତଃ ପର୍ମାନେଣ୍ଟ ସେଟଲମେଣ୍ଟ ବା ସ୍ଥାୟୀ ବନ୍ଦୋବସ୍ତର – ପ୍ରଭାବକୁ ଗଭୀର ଭାବରେ ଆଲୋଚନା କରାଯାଇଛି । ଏହି ନୀତିଗୁଡିକ ଜମିଦାରମାନଙ୍କୁ ଅଧିକ ଶକ୍ତିଶାଳୀ କରିଥିଲା ଓ ଦରିଦ୍ର ଲୋକମାନଙ୍କୁ ଅଧିକ ଅସହାୟ ସ୍ଥିତିରେ ପକାଉଥିଲା । ଫକୀରମୋହନ ଏହି ଅନ୍ୟାୟକୁ ବ୍ୟଙ୍ଗ ଓ ବାସ୍ତବବାଦ ମାଧ୍ୟମରେ 'ଛ ମାଣ ଆଠଗୁଣ୍ଠ' ରେ ପ୍ରକାଶ କରିଛନ୍ତି ।

ତାଙ୍କ ଲେଖନୀର ସବୁଠାରୁ ବଡ ଦିଗ ହେଉଛି ବ୍ୟଙ୍ଗାତ୍ମକ ଶୈଳୀ । ସେ ହାସ୍ୟ ଓ ବ୍ୟଙ୍ଗ ମାଧ୍ୟମରେ ସମାଜର କଡ଼ା ସତ୍ୟକୁ ଆଲୋକିତ କରିଛନ୍ତି । ତାଙ୍କ ଆଖ୍ୟାନରେ ଲୋକଭାଷାର ସ୍ୱାଭାବିକ ବ୍ୟବହାର ଓ ଚରିତ୍ରମାନଙ୍କର ଜୀବନ୍ତ ପରିପ୍ରକାଶ ପାଠକଙ୍କୁ ଆକର୍ଷିତ କରେ ।

ଫକୀରମୋହନଙ୍କ ନିଜ ଜୀବନ ମଧ୍ୟ ଅନେକ ସଂଘର୍ଷରେ ଭରି ରହିଥିଲା । ୧୮୪୩ ମସିହାରେ ବାଲେଶ୍ୱରରେ ଜନ୍ମ ନେଇ ସେ ଶୈଶବରୁ ଅନାଥ ହୋଇଥିଲେ । ତଥାପି ସେ ଶିକ୍ଷା ଓ ନିରନ୍ତର ଉଦ୍ୟମ ଜରିଆରେ ନିଜକୁ ସ୍ଥାପିତ କରିଥିଲେ । ସେ ଶିକ୍ଷକ, ପ୍ରଶାସକ ଓ ମୁଦ୍ରାକର ଭାବେ କାମ କରିଥିଲେ ଏବଂ ଜୀବନର ଏହିସବୁ ଅନୁଭବ ତାଙ୍କର ସାହିତ୍ୟକୁ ସମୃଦ୍ଧ କରିଥିଲା ।




'ଛ ମାଣ ଆଠଗୁଣ୍ଠ' ତାଙ୍କର ସବୁଠାରୁ ପ୍ରସିଦ୍ଧ କୃତି । ଏହାର ଚରିତ୍ରମାନେ–ମଙ୍ଗରାଜ, ଭଗିଆ, ସାରିଆ–ସମାଜର ଭିନ୍ନ ଭିନ୍ନ ପାତ୍ରର ପ୍ରତୀକ ଭାବେ ସାମନାକୁ ଆସିଛନ୍ତି । ବିଗତ ପଚାଶ ବର୍ଷ ଧରି ଅନେକ ପ୍ରକାଶକ 'ଛ ମାଣ ଆଠଗୁଣ୍ଠ'କୁ ପ୍ରକାଶ କରିଛନ୍ତି । ଏହାର ଇଂରାଜୀ ଅନୁବାଦ ୨୦୦୬ ମସିହାରେ ପେଙ୍ଗୁଇନ କ୍ଲାସିକସ ସିରିଜରେ ପ୍ରକାଶିତ ହୋଇଥିଲା । ୨୦୨୧ ମସିହାରେ ଆଲେଫ ବୁକ୍ସ ପକ୍ଷରୁ Six Acres and a Third ଶୀର୍ଷକରେ ଲୀଳାବତୀ ମହାପାତ୍ର, ପଲ୍ ସେଣ୍ଟ–ପିଅର୍ ଓ କେ. କେ. ମହାପାତ୍ରଙ୍କ ଦ୍ୱାରା ଅନୁଦିତ ହୋଇଛି । ଆଧୁନିକ ଅନୁବାଦ ମାଧ୍ୟମରେ ଏହି ଉପନ୍ୟାସ ବିଭିନ୍ନ ଭାଷାରେ ଅନୁବାଦ ହୋଇ ବିଶ୍ୱସ୍ତରରେ ପଢ଼ାଯାଉଛି ଓ ପ୍ରଶଂସିତ ହୋଇଛି ମଧ୍ୟ । ଆଜିର ସମାଜରେ ବି ଏହି ଉପନ୍ୟାସର ପ୍ରାସଙ୍ଗିକତା ଅବିକଳ ରହିଛି । ଜମି ଅଧିକାର, ସାମାଜିକ ନ୍ୟାୟ ଓ ଅସମାନତା ଭଳି ବିଷୟଗୁଡ଼ିକ ଆଜି ମଧ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ । ଏହି ଦୃଷ୍ଟିକୋଣରୁ 'ଛ ମାଣ ଆଠଗୁଣ୍ଠ' କେବଳ ଏକ ଐତିହାସିକ ଉପନ୍ୟାସ ନୁହେଁ, ଏହା ବର୍ତ୍ତମାନର ସମାଜ ପାଇଁ ମଧ୍ୟ ପ୍ରଯୁଜ୍ୟ ।

'ଛ ମାଣ ଆଠଗୁଣ୍ଠ' ଓଡ଼ିଆ ସାହିତ୍ୟର ଏକ ଅମର କୃତି । ଭୂମି, ସମାଜ ଓ ବ୍ୟଙ୍ଗର ଅଦ୍ଭୁତ ସମନ୍ୱୟ ଏହି ଉପନ୍ୟାସ । ଏହା ଆମକୁ ସମାଜର ଅନ୍ୟାୟ ଓ ଶୋଷଣ ପ୍ରତି ସଚେତନ କରେ ଓ ମାନବୀୟ ମୂଲ୍ୟବୋଧକୁ ରକ୍ଷା କରିବା ପାଇଁ ପ୍ରେରଣା ଯୋଗାଇଥାଏ । ଓଡ଼ିଶାର ସମୃଦ୍ଧ ସାହିତ୍ୟ ଐତିହ୍ୟରେ ଏହି ସୃଷ୍ଟି ଏକ ଅମୂଲ୍ୟ ରତ୍ନ ଭାବେ ସଦା ସ୍ମରଣୀୟ ରହିବ । ଫକୀରମୋହନ ସେନାପତିଙ୍କ ଏହି ଉପନ୍ୟାସ ମଣିଷ ସମାଜର ଲୋଭ, ଅନ୍ୟାୟ ଓ ନୈତିକ ପତନର ଏକ ଶାଶ୍ୱତ ପ୍ରତିବିମ୍ବ ।

**(ଶ୍ରୀ ପରିଚ୍ଛା ଇଂରାଜୀ ଓ ଓଡ଼ିଆରେ ସମାଲୋଚନା, ପୁସ୍ତକ ସମୀକ୍ଷା ଓ ପ୍ରବନ୍ଧ ଲେଖି ବେଶ୍ ସୁପରିଚିତ)**
**ଭୁବନେଶ୍ୱର,ମୋ–୯୩୩୭୫୦୮୫୯୨**

# ପୂର୍ଣ୍ଣାହୂତିର ପୁରୋହିତ :ସାରସ୍ୱତ ଦାୟାଦବୃନ୍ଦ



**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

କବି ଓ ଲେଖକଙ୍କ ଅସମ୍ପୂର୍ଣ୍ଣ ସାହିତ୍ୟ କୃତି କିପରି ଭାବରେ ସେମାନଙ୍କ ସୁଯୋଗ୍ୟ ସନ୍ତାନମାନଙ୍କ ଦ୍ୱାରା ପୂର୍ଣ୍ଣତା ପ୍ରାପ୍ତ ହୋଇଛି, ତାହା ସାରସ୍ୱତ ଜଗତର ଏକ ଏକ ବିସ୍ମୟକର ତଥା ହୃଦୟସ୍ପର୍ଶୀ ଘଟଣା । କେତେ ସ୍ୱପ୍ନ ଓ କଳ୍ପନା ନେଇ ଜଣେ ସ୍ରଷ୍ଟା ଆରମ୍ଭ କରିଥାନ୍ତି ତାଙ୍କର କାବ୍ୟ । ଉପନ୍ୟାସକୁ । କିପରି ଭାବରେ ଚରିତ୍ରଗୁଡିକ ବିକଶିତ ହେବେ ତାର ରହସ୍ୟ ସଂଗୁପ୍ତ ହୋଇ ରହିଥାଏ ତାଙ୍କ ଚେତନାର କେଉଁ ଅପ୍ରକଟ, ଅଦୃଶ୍ୟ ଇଲାକାରେ । ଯେଉଁ ବିରଳ



**ପ୍ରେମଚାନ୍ଦ**



**ଅମୃତ ରାୟ**

ପ୍ରେରଣା ପରିପ୍ଳୁତ ହୋଇ ଆରମ୍ଭ କରିଥାନ୍ତି ରଚନା, ତାହାର ସମ୍ପୂର୍ଣ୍ଣ ରୂପ ଦେଖିବା ପାଇଁ ପ୍ରତିଟି ରକ୍ତକଣିକାରେ ତାଙ୍କ ଧ୍ୱନିତ ହେଉଥାଏ ଅଶାର ସଂଗୀତ ।

ରାତି ରାତି ବିନିଦ୍ର ରଜନୀ ଉଦ୍‌ଯାପିତ ହୁଏ,ନବ ନବ ଅନ୍ତରାଲୋଡ଼ନର । ସହଜରେ କଣ ପୂର୍ଣ୍ଣତା ପ୍ରାପ୍ତ ହୁଏ? ନା ଏକଥା ଅଜଣା କାହାକୁ? ନିଜ ରଚନା ସମ୍ପୂର୍ଣ୍ଣ କରି ନପାରି କେତେ କବି ଲେଖକ ଜୀବନର ନଈକୂଳରୁ ମୃତ୍ୟୁର କୂଳକୁ ଟାଣି ହୋଇ ଯାଇଛନ୍ତି ଅଦୃଶ୍ୟ କାହାର ଇସାରାରେ,ତାହାର ହିସାବ । ରଖିଛି କିଏ?

ଏ କ୍ଷେତ୍ରରେ ବହୁ ସ୍ଥଳରେ ଘଟି ଯାଇଛି କିନ୍ତୁ ଅଲୌକିକ ଘଟଣା । ଅପୂର୍ଣ୍ଣ ସାହିତ୍ୟ କୃତିକୁ ସମ୍ପୂର୍ଣ୍ଣ କରିପାରିଛନ୍ତି ତାଙ୍କର ସୁଯୋଗ୍ୟ ସନ୍ତାନମାନେ । ପିତାଙ୍କ ସୃଜନମଗ୍ନ ଜୀବନ ସହ କେତେ ନିବିଡ଼ ସମ୍ପର୍କ ସ୍ଥାପିତ ହୋଇଥିଲେ, ଏହା ସମ୍ଭବ ହୋଇପାରେ ତାହା ଆମ କଳ୍ପନାର ସୀମା ଭିତରେ ଚିତ୍ରିତ ହେବା ଅସାଧ୍ୟ । ସେପରି କେତେଜଣ ସ୍ରଷ୍ଟା ଓ ତାଙ୍କ ସନ୍ତାନଙ୍କ ଅବଦାନକୁ ସ୍ମରଣ କରିବା ଏକ ଅନନ୍ୟ ଅନୁଭୂତି ନୁହେଁ କି?

ଭାରତ ବର୍ଷର ମହାନ ସାହିତ୍ୟ ସ୍ରଷ୍ଟା ବାଣଭଟ୍ଟଙ୍କ ସଂସ୍କୃତ ଭାଷାର ଅମର କୀର୍ତ୍ତି 'କାଦମ୍ବରୀ' ନାମ କିଏ । ଶୁଣି ନାହାନ୍ତି? ସେପରି ଏକ ଶ୍ରେଷ୍ଠ ଗ୍ରନ୍ଥକୁ ଯେ ଲେଖକ ସମ୍ପୂର୍ଣ୍ଣ କରିବା ପୂର୍ବରୁ ଚିର ବିଦାୟ ନେଇ ଯାଇଥିଲେ ଏ ସଂସାରର । ଆଶ୍ଚର୍ଯ୍ୟର ବିଷୟ ହେଲା ବାଣଭଟ୍ଟଙ୍କ ସୁପୁତ୍ର ଭୂଷଣ ଭଟ୍ଟ ପିତାଙ୍କ ସମ୍ମାନ ଅକ୍ଷୁଣ୍ଣ ରଖିବା ସକାଶେ ତାହା କରିଦେଇ ଥିଲେ ସମ୍ପୂର୍ଣ୍ଣ,ଏକ ଅଦ୍ଭୁତ ପ୍ରେରଣା ଦ୍ୱାରା ଉଦବୁଦ୍ଧ ହୋଇ । ଉଭୟ ପିତା ପୁତ୍ରଙ୍କ ରଚନାରେ ଯେଉଁ ସୂକ୍ଷ୍ମ ସାମଞ୍ଜସ୍ୟ ବିଦ୍ୟମାନ ତାହା ପାଠକ ଓ ସମାଲୋଚକମାନଙ୍କୁ ସ୍ତବ୍ଧ କରି ଦେଇଛ ।

'କାଦମ୍ବରୀ'ର ସୁଦୀର୍ଘ କାହାଣୀ ତା ଭିତରେ ପୁଣି ଅନ୍ୟ କାହାଣୀଗୁଡିକ ଯେପରି ଗ୍ରଥିତ ତାହାର ଏହି ରଚନାଶୈଳୀ ଅକ୍ଷତ ରଖି ଶେଷ ବାକ୍ୟରେ ତାକୁ ପହଞ୍ଚାଇଦେବା କି ସାଧନା ସାପେକ୍ଷ !! ଠିକ ଅନୁରୂପ ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି ପ୍ରେମଚାନ୍ଦଙ୍କ ପୁତ୍ର ଅମୃତ ରାୟ । ଜଣେ ଲେଖକର ଜୀବନାଦର୍ଶକୁ ଭିତ୍ତି କରି ପ୍ରେମଚନ୍ଦ ଆରମ୍ଭ କରିଥିଲେ 'ମଙ୍ଗଳସୂତ୍ର' ଉପନ୍ୟାସ । ମାତ୍ର ଚାରିଟି ଅଧ୍ୟାୟ ଲେଖି ସାରିଥିବା ବେଳରେ ନିଷ୍ଠୁର ଭାଗ୍ୟ ବିଧାତା ଲିଭାଇ ଦେଲା ତାଙ୍କ ଜୀବନ–ପ୍ରଦୀପ । ପ୍ରେମଚନ୍ଦଙ୍କ ସାହିତ୍ୟାଦର୍ଶ ଓ ଜୀବନାଦର୍ଶ ସହ ଏକାତ୍ମତା ପ୍ରତିଷ୍ଠିତ ହୋଇଥିଲା ବୋଲି ଅମୃତ ରାୟ ତାହାକୁ କରିବାକୁ ଲାଗିଲେ ବିକଶିତ । ଆଉ ସ୍ୱର୍ଗତ ପିତାଙ୍କ ଆଶୀର୍ବାଦ ଦ୍ୱାରା ହିଁ ତାହା ହୋଇପାରିଛି ସମାପ୍ତ । ବଙ୍ଗଳା ସାହିତ୍ୟରେ ସେପରି ଦେଖିବାକୁ ମିଳେ ବିଭୂତି ଭୂଷଣ ବନ୍ଦୋପାଧ୍ୟାୟଙ୍କ ରଚିତ 'ଅଶନି ସଂକେତ' ଉପନ୍ୟାସକୁ ସମ୍ପୂର୍ଣ୍ଣ କଲେ ତାଙ୍କ ପୁତ୍ର ସନ୍ତାନ ତାରାଦାସ ବନ୍ଦୋପାଧ୍ୟାୟ ।

୧୯୪୩ ମସିହାର ଦୁର୍ଭିକ୍ଷର ଭୟାବହ ଚିତ୍ର ଅଙ୍କିତ ହୋଇଛି ଏଠାରେ । ନିରନ୍ନ ଜନତା ପ୍ରତି ଯେଉଁ ସମ୍ବେଦନଶୀଳତା ବିଭୂତି ଭୂଷଣଙ୍କ ପ୍ରକାଶ ପାଇଛି, ତାରି ସହିତ ତାରାଦାସ ହୋଇ ଯାଇଛନ୍ତି ଏକାକାର । ଏହି କଥାବସ୍ତୁ ଆଧାରରେ ବିଖ୍ୟାତ ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ସତ୍ୟଜିତ ରାୟ ଠିକ ସେହି ନାମକୁ ଅପରିବର୍ତ୍ତିତ ରଖି ଦର୍ଶକମାନଙ୍କ ଆଗରେ ପ୍ରାଣବନ୍ତ ରୂପ ଦେଲେ ତାହାକୁ । ଓଡ଼ିଶାରେ ଆମେ ଦେଖିବା ସ୍ୱଭାବ କବି ଗଙ୍ଗାଧରଙ୍କୁ । ସେ ସ୍ଥିର କରିଥିଲେ ତାଙ୍କ କାବ୍ୟକୃତି ମଧ୍ୟରେ ଯାହା ଲାଭ କରିବ ଶ୍ରେଷ୍ଠ ମର୍ଯ୍ୟାଦା, ତାହା ହେଲା 'ପଦ୍ମିନୀ' । ତାଙ୍କ କଳ୍ପନା ଅନୁରୂପ ଅବସର । ଉପଲବ୍ଧି ତାଙ୍କୁ ସ୍ପର୍ଶ କରୁ ନଥିବାରୁ ନିଜ ମନୋବାଞ୍ଛା ପୂର୍ଣ୍ଣ କରି ପାରିଥାନ୍ତେ କିପରି? ଅପୂର୍ଣ୍ଣ ରହିଲା ତାହା । ୧୯୨୪ ମସିହା ଏପ୍ରିଲ ମାସ ୪ ତାରିଖ



**ସ୍ୱଭାବକବି ଗଙ୍ଗାଧର ମେହେର**



**ଭଗବାନ ମେହେର**

ଚୈତ୍ର ଅମାବାସ୍ୟା ତିଥିରେ ଚିରନିଦ୍ରା ବରଣ କରିଥିଲେ ସେ । ତାଙ୍କ ସାହିତ୍ୟ ସାଧନାର ପ୍ରଚ୍ଛନ୍ନ ଅନ୍ତରଙ୍ଗ ସାଥୀ ଥିଲେ କବିପୁତ୍ର ଭଗବାନ ମେହେର । 'ପଦ୍ମିନୀ' କାବ୍ୟର ପାଞ୍ଚଗୋଟି ସର୍ଗ ଗଙ୍ଗାଧରଙ୍କ ଦ୍ୱାରା ରଚିତ । ଆଉ ପାଞ୍ଚଟି ସର୍ଗ ରଚନା କରି ତାକୁ ସମ୍ପୂର୍ଣ୍ଣ କରିପାରିଛନ୍ତି ଭଗବାନ ମେହେର । ଚିତୋରର ରାଣୀ ପଦ୍ମିନୀଙ୍କୁ କେନ୍ଦ୍ର କରି ଏହା ରଚିତ । କାବ୍ୟଟିକୁ କେହି ଯଦି ମୂଳରୁ ଶେଷ ପର୍ଯ୍ୟନ୍ତ ନିଷ୍ଠାର ସହ ଅଧ୍ୟୟନ କରନ୍ତି, ପିତା ପୁତ୍ରଙ୍କ ରଚନା ମଧ୍ୟରେ କୌଣସି ପାର୍ଥକ୍ୟ ନିରୂପଣ କରିବା ସହଜ ନୁହେଁ । ଓଡ଼ିଆ ସାହିତ୍ୟର ବିଶିଷ୍ଟ କଥାଶିଳ୍ପୀ ଦୟାନିଧି ମିଶ୍ର ତାଙ୍କ ରଚିତ ଯୁଗାନ୍ତର ଉପନ୍ୟାସକୁ ସମ୍ପୂର୍ଣ୍ଣ କରିପାରିବା ପୂର୍ବରୁ ପୃଥିବୀରୁ ନିଅନ୍ତି ବିଦାୟ । ପିତାଙ୍କ ଅସମ୍ପୂର୍ଣ୍ଣ ଉପନ୍ୟାସ ସମ୍ପୂର୍ଣ୍ଣ ହୁଏ ତାଙ୍କ କନିଷ୍ଠ ପୁତ୍ର ବିଶିଷ୍ଟ ଲେଖକ ଅମୂଲ୍ୟକୃଷ୍ଣ ମିଶ୍ରଙ୍କ ଦ୍ୱାରା । ପିତୃ–ପ୍ରତିଷ୍ଠିତ ବେଦୀରେ ସାହିତ୍ୟର ଯେଉଁ ଯଜ୍ଞ ଆରମ୍ଭ ହୋଇଥିଲା ସେଥିରେ ଶେଷ ପୂର୍ଣ୍ଣାହୂତି ଦେଇପାରିଛନ୍ତି ଯେଉଁ ସୁଯୋଗ୍ୟ ସନ୍ତାନମାନେ ପିତାଙ୍କ ସହ ସେମାନେ ବି ଅମର ଜ୍ୟୋତିରେ ଭାସ୍ୱର ହୋଇ ରହିଛନ୍ତି ଦରଦୀ ପାଠକମାନଙ୍କ ହୃଦୟରେ ଚିରଦିନ ସକାଶେ ।

**(ଶ୍ରୀ ମେହେର ଜଣେ ବିଶିଷ୍ଟ ସାହିତ୍ୟ ସମାଲୋଚକ ଓ ସଂପ୍ରତି ଉତ୍କଳ ବିଶ୍ୱ ବିଶ୍ୱବିଦ୍ୟାଳୟର ପରିଦର୍ଶକ ପ୍ରଫେସର)**

# ସବୁଜ ସାହିତ୍ୟର ଅନ୍ୟତମ ସ୍ରଷ୍ଟା ଅନ୍ନଦା ଶଙ୍କର ରାୟ



**ଡ. ମନୋରମା ବିଶ୍ୱାଳ ମହାପାତ୍ର**

ସତ୍ୟବାଦୀ ସ୍କୁଲ ଥିଲା ଓଡ଼ିଆ ଜାତିର, ଓଡ଼ିଆ ସଂସ୍କୃତିର ବାର୍ତ୍ତାବହ । ଓଡ଼ିଆ ଜାତୀୟ ଜୀବନ, ସାହିତ୍ୟ ଓ ସଂସ୍କୃତିର କେନ୍ଦ୍ରସ୍ଥଳୀ । ସତ୍ୟବାଦୀ ସ୍କୁଲର ଅପସାରଣ ପରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ନୂତନ ସମୟର ଆରମ୍ଭ ହେଲା। ରେଭେନ୍‌ସା କଲେଜରେ ଏକାଠି ପଢୁଥିବା କେତେଜଣ ସତୀର୍ଥଙ୍କୁ ନେଇ ଏକ ଦଳ ଗଢ଼ାଗଲା । ସେହି ଦଳର ପୁରୋଧା ଥିଲେ ଅନ୍ନଦା ଶଙ୍କର ରାୟ । ଏହାକୁ 'ସବୁଜ ଦଳ' ବୋଲି କୁହାଗଲା । ଏମାନଙ୍କର ସମବେତ ସାହିତ୍ୟକୁ 'ସବୁଜ ସାହିତ୍ୟ' ବୋଲି ଆଖ୍ୟା ଦିଆଗଲା । ଏମାନଙ୍କ ଭିତରେ ଥିଲେ ଅନ୍ନଦା ଶଙ୍କର ରାୟ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ବୈକୁଣ୍ଠ ନାଥ ପଟ୍ଟନାୟକ, ଶରତ ଚନ୍ଦ୍ର ମୁଖାର୍ଜୀ ଏବଂ ହରିହର ମହାପାତ୍ର । ଯେତେବେଳେ ଏହି ପାଞ୍ଚଜଣ ତରୁଣ କଲେଜରେ ପ୍ରବେଶ କଲେ, ସେତେବେଳେ ରବୀନ୍ଦ୍ରନାଥଙ୍କ କବି ଖ୍ୟାତିର ମଧ୍ୟାହ୍ନ କାଳ । ସେହି ଅସାଧାରଣ ପ୍ରତିଭାର ପ୍ରଭାବ ଏହି ତରୁଣମାନଙ୍କୁ ପ୍ରଭାବିତ କରିଥିଲା କହିଲେ ଭୁଲ୍ ହେବ ନାହିଁ । ଏହି ପାଞ୍ଚଜଣ ସବୁଜ ବନ୍ଧୁମାନେ ଦେଶ, ସମାଜ ଓ ତାର ସାଂସ୍କୃତିକ ପରଂପରାକୁ ସଂପୂର୍ଣ୍ଣ ବିସ୍ମୃତ ହୋଇଯାଇ, ସେହି ରବୀନ୍ଦ୍ରୀୟ ମୋହର ସ୍ରୋତରେ ଭାସିଗଲେ । ସବୁଜ ନାମଟି ମଧ୍ୟ ବଙ୍ଗଦେଶରୁ ଆହୃତ । ରବୀନ୍ଦ୍ରନାଥଙ୍କ ପରମ ବନ୍ଧୁ ବଙ୍ଗଳା ଗଦ୍ୟର ସ୍ରଷ୍ଟା ପ୍ରମଥ ଚୌଧୁରୀଙ୍କର ସବୁଜ ପତ୍ରିକାରୁ । ଉଭୟ ରବୀନ୍ଦ୍ରନାଥ ଓ ପ୍ରମଥ ଚୌଧୁରୀଙ୍କ ନିକଟରେ ଏହି ସବୁଜ ଥିଲା ସେମାନଙ୍କର ନିଜ ନିଜର ଜୀବନ ଦର୍ଶନ ଓ ଜାତିପ୍ରତି ଆଦର୍ଶର ନିଶାଣ । ଏହି ଶବ୍ଦକୁ ସେ ଦୁହେଁ ନିଜ ନିଜ ଜୀବନର ଅଭିଜ୍ଞତା ସହିତ ବାର୍ଦ୍ଧକ୍ୟରେ ହିଁ ବ୍ୟବହାର କରିଥିଲେ । ଜାତିର ଏହି ମାନସିକ ବାର୍ଦ୍ଧକ୍ୟକୁ ନବୋତ୍ସାହରେ ଜାଗ୍ରତ କରିବା ପାଇଁ କୈଶୋର ଓ ତାରୁଣ୍ୟର ପ୍ରତୀକ ସବୁଜକୁ ଦେଶ ଆଗରେ ସେମାନେ ପ୍ରତୀକ ଭାବରେ ଛିଡ଼ା କରାଇବାର ଆଭିମୁଖ୍ୟ ରଖିଥିଲେ । ସେମାନଙ୍କର ସବୁଜ ଶବ୍ଦ ଥିଲା ସମଗ୍ର ଜାତି ପ୍ରତି ଏକ ଆହ୍ୱାନ। ଦେଶର ଯୁବ ସମାଜ ଏ ଜାତିର ଐତିହ୍ୟରେ ଯାହା ଅର୍ଥହୀନ ଓ କୁତ୍ସିତ ସେସବୁକୁ ପଦାଘାତ କରି ସବୁଜ ପରି ଉନ୍ମୁଖ ହୋଇ ରହିବା ଥିଲା ସେମାନଙ୍କ ପ୍ରକୃତ ଅଭିପ୍ରାୟ।

ଅନ୍ନଦାଶଙ୍କର ଓଡ଼ିଆ ଭାଷାରେ ଯାହା ଲେଖିଯାଇଥିଲେ, ତାହାର ପ୍ରତ୍ୟେକ ପଂକ୍ତିରେ ବୌଦ୍ଧିକତା ପରିସ୍ଫୁଟ ହୋଇ ରହିଛି । ଅନ୍ନଦାଶଙ୍କର ସେ ସମୟରେ ଆଇ.ସି.ଏସ୍ ପରୀକ୍ଷାରେ ଭାରତରେ ପ୍ରଥମ ହେବାର ଗୌରବ ପାଇଲା ପରେ ପରେ ଓଡ଼ିଶା ଛାଡ଼ି, ଓଡ଼ିଆ ଭାଷାକୁ ଛାଡ଼ି ବଙ୍ଗଳାକୁ ଚାଲି ଯାଇଛନ୍ତି ।

ସତେ ଯେପରି କବି ଅନ୍ନଦା ଶଙ୍କର ରାୟଙ୍କର ଏହି କାଳଜୟୀ କବିତାର ପଂକ୍ତିଟି 'ଜଗତେ ହଜେନା କିଛି ହଜେ ଜୀବନେ' ଜୀବନ ସହିତ ଏକାକାର ହୋଇ ଯାଇଛି । ସବୁଜ କବି ଅନ୍ନଦା ଶଙ୍କର ରାୟ । ଓଡ଼ିଶାର ଢେଙ୍କାନାଳରେ ଜନ୍ମ । ଓଡ଼ିଶାର ପାଣି ପବନରେ ଜୀବନ ତାଙ୍କର ମିଶି ଯାଇଛି । ସଚ୍ଚି ରାଉତରାୟଙ୍କର ସେହି ଚିରନ୍ତନ କବିତାର ଧାଡ଼ିଟି ମନେ ପଡୁଛି, 'ତାହାରି ଜଳ ରକତ ହୋଇ, / ଶିରାରେ ବହେ ଯେସନ ନଈ, /ନିଶ୍ୱାସେ ମୋ ତାହାରି ବାୟୁ / ଚଳାଏ ପ୍ରାଣ ନାଆଟି । ସେଇ ଛୋଟ ଗାଁ ।'

**କ୍ରମଶଃ...**

**ପ୍ରୀତମପୁରୀ, ୧୨୫,**
**ଆଚାର୍ଯ୍ୟବିହାର,ଭୁବନେଶ୍ୱର–୧୩,**
**ମୋ–୯୪୩୭୦୧୧୦୦୩**

## ଆଜିର କାର୍ଯ୍ୟକ୍ରମ

**ସ୍ୱୟମ ସଙ୍ଗୀତ ଦ୍ୱାରା 'ଅଭୁଲା ଅତୀତ' ନାମରେ ମନଛୁଆଁ ଓଡ଼ିଆ ସଙ୍ଗୀତକୁ ନେଇ ଅୟୋଜିତ ହେଉଛି ଏ କାର୍ଯ୍ୟକ୍ରମ ।**
**ସମୟ– ଅପରାହ୍ନ ୪:୩୦ ଠାରୁ ୯:୩୦ ପର୍ଯ୍ୟନ୍ତ**
**ସ୍ଥାନ– ଜୟଦେବ ଭବନ, ଭୁବନେଶ୍ୱର**

## ଏ ସପ୍ତାହର କବିତା

### ପ୍ରତ୍ନତତ୍ତ୍ୱ



**ମାନସ ରଂଜନ ମହାପାତ୍ର**

ସାମ୍ନାରେ ଦିଶୁଛି ଯେଉଁ ମରୁଭୂମି
ପବନର ଦୀର୍ଘଶ୍ୱାସେ ଭରା
ଜାଣ ,ସେଠି ଗଲାକାଲି ସୁନ୍ଦର ସହରଟେ ଥିଲା !
ସହର ସୀମାରେ ଥିଲା ଇଚ୍ଛାମତୀ ନଈଟିଏ
ସକାଳେ ହୀରାର ଖଣି,ସଞ୍ଜକୁ ପାଲଟୁଥିଲା ପରୀ
ଚାରିପାଖେ ପାହାଡ ଓ ମେଘ
ଫୁଲର ମହକ ଟାଣି ଆଣୁଥିଲା ଜଙ୍ଗଲର ବାଘ
ସକାଳର ସୂର୍ଯ୍ୟ ଯେବେ ସେ ସହର ସୀମା ଛୁଉଁଥିଲା
ସଭିଏଁ ଆଗଉଥିଲେ ହାତ ଧରାଧରି ହେଇ
ନୂଆ ଚେତନାରେ
ସହରରେ କେବଳ ଥିଲା ଯୌବନ
ସବୁ ବୟସରେ, ହୃଦୟରେ
ହଠାତ୍ ସେଦିନ ଗୋଟେ ଭୂମିକମ୍ପ ହେଲା
ସ୍ୱପ୍ନର ସହର ଗଲା ବୁଡି
ପରଦିନ ସେଠି ଥିଲା ବାଲିର ପାହାଡ଼ଟିଏ
ଇଚ୍ଛାମତୀ ନଈଟି ବି ଯାଇଥିଲା ହଜି ।
ସମୟ ବିତିଲା
ବାଲିର ପାହାଡ ଆଉ ମରୁଭୂମି ଦେଖିବାକୁ
ଲୋକଙ୍କର ଭିଡ଼ ଜମିଗଲା
ସରକାରୀ ତହବିଲ ଟିକସେ ଭରିଲା
କେହି କିନ୍ତୁ ଥରେ ବି କହିଲେ ନାହିଁ
ମରୁଭୂମି ତଳେ ଆହା କେଡ଼େ ସୁନ୍ଦର ସହରଟି
ପୋତି ହୋଇଗଲା !

**ପୁରୀ,ମୋ–୯୮୯୧୯୪୬୧୭୮**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

## ନାଲ୍କୋ ପକ୍ଷରୁ ଭୁବନେଶ୍ୱରରେ ଦିବ୍ୟାଙ୍ଗଜନଙ୍କ ପାଇଁ ସହାୟକ ଉପକରଣ ବଣ୍ଟନ

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲକୋ) ର ସିଏସଆର



ଶାଖା, ନାଲକୋ ଫାଉଣ୍ଡେସନ ମାଧ୍ୟମରେ ଭୁବନେଶ୍ୱର ସ୍ଥିତ ନାଲକୋନଗରଠାରେ ଦିବ୍ୟାଙ୍ଗଜନଙ୍କ ପାଇଁ ଏକ ସହାୟକ ଉପକରଣ ବଣ୍ଟନ ଶିବିର ଆୟୋଜନ କରାଯାଇଛି। ଏହି ଶିବିରରେ ଭୁବନେଶ୍ୱରସ୍ଥିତ ନାଲକୋ କର୍ପୋରେଟ୍ କାର୍ଯ୍ୟାଳୟ ପାରିପାର୍ଶ୍ୱିକ ଅଂଚଳରେ ଥିବା ସାଲିଆସାହି ବସ୍ତିରୁ ଚିହ୍ନଟ ହୋଇଥିବା ୭୪ ଜଣ ହିତାଧିକାରୀଙ୍କୁ ମୋଟ ୧୦୦ଟି ସହାୟକ ଉପକରଣ ବଣ୍ଟନ କରାଯାଇଛି। ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ) ଏହି ଶିବିରର ଉଦ୍ଘାଟନ କରିଥିଲେ। ଆଶୁତୋଷ ରଥ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ), ନାଲକୋ ତଥା ନାଲକୋ ଫାଉଣ୍ଡେସନ ଏବଂ ଭାରତୀୟ କୃତ୍ରିମ ଅଙ୍ଗ ଉତ୍ପାଦନ ନିଗମ (ଆଲିମକୋ) ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗଜନଙ୍କ ଚଳପ୍ରଚଳକୁ ସୁଗମ କରିବା ନିମନ୍ତେ କମ୍ପାନୀ ପକ୍ଷରୁ ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ୟୁନିଟଗୁଡ଼ିକରେ ସହାୟକ ଉପକରଣ ବଣ୍ଟନ ଶିବିରଗୁଡ଼ିକ ଆୟୋଜିତ ହୋଇଯାଇଛି। ଏହି କ୍ରମରେ, ମୋଟ ୪୯୦ ଜଣ ବ୍ୟକ୍ତିଙ୍କୁ ପ୍ରାୟ ୮୨୦ଟି ସହାୟକ ଉପକରଣ ବଣ୍ଟନ କରାଯାଇଛି ଯାହାର ମୂଲ୍ୟ ପ୍ରାୟ ୭୫ ଲକ୍ଷ ଟଙ୍କା ଅଟେ। ଦିବ୍ୟାଙ୍ଗଜନଙ୍କ ଗତିଶୀଳତା, ସୁଗମତା ଏବଂ ଜୀବନ ଧାରଣର ମାନକୁ ଉନ୍ନତ କରିବା ଏବଂ ସ୍ୱତନ୍ତ୍ର ସିଏସଆର ହସ୍ତକ୍ଷେପ ମାଧ୍ୟମରେ ନାଲକୋ ଏହାର ପାରିପାର୍ଶ୍ୱିକ ଅଂଚଳରେ ବସବାସ କରୁଥିବା ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ ଅଟେ।

### ଅନୁଗୋଳ ଡେରଜାଙ୍ଗ ଡ୍ୟାମ୍‌ରେ 'ବୋଟିଂ ସୁବିଧା'ର ଶୁଭାରମ୍ଭ

## ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହେବ : ଧର୍ମେନ୍ଦ୍ର

ଭୁବନେଶ୍ୱର/ଅନୁଗୋଳ (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଜିଲ୍ଲା ବଁଅରପାଳ ସ୍ଥିତ ଡେରଜାଙ୍ଗ ଠାରେ ବହୁପ୍ରତୀକ୍ଷିତ 'ବୋଟିଂ ସୁବିଧା'ର ଶୁଭାରମ୍ଭ କରିଛନ୍ତି । ପ୍ରାୟ ୬ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପକୁ ଏକ ନୂତନ ପରିଚୟ ଦେବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଅନୁଗୋଳ ଜିଲ୍ଲା ପ୍ରାକୃତିକ ଓ ସାଂସ୍କୃତିକ ବିଭବରେ ପରିପୂର୍ଣ୍ଣ । ସାତକୋଶିଆ ଅଭୟାରଣ୍ୟରୁ ଆରମ୍ଭ କରି ରେଙ୍ଗାଲି ଜଳଭଣ୍ଡାରର ସୌନ୍ଦର୍ଯ୍ୟ ଏବଂ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠ ପର୍ଯ୍ୟନ୍ତ, ଏହି ଅଞ୍ଚଳର ଏକ ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି । ମହାନଦୀ ଓ ବ୍ରାହ୍ମଣୀ ଭଳି ଦୁଇ ପବିତ୍ର ନଦୀର ପ୍ରବାହ ଏହି ମାଟିକୁ ଗୌରବାନ୍ୱିତ କରିଛି । ଡବଲ ଇଞ୍ଜିନ ସରକାରର



ମିଳିତ ପ୍ରୟାସରେ ଏହି ସମ୍ଭାବନାକୁ ଉପଯୋଗ କରି ଅନୁଗୋଳକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିତୋଳିବା ଆମର ମୁଖ୍ୟ ଲକ୍ଷ୍ୟ ।

ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ଯେ, ଡେରଜାଙ୍ଗ ପ୍ରକଳ୍ପ ପୂର୍ବରୁ କେବଳ ଜଳସେଚନ ଓ ପାନୀୟ ଜଳ ଯୋଗାଣରେ ସୀମିତ ଥିଲା, କିନ୍ତୁ ଏବେ ଏହା ଏକ ଅତ୍ୟାଧୁନିକ ପର୍ଯ୍ୟଟନ ସ୍ଥଳୀ ଭାବେ ଉଭା ହୋଇଛି । ଏଠାରେ ପର୍ଯ୍ୟଟକମାନେ ସ୍ପିଡ୍ ବୋଟ୍, ପେଡାଲ୍ ବୋଟ୍, ଜେଟ୍ ସ୍କି ଏବଂ ପେଡାଲ୍ ସ୍ୱାନ ବୋଟ୍‌ର ମଜା ନେଇପାରିବେ । ଏହି ସୁବିଧା ସ୍ଥାନୀୟ ଯୁବକମାନଙ୍କ ପାଇଁ ନୂତନ ରୋଜଗାରର ସୁଯୋଗ ସୃଷ୍ଟି କରିବ । ଏଥିସହ ଆଗାମୀ ଦିନରେ ଜଙ୍ଗଲ ବିଭାଗ ପକ୍ଷରୁ ଏଠାରେ ଏକ 'ଇକୋ ଲଜ୍' ନିର୍ମାଣ ପାଇଁ ଯୋଜନା ରହିଛି, ଯାହା ପର୍ଯ୍ୟଟକଙ୍କୁ ଏକ ସ୍ମରଣୀୟ ଅନୁଭୂତି ପ୍ରଦାନ କରିବ । ଏହି ସାଧୁ ଉଦ୍ୟମ ପାଇଁ ସେ ଜିଲ୍ଲା ପ୍ରଶାସନ, ଜଙ୍ଗଲ ବିଭାଗ ଓ ଜଳସେଚନ ବିଭାଗକୁ ସାଧୁବାଦ ଜଣାଇଛନ୍ତି । ଏହାପରେ କେନ୍ଦ୍ରମନ୍ତ୍ରୀ ବଡ଼କେରଜାଙ୍ଗ ମଣ୍ଡଳ ତରଫରୁ ଆୟୋଜିତ 'ନାଗରିକ ସମ୍ବର୍ଦ୍ଧନା ସଭା'ରେ ଯୋଗଦେଇଥିଲେ । ସେଠାରେ ଉପସ୍ଥିତ ଜନସାଧାରଣଙ୍କ ସ୍ନେହ ଓ ଶ୍ରଦ୍ଧା ପାଇଁ କୃତଜ୍ଞତା ଜଣାଇ ସେ କହିଥିଲେ ଯେ, ଆମ ସରକାରର ମୂଳ ମନ୍ତ୍ର ହେଉଛି ଗରିବ କଲ୍ୟାଣ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଠାରୁ ଆରମ୍ଭ କରି ସାମାଜିକ ସୁରକ୍ଷା ଭତ୍ତା ପର୍ଯ୍ୟନ୍ତ, ପ୍ରତିଟି ସରକାରୀ ସୁବିଧା ଯେପରି ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସ୍ୱଚ୍ଛତାର ସହ ପହଞ୍ଚିବ, ସେଥିପାଇଁ ଆମେ ପ୍ରତିବଦ୍ଧ । ଜଳସେଚନର ବିସ୍ତାର, ଉନ୍ନତ ଗମନାଗମନ ଏବଂ ପର୍ଯ୍ୟାବରଣର ସନ୍ତୁଳନ ରକ୍ଷା କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ରହିବ ବୋଲି ସେ କହିଥିଲେ ।

## କିମ୍ସରେ ପେଡିଆଟ୍ରିକ୍ସ ଅପଡେଟ୍ ୨.୦ :ଏକାଠି ହେଲେ ପ୍ରମୁଖ ଶିଶୁ ସ୍ୱାସ୍ଥ୍ୟ ବିଶେଷଜ୍ଞ

ଭୁବନେଶ୍ୱର, (ସବ୍ୟୁ): ଶିଶୁ ସ୍ୱାସ୍ଥ୍ୟସେବା ବିକାଶ କ୍ଷେତ୍ରରେ ଆଲୋଚନା କରିବା ଓ ସର୍ବୋତ୍ତମ କ୍ଲିନିକାଲ୍ ଅଭ୍ୟାସ ବିନିମୟ ପାଇଁ କିମ୍ସ ଶିଶୁ ରୋଗ ବିଭାଗ ପକ୍ଷରୁ 'କିମସ ପେଡିଆଟ୍ରିକ୍ସ ଅପଡେଟ୍ ୨.୦' ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ପ୍ରମୁଖ ଶିଶୁ ବିଶେଷଜ୍ଞ ଏବଂ ଚିକିତ୍ସକମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନବଜାତ ଶିଶୁର ଯତ୍ନ, ଶିଶୁ ଆଘାତ, ଜନ୍ମଗତ ହୃଦରୋଗ ଓ ଟୀକା ସମ୍ବନ୍ଧୀୟ ଅପଡେଟ୍ ସଂପର୍କରେ ବହୁବିଧ ଶିକ୍ଷାଗତ ଅଧିବେଶନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଉପରେ ସୂଚନା ଦେଇ କିମ୍ସ ଶିଶୁ ରୋଗ ବିଭାଗ ମୁଖ୍ୟ ଡା ସେବାରଞ୍ଜନ ବିଶ୍ୱାଳ କହିଲେ, ଡାକ୍ତର ଓ ବିଶେଷଜ୍ଞଙ୍କ ପାଇଁ ଜ୍ଞାନ ବିନିମୟ ଓ ଶିଶୁ ଯତ୍ନରେ ବିକଶିତ ଅଭ୍ୟାସଗୁଡ଼ିକ ଉପରେ ବିଚାର ବିମର୍ଶ କରିବା ପାଇଁ ଏହି ବୈଠକ ଏକ ପ୍ଲାଟଫର୍ମ। ଏଭଳି ଆଲୋଚନାରେ ଡାକ୍ତରମାନେ ଅତ୍ୟାଧୁନିକ ବିକାଶ ସହିତ ଅପଡେଟ୍ ରହିବା ସହ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ଚିକିତ୍ସାର ଗୁଣବତ୍ତା ଉନ୍ନତ କରିବାରେ



ଡାକ୍ତରଙ୍କୁ ସାହାଯ୍ୟ କରେ।

କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ଡା ଆର. ସି. ଦାସ କହିଲେ, ଏହି ସମ୍ମିଳନୀ ଭୁବନେଶ୍ୱର ସମେତ ଦେଶର ଅନ୍ୟାନ୍ୟ ସ୍ଥାନରୁ ପ୍ରସିଦ୍ଧ ଓ ଅଭିଜ୍ଞ ଶିଶୁରୋଗ ବିଶେଷଜ୍ଞଙ୍କୁ ଏକାଠି କରିଛି । ଅନୁଷ୍ଠାନର ଦକ୍ଷତା ଉପରେ ଆଲୋକପାତ କରି ସେ କହିଲେ, କିମ୍ସରେ ଥିବା ନବଜାତ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ ଓ ପେଡିଆଟ୍ରିକ୍ ଇଣ୍ଟେନସିଭ୍ କେୟାର ୟୁନିଟ୍ ଓଡ଼ିଶାରେ ବହୁଳ ଭାବରେ ସ୍ୱୀକୃତିପ୍ରାପ୍ତ। କିମ୍ସରେ ସଫଳତାର ସହ ଶିଶୁ ଚିକିତ୍ସା ଏଣ୍ଡୋସ୍କୋପି ଓ ଶିଶୁ ଅସ୍ଥି ମଜ୍ଜା ପ୍ରତିରୋପଣ ଭଳି ଉନ୍ନତ ପ୍ରକ୍ରିୟାଗୁଡ଼ିକୁ କାର୍ଯ୍ୟକାରୀ ହେଉଛି ବୋଲି ସେ କହିଥିଲେ। ପୁଣେର ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା ପ୍ରମୋଦ ଯୋଗ ଚିକିତ୍ସା ଅଭ୍ୟାସରେ କରୁଣା ଓ ମାନବିକତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଭଲ ଡାକ୍ତର ହେବା ପୂର୍ବରୁ ଭଲ ମଣିଷ ହେବାକୁ ପ୍ରୟାସ କରିବାକୁ ଯୁବ ଡାକ୍ତରମାନଙ୍କୁ ଆହ୍ୱାନ କରିଥିଲେ। ଦିନିକିଆ କାର୍ଯ୍ୟକ୍ରମରେ ପ୍ରମାଣ-ଆଧାରିତ ନବଜାତ ଯତ୍ନ, ପିଲାମାନଙ୍କ ମଧ୍ୟରେ କ୍ଷୟକାରୀ ଆଘାତ, କିଶୋର ସ୍ୱାସ୍ଥ୍ୟସେବା, ଅକାଳ ଶିଶୁଙ୍କ ପୋଷଣ, ଶିଶୁ ଆଘାତ ପରିଚାଳନା, ଅଟୋଇମ୍ମ୍ୟୁନ୍ ଏନସେଫାଲାଇଟିସ୍, ଜନ୍ମଗତ ହୃଦରୋଗ ଓ ଟୀକାକରଣ ଭଳି ବିଷୟ ଉପରେ ବିଭିନ୍ନ ବୈଜ୍ଞାନିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଡାକ୍ତର ଓ ଗବେଷକମାନଙ୍କ ଦ୍ୱାରା ସନ୍ଦର୍ଭ ଓ ପୋଷ୍ଟର ଉପସ୍ଥାପନା ପାଇଁ ସମାନ୍ତରାଳ ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା। କିମସ ମେଡିକାଲ ଅଧୀକ୍ଷକ ଡା ମାନସ ରଞ୍ଜନ ବେହେରା, ଶିଶୁରୋଗ ବିଶେଷଜ୍ଞ ଡା ନିର୍ମଳ ମହାକୁଡଙ୍କ ସମେତ ବହୁ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### "ଫାର୍ମ ବି ଇଉନିଟି ସବ୍‌ମିଟ୍ – ୨୦୨୬" ଅବସରରେ

## ନୂଆ ଲୋଗୋ ଓ ପ୍ୟାକେଜିଙ୍ଗ୍ ଉନ୍ମୋଚନ

ଭୁବନେଶ୍ୱର (ସବ୍ୟୁ): ଶନିବାର ଓଡିଶାର ଅଗ୍ରଣୀ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ଫାର୍ମବି ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହୋଟଲ ଠାରେ ଇଉନିଟି ସବ୍‌ମିଟ୍ -୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ରୁଚି ଫୁଡ୍ ଲାଇନ୍‌ର ଅଧକ୍ଷା ଶ୍ରମତୀ ସଙ୍ଗୀତା ସାହୁ ଓ ଫାର୍ମବି ର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀମତୀ ରଶ୍ମି ସାହୁ।



ଏହି ଅବସରରେ ଫାର୍ମବି ର ପରିଚାଳନା ନିର୍ଦ୍ଦେଶକା ଶ୍ରୀମତୀ ରଶ୍ମି ସାହୁ ସ୍ୱତନ୍ତ୍ର ଲେଗୋ ଓ ପ୍ୟାକେଜିଙ୍ଗ ଉନ୍ମୋଚନ କରିଥିଲେ। ଓଡିଶାରେ ୫ ବର୍ଷ ଧରି ବିଭିନ୍ନ ସ୍ୱାସ୍ଥ୍ୟପଯୋଗୀ ଉତ୍ପାଦ ତିଆରି କରୁଥିବା ଫାର୍ମବି ଆଧୁନିକ ଭାରତ ପାଇଁ ସ୍ୱାସ୍ଥ୍ୟକର ଓ ସ୍ୱାଦିଷ୍ଟ ଖାଦ୍ୟ ତିଆରି କରିବାର ସଂକଳ୍ପ ରଖିଥିବା ବେଳେ ତାର ବିଶେଷତା, ନିବୀନତା ଓ ପାରମ୍ପାରିକ ଶୈଳୀକୁ ସର୍ବ ଭାରତୀୟ ସ୍ତରରେ ପରିଚୟ କରିବା ପାଇଁ ଲକ୍ଷ ରଖିଛି।

ପୂର୍ବ ଭାରତର ଅଗ୍ରଣୀ ଖାଦ୍ୟ ଉତ୍ପାଦନକାରୀ ଉଦ୍ୟୋଗ ରୁଚି ଫୁଡଲାଇନ୍ ର ପ୍ରତିଷ୍ଠାତା ତଥା ଓଡିଶାର ମସଲା ସମ୍ରାଟ ସ୍ୱର୍ଗତଃ ଡ଼ ଶରତ କୁମାର ସାହୁଙ୍କ ଆଦର୍ଶ ଓ ଅଭିଜ୍ଞତାର ଏକ ନୂତନ ଉଦ୍ୟୋଗ ହେଲା ଫାର୍ମ ବି ଯାହାର ପ୍ରତିଷ୍ଠାତା ହେଲେ ସ୍ୱର୍ଗତଃ ସାହୁଙ୍କ ସୁକନ୍ୟା ଶ୍ରୀମତୀ ରଶ୍ମି ସାହୁ। ୫୦ ବର୍ଷର ବିଶ୍ୱାସ ଓ ଗୁଣବତ୍ତାର ପ୍ରାରମ୍ପାରିକତାକୁ ଅଧାର କରି ଫାର୍ମବି ଏବେ ଏକ ଶକ୍ତିଶାଳୀ ପରିଚୟ ସହ ଅଗ୍ରସର ହେଉଛି ଏବଂ ଏହା ସ୍ୱାସ୍ଥ୍ୟ ସଚେତିତ ଗ୍ରାହକ ମାନଙ୍କ ପାଇଁ ସଚେତନା ସୃଷ୍ଟି କରିପାରିଛି।

ବିଶ୍ୱେଶ୍ୱର ଫୁଡସ୍ ପ୍ରାଇଭେଟ୍ ଲିମିଟେଡର ଅଧିନସ୍ତ ଏହି ଲୋକପ୍ରିୟ ବ୍ରାଣ୍ଡ ଫାର୍ମବି ତାର ୩ ଟି ଅଧାରକୁ (ଉତ୍କୃଷ୍ଟ ଗୁଣବତ୍ତା, ବ୍ୟସ୍ତ ଜୀବନ ପାଇଁ ସହଜ ଓ ନୂତନ ସମାଧାନ ପାରମ୍ପାରିକତା ଶକ୍ତି ) ପାଥେୟ କରି ଆଗ୍ରୋଭିତ୍ତିକ ଖାଦ୍ୟ ଉତ୍ପାଦନ କରି ଆସୁଛି। ବ୍ୟବସାୟ ବ୍ୟତୀତ ଫାର୍ମ ବି ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା, ଚାଷୀ ମାନଙ୍କ ଠାରୁ ସିଧା ସଳଖ ଦ୍ରବ୍ୟ କ୍ରୟ କରି ସେମାନଙ୍କୁ ସୁଲଭ ପ୍ରାପ୍ୟ ଦେବା ତଥା ଓଡିଶାର ଅନେକ ସାମାଜିକ କାର୍ଯ୍ୟକ୍ରମ ର ଗୁରୁ ଦାୟିତ୍ୱ ବହନ କରିଛି।

## ଇଦ ପର୍ବ ମହାସମାରୋହରେ ପାଳିତ

ଖୋର୍ଦ୍ଧା, (ସବ୍ୟୁ): ଦୀର୍ଘ ମାସେବ୍ୟାପୀ କଠୋର ସାଧନା ସହ ସଂଯମ କରି ରମଜାନ ପାଳିବା ପରେ ଶନିବାର ମୁସଲମାନ ସମ୍ପ୍ରଦାୟ ଭାଇ ଭଉଣୀଙ୍କ ତ୍ୟାଗ ଓ ବଳିଦାନର ପର୍ବ ଇଦ୍-ଉଲ୍-ଫିତର ଖୋର୍ଦ୍ଧା ସମେତ ବିଭିନ୍ନ ମସଜିଦ ଓ ଇଦଘାହ ପଡିଆରେ ଇଦ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସହରରେ ଥିବା ମସଜିଦ, କେରଙ୍ଗ, ତୋଟାପଡା, ପାନବରଜ, ତରତୁଆ, ସରଧାରପୁର, କାଇପଦର, ମୁକୁନ୍ଦପ୍ରସାଦ , ରାଉତପଡା, ପ୍ରମୁଖ ରେ ଥିବା ମସଜିଦରେ ଇଦ ପର୍ବ ପାଳିତ ହୋଇଯାଇଛି। ଭୋରରୁ ମୁସଲମାନ ସମ୍ପ୍ରଦାୟ ସ୍ଥାନୀୟ ମସଜିଦରେ ଉପସ୍ଥିତ ରହି ସମୂହ ପ୍ରାର୍ଥନାରେ ଯୋଗଦେଇ ନମାଜ ପାଠ କରି ବିଶ୍ୱ ଭାତୃତ୍ୱ, ହିଂସା ଦ୍ୱେଷ ମୁକ୍ତ ପୃଥିବୀ ଗଠନ ପାଇଁ ପ୍ରାର୍ଥନା କରିଥିଲେ। ଏହାପରେ ପରସ୍ପର ମଧ୍ୟରେ ମିଠା ଖୁଆଇ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତା



ବାଂଟିଥିଲେ।ଏହି ଅବସରରେ ହିନ୍ଦୁ ଭାଇ ମାନଙ୍କ ପକ୍ଷରୁ ମୁସଲମାନ ଭାଇ ମାନଙ୍କୁ ଇଦ୍ ଶୁଭେଚ୍ଛା ଜଣାଇବା ଅବସରରେ ସୁସ୍ଥ ପରମ୍ପରା ବଜାୟ ରଖିଥିଲେ। ଏହା ଫଳରେ ଭାଇଚାରାର ସମ୍ପର୍କ ସୁଦୃଢ଼ ହେଇଥାଏ। ଧର୍ମଗୁରୁ ରାଉଫଙ୍କ କହିବା ଅନୁଯାୟୀ ଇଦ୍ ଏକ ଆରବୀ ଶବ୍ଦ ଯାହାର ଅର୍ଥହେଲା ଆନନ୍ଦ ଉତ୍ସବ ଓ ଫିଦର ବା ଫିତର ଅର୍ଥ ହେଲା ଉପବାସ ଭାଙ୍ଗିବା। ଏଇ ପର୍ବଟି ଅଣତିରିସିଆ ବା ତିରିସିଆ ମାସରେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କରାଯାଉଥିବା ଉପବାସର ଉପସଂହାର। ସେଥିପାଇଁ ଇଦର ପ୍ରଥମ ଦିନ ମାସର ପ୍ରଥମ ଦିନ ହୋଇଥାଏ। ଏଇଦିନ ସାରାବିଶ୍ୱ ମୁସଲମାନମାନେ ଏକତାର ସାମୁହିକ ଲକ୍ଷ୍ୟକୁ ଉପସ୍ଥାପିତ କରିବାର ପ୍ରୟାସ କରିଥାନ୍ତି। ଏଇ ଦିନକୁ ଆଲ୍ଲା(ଈଶ୍ୱର)ଙ୍କର ପରିଚୟ ଦିବସ ବୋଲି ଜ୍ଞାନ କରାଯାଏ। ଇସଲାମୀ କେଲେଣ୍ଡର ଶଵ୍ୱାଲର ଦଶମ ମାସର ପ୍ରଥମ ଦିନ ଏହା ପାନ କରାଯାଏ। ଇସଲାମୀ ପଞ୍ଜିକାର ପ୍ରତିମାସ ପରି ଏଇ ମାସଟି ମଧ୍ୟ ଆକାଶରେ ଚାନ୍ଦ ଦେଖିଲାପରେଯାଇ ଆରମ୍ଭ ହୋଇଥାଏ। ଇସଲାମରେ ରମଜାନ ମାସକୁ ପବିତ୍ର ମାସ ବୋଲି ଜ୍ଞାନ କରାଯାଏ। ମାସସାରା ମୁସଲମାନମାନେ ଉପବାସ କରିଥାନ୍ତି। ଇସଲାମୀ ସାଲରେ ଥିବା ଦୁଇଟି ଇଦ ଭିତରୁ ଏହା ଗୋଟିଏ। ଆଉ ଗୋଟିକ ହେଲା ଇଦ ଉଲ-ଅଜହା।

## ପିତାମାତାଙ୍କ ଯତ୍ନ ହିଁ ଜୀବନର ବ୍ରତ ହେଉ: ଡ. ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର,(ସବ୍ୟୁ) ନିଜ ହାତଗଢ଼ା ଘର ଭିତରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଆଦର୍ଶ ବାବୁ ଦିନେ 'ଅଲୋଡ଼ା ବୋଝ'



ପାଲଟିଯାନ୍ତି। ପୁଅ-ବୋହୂଙ୍କ କଟୁକ୍ତି ଓ ଅବହେଳା ତାଙ୍କ ଭିତରର ଆତ୍ମସମ୍ମାନକୁ ତିଳ ତିଳ କରି ମାରିଦିଏ। ଶେଷରେ, ପୁଅର ଶାନ୍ତି ପାଇଁ, ନିଜ ଛାତିର କୋହକୁ ଚାପି ଧରି ସେ ପାଦ ବଢ଼ାନ୍ତି 'କୁହୁଡ଼ି-ଜରା ନିବାସ' ର ସେହି ଅନ୍ଧକାର ଗଳିକୁ। ଅପରିଚିତ ଚେହେରା ଓ ନିଃସଙ୍ଗତାର ସେହି କାନ୍ଥ ଭିତରେ ସେ ଖୋଜନ୍ତି ନିଜର ସେହି ରକ୍ତର ସମ୍ପର୍କକୁ, ଯିଏ ତାଙ୍କୁ ଅଧାବାଟରେ ପର କରିଦେଇଛି। ଏଭଳି ମର୍ମସ୍ପର୍ଶୀ କାହାଣୀକୁ ନେଇ ହାଇଟେକ୍ ମେଡ଼ିକାଲ କଲେଜ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଯାଇଛି ନାଟକ 'କୁହୁଡ଼ି'। ଭୁବନେଶ୍ୱରର ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ବିଦ୍ୟା କନକ ସୃଜନାନୁଷ୍ଠାନ'ର କଳାକାରଙ୍କ ଦ୍ୱାରା ପରିବେଷିତ ଏହି ନାଟକ ସମସ୍ତଙ୍କୁ ପ୍ରଭାବିତ କରିଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆୟୋଜିତ ସଭାରେ ବିଶିଷ୍ଟ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଯୋଗଦେଇ ଏଭଳି ସାମାଜିକ ବାର୍ତ୍ତା ବହନ କରୁଥିବା ନାଟକ ଆଗାମୀ ପିଢ଼ି ପାଇଁ ପ୍ରେରଣା ଓ ଉପାଦେୟ ବୋଲି ମତପ୍ରକାଶ କରିଥିଲେ। ନିଜ ଜୀବନରେ ଘଟିଥିବା କିଛି ନିଚ୍ଛକ୍ ଘଟଣାକୁ ସେ ଅବତାରଣା କରିଥିଲେ। ପିଲାମାନେ ଯେତେ ବଡ଼ ହେଲେ ମଧ୍ୟ ନିଜ ପିତାମାତାଙ୍କ ତ୍ୟାଗ, ବଳିଦାନକୁ ଭୁଲିଯିବା ଉଚିତ ନୁହେଁ। କାରଣ ସେମାନେ ହିଁ ପ୍ରଥମ ଭଗବାନ ବୋଲି ଡ. ପାଣିଗ୍ରାହୀ କହିଥିଲେ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପୁରାତନ ଛାତ୍ର ସଂସଦ ଓ ଆଇ କ୍ଲ୍ୟୁ ଏ ସି ମିଳିତ ସହଯୋଗ ରେ ରକ୍ତଦାନ ଶିବିର

ଭୁବନେଶ୍ୱର (ସବ୍ୟୁ): ଭୁନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପୁରାତନ ଛାତ୍ର ସଂସଦ ଓ ଆଇ.କ୍ଲବ ୟୁ ଏ.



ସି. ମିଳିତ ସହଯୋଗ ରେ ଏକ ରକ୍ତଦାନ ଶିବିର ଇଣ୍ଡିଆନ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖା ତତ୍ତ୍ୱାବଧାନରେ ଆୟୋଜିତ ହୋଇ ଯାଇଛି। ଅନୁଷ୍ଠାନ ର ଅଧକ୍ଷା ପ୍ରଫେସର ଡକ୍ଟର ମାନସୀ ଗୋସ୍ୱାମୀ ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ। ଏନ୍. ସି. ସି. ଅଧିକାରୀ ଡକ୍ଟର ରଶ୍ମୀ ରେଖା ସେଠୀ ଓ ଏନ୍. ଏସ. ଏସ. ଅଧିକାରୀ ଡକ୍ଟର କିରଣ କୁମାର ଶିବିର ରେ ସକ୍ରିୟ ଭାବେ ନିଜ ନିଜ ଦଳ ସହିତ ଯୋଗଦେଇ କାର୍ଯ୍ୟନିର୍ବାହନ ରେ ସହାୟତା କରିଥିଲେ। ଅନୁଷ୍ଠାନ ର ଅଧ୍ୟାପକ ଏବଂ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ମାନେ ରକ୍ତଦାନ ଅଭିଯାନର ଏହି ମହତ୍ କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ। ଚିକିତ୍ସାଳୟ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର କର , ସ୍ନେହଲତା ଜେନା, ସଂଘମିତ୍ରା ମହାନ୍ତି,ଓ ସୁଧୀର କୁମାର ନାୟକ କାର୍ଯ୍ୟକ୍ରମ କୁ ସଫଳ କରିବାରେ ସହାୟତା କରିଥିଲେ। ପୂରାତନ ଛାତ୍ର ସଂସଦ ସଭାପତି ଡକ୍ଟର ହାଡିବନ୍ଧୁ ପଟ୍ଟନାୟକ, ସମ୍ପାଦକ ରମେଶ ଚନ୍ଦ୍ର ପାତାଳ ସିଂହ,ସହ ସମ୍ପାଦିକା ଜ୍ୟୋସ୍ନା ଦାଶ, ଉପଦେଷ୍ଟା ପ୍ରଦୀପ ବେହେରା, କୋଷାଧ୍ୟକ୍ଷ ବିଜୟ କୁମାର ରାଉତ, ପୂର୍ବତନ ସମ୍ପାଦକ ଚକ୍ରଧର ଦାଶ, କାର୍ଯ୍ୟକାରୀ ସଦସ୍ୟ ରାମ ଚନ୍ଦ୍ର ମିଶ୍ର, ବିଭୂତି ଭୂଷଣ ମିଶ୍ର , ଓ ଉମାକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଣ୍ଡିଆନ ରେଡକ୍ରସ ,ଓଡିଶା ଶାଖା ତରଫ ରୁ ଡକ୍ଟର ପ୍ରସନ୍ନ କୁମାର ଦାଶ, ସୌଦାମିନୀ ମଲ୍ଲିକ, ଶିବ ପ୍ରସାଦ ସାହୁ, ପାର୍ଥ ସାରଥୀ ବେହେରା ରକ୍ତ ସଂଗ୍ରହ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବିଶେଷ କରି ଅନୁଷ୍ଠାନ ର ଏନ୍. ସି. ସି . ଓ ଏନ୍. ଏସ. ଏସ. ସଭ୍ୟ ଓ ଡକ୍ଟର ଅରୂପ କୁମାର ସାହା, ଡକ୍ଟର କିରଣ କୁମାର ସାହା ସହ ସମ୍ପାଦିକା ଜ୍ୟୋସ୍ନା ଦାଶ ରକ୍ତ ଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥଲେ।

## ଚନ୍ଦ୍ରଶେଖର ଏକାଡେମୀ ରେ ବିଶ୍ୱ ବନ ଦିବସ

ଭୁବନେଶ୍ୱର (ସବ୍ୟୁ): ବାଲିଘାଇ ସ୍ଥିତ ଚନ୍ଦ୍ରଶେଖର ଏକାଡେମୀ ରେ ବିଶ୍ୱ ବନ ଦିବସ ଉପଲକ୍ଷେ ବାଲୁଖଣ୍ଡ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରଦିପ୍ତ ମହାନ୍ତି, ବନ ପାଳ ବାଲୁଖଣ୍ଡ ରବିନ୍ଦ୍ର କୁମାର ସ୍ୱାଇଁ , ବନ ପାଳ, ବାଲିଘାଇ ଶ୍ରୀଯୁକ୍ତ ସଞ୍ଜୟ ମଲ୍ଲିକ ନଅ କମିଟି ସଂପାଦକ ନବକିଶୋର ପ୍ରଧାନ ,ବାଲୁଖଣ୍ଡ ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ସମସ୍ତ ନଅଟି ପରିବେଶ ଉନ୍ନୟନ ସମିତିର ସଦସ୍ୟ , ସଦସ୍ୟା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତାପସ ମିଶ୍ର , ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଗହଣରେ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀମାନେ ବକ୍ତୃତା ପ୍ରତିଯୋଗିତାରେ ଉତ୍ସାହର ସହ ଭାଗ ନେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ସମସ୍ତ ଅତିଥି ମହୋଦୟ ମାନେ ବନ ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକ ପାତ କରିଥିଲେ । ସେ କହିଥିଲେ ଯେ ବନ ଆମ ପ୍ରାଣବାୟୁର ମୂଳ ସ୍ରୋତ ଓ ପରିବେଶ ସୁରକ୍ଷା ପାଇଁ ବନ ସଂରକ୍ଷଣ ଅତ୍ୟନ୍ତ ଆବଶ୍ୟକ । ଶିକ୍ଷକମାନେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଗଛ ଲଗାଇବା ଓ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ପ୍ରେରିତ କରିଥିଲେ । ପ୍ରତିଯୋଗିତାରେ ଜିତିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଦଶମ ଶ୍ରେଣୀ ଛାତ୍ର ଆର୍ଯ୍ୟ ପ୍ରତାପ ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିଲେ , ଷଷ୍ଠ ଶ୍ରେଣୀର ଛାତ୍ରୀ ଦେବଶ୍ରୀ ରାୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ଏବଂ ସପ୍ତମ ଶ୍ରେଣୀର ଛାତ୍ରୀ ସୋମ୍ୟଦା ପାତ୍ର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । । ସମଗ୍ର କାର୍ଯ୍ୟକ୍ରମ ଶେଷରେ ସମସ୍ତେ ମିଶି ବନ ସୁରକ୍ଷା ପାଇଁ ସଙ୍କଳ୍ପ ନେଇଥିଲେ ଏବଂ ବିଦ୍ୟାଳୟ ପ୍ରାଙ୍ଗଣରେ ସମସ୍ତେ ମିଶି କିଛି ଗଛ ମଧ୍ୟ ଲଗାଇଥିଲେ । ଏହିପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ମନରେ ପରିବେଶ ସଚେତନତା ବୃଦ୍ଧି କରିବାରେ ସହାୟକ ହୋଇଛି ।

## ହାଇଟେକ୍ ଡେଣ୍ଟାଲ କଲେଜରେ ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ) ହାଇଟେକ୍ ଡେଣ୍ଟାଲ କଲେଜ୍ ଓ ହସପିଟାଲ୍ ପରିସରେ ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ମୁଖ ସ୍ୱଚ୍ଛତାର ଗୁରୁତ୍ୱ ଏବଂ ମୁଖ ରୋଗର ନିରାକରଣ ବିଷୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ୨୦୨୬ବର୍ଷ ଅଭିଯାନର ଥିମ୍ ହେଉଛି ଆନନ୍ଦମୟ ମୁଖ ହିଁ ଆନନ୍ଦମୟ ଜୀବନ। ଏହି ଅବସରରେ ଏକ ମାଗଣା ଦନ୍ତ ପରୀକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। ଶତାଧିକ ଦନ୍ତରୋଗୀ ଏହି ଶିବିରରେ ନିଜର ଦନ୍ତ ରୋଗ ପରୀକ୍ଷା କରାଇଥିଲେ। ହାଇଟେକ୍ ଡେଣ୍ଟାଲ୍ କଲେଜ୍‌ଓ ହସ୍ପିଟାଲର ଅଧ୍ୟକ୍ଷ, ପ୍ରଫେସର୍ ଡକ୍ଟର ସଂଗ୍ରାମ ପାତ୍ର କହିଛନ୍ତି ଯେ ଓଡ଼ିଶାରେ ଲକ୍ଷ ଲକ୍ଷ ଲୋକ ମୁଖ ରୋଗରେ ପୀଡ଼ିତ ଅଛନ୍ତି, ଯେଉଁଥିରେ ବିଶେଷ କରି ଗ୍ରାମାଞ୍ଚଳରେ ଚିକିତ୍ସା କରାଯାଇନଥିବା ଦାନ୍ତ କ୍ଷୟ ସବୁଠାରୁ ଏକ ବଡ ସମସ୍ୟା ଅଟେ। ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀଙ୍କ ମାର୍ଗଦର୍ଶନରେ ହାଇଟେକ୍ ଡେଣ୍ଟାଲ୍




କଲେଜ୍ ସମଗ୍ର ଓଡ଼ିଶାରେ ୫ଶହରୁ ଅଧିକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଚିକିତ୍ସା ଶିବିର ଆୟୋଜନ କରାଯାଇଛି, ଯାହାଦ୍ୱାରା ଅନେକ ଦନ୍ତରୋଗୀ ସଠିକ୍‌ରୋ ଗନିରୁପଣ ଓ ଚିକିତ୍ସା ସୁବିଧା ପାଇ ପାରୁଛନ୍ତି। ହାଇଟେକ୍ ଡେଣ୍ଟାଲ କଲେଜ ଓ ହସ୍‌ପିଟାଲର କାର୍ଯ୍ୟକାରୀ ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀଙ୍କ କହିଛନ୍ତି ଯେ, ସଠିକ୍ ଓ ଉନ୍ନତ ଚିକିତ୍ସା ହାଇଟେକ୍ ଡେଣ୍ଟାଲ କଲେଜ ଓ ହସ୍ପିଟାଲର ମୂଳମନ୍ତ୍ର। ଏଠିଥିବା ସମସ୍ତ ଅତ୍ୟାଧୂନିକ ମେସିନ୍ ମାଧ୍ୟମରେ ସଠିକ୍ ରୋଗ ନିରୁପଣ କରାଯାଉଥିବା ବେଳେ, ସ୍ୱଳ୍ପ ଖର୍ଚ୍ଚରେ ତ୍ୱରିତ ଚିକିତ୍ସା କରାଯାଇପାରୁଛି, ଯାହାଦ୍ୱାରା ବହୁ ଗରିବ ରୋଗୀ ଉପକୃତ ହୋଇପାରୁଛନ୍ତି। ଦନ୍ତ ପରୀକ୍ଷଣ ଶିବିରରେ ଡେଣ୍ଟାଲ କଲେଜର ବହୁ ବରିଷ୍ଠ ଓ ଅଭିଜ୍ଞ ଡାକ୍ତରଙ୍କ ସହ ଛାତ୍ରଛାତ୍ରୀ ମାନେ ଯୋଗଦେଇଥିଲେ।

# ଭାରତ ମହାସାଗରରେ ଆମେରିକୀୟ ଘାଟି ଉପରେ ଆକ୍ରମଣ





**ନୂଆଦିଲ୍ଲୀ:** ଏସିଆନ ଗଲ୍ଫ ଅଞ୍ଚଳରେ ଯୁଦ୍ଧ ଜାରି ରହିଛି, ଉଭୟ ପାର୍ଶ୍ୱରୁ ଆକ୍ରମଣ କରାଯାଉଛି। ଇରାନ ମଧ୍ୟ ଏହାର ଆକ୍ରମଣ ସହିତ ଏହାର ପ୍ରତିଦ୍ୱନ୍ଦ୍ୱୀଙ୍କୁ ଆଶ୍ଚର୍ଯ୍ୟ କରିବାରେ ସଫଳ ହୋଇଛି। ବର୍ତ୍ତମାନ, ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ଦାବି କରିଛି ଯେ ଅନେକ ଆମେରିକୀୟ ସୂତ୍ର ରିପୋର୍ଟ କରିଛନ୍ତି ଯେ ଇରାନ ଡିଏଗୋ ଗାର୍ସିଆରେ ଦୁଇଟି ମଧ୍ୟମ ଦୂରବର୍ତ୍ତୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ଏହା ଇରାନଠାରୁ ପ୍ରାୟ ୪୦୦୦ କିଲୋମିଟର ଦୂରରେ ଏବଂ ଏହାର କ୍ଷେପଣାସ୍ତ୍ର କ୍ଷମତାଠାରୁ ବହୁତ ଦୂରରେ ଅବସ୍ଥିତ। ଆମେରିକା-ୟୁକେ ସାମରିକ ଘାଟି ଅଟେ, ଏବଂ ଇରାନ ସେଠାରେ ଦୁଇଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ତଥାପି, ଏହା ଦାବି କରାଯାଉଛି ଯେ କୌଣସି କ୍ଷେପଣାସ୍ତ୍ର ସାମରିକ ଘାଟି ଉପରେ ଆଘାତ କରିନାହିଁ, ଏବଂ କୌଣସି ଆହତ କିମ୍ବା କ୍ଷତିର ରିପୋର୍ଟ ନାହିଁ। କିନ୍ତୁ ଏହି ଆକ୍ରମଣକୁ ମଧ୍ୟପ୍ରାଚ୍ୟ ବାହାରେ ନିଜର ପ୍ରଭାବ ପ୍ରଦର୍ଶନ କରିବା ଏବଂ ଆମେରିକୀୟ ସ୍ୱାର୍ଥକୁ ବିପଦରେ ପକାଇବା ପାଇଁ ଇରାନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ଭାବରେ ଦେଖାଯାଉଛି। ସୂଚନା ଅନୁଯାୟୀ, ଗୋଟିଏ କ୍ଷେପଣାସ୍ତ୍ର ନିକ୍ଷେପ ପରେ ଉଡ଼ାଣ ସମୟରେ ଏକ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା, ଯେତେବେଳେ ଏକ ଆମେରିକୀୟ ଯୁଦ୍ଧଜାହାଜ ଦ୍ୱିତୀୟ କ୍ଷେପଣାସ୍ତ୍ରକୁ ଅଟକାଇବା ପାଇଁ ଏକ SM-3 ଇଣ୍ଟରସେପ୍ଟର ନିକ୍ଷେପ କରିଥିଲା। ତଥାପି, ଜଣେ ଅଧିକାରୀ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲକୁ କହିଛନ୍ତି ଯେ କ୍ଷେପଣାସ୍ତ୍ରଟି ପ୍ରକୃତରେ ପ୍ରତିରୋଧିତ ହୋଇଥିଲା କି ନାହିଁ ତାହା ନିଶ୍ଚିତ ଭାବରେ ନିର୍ଣ୍ଣୟ କରିବା ଅସମ୍ଭବ।

ଡିଏଗୋ ଗାର୍ସିଆ ଇରାନଠାରୁ ପ୍ରାୟ ୪୦୦୦ କିଲୋମିଟର ଦୂରରେ ଅବସ୍ଥିତ। ଆମେରିକା ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟିକୁ ଟାର୍ଗେଟ କରିବା ପାଇଁ ଇରାନର ପଦକ୍ଷେପ ସୂଚାଇ ଦିଏ ଯେ ଏହାର କ୍ଷେପଣାସ୍ତ୍ରଗୁଡ଼ିକର ଦୂରତା ତେହେରାନ ପୂର୍ବରୁ ସ୍ୱୀକାର କରିଥିବା ଅପେକ୍ଷା ବହୁତ ଅଧିକ। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଗତ ମାସରେ ଦାବି କରିଥିଲେ ଯେ ଇରାନ ଜାଣିଶୁଣି ଏହାର କ୍ଷେପଣାସ୍ତ୍ରର ପରିସରକୁ ୨୦୦୦ କିଲୋମିଟର ପର୍ଯ୍ୟନ୍ତ ସୀମିତ ରଖିଛି। ଡିଏଗୋ ଗାର୍ସିଆ ଭାରତ ମହାସାଗରରେ ଏକ ଛୋଟ, ଦୂରବର୍ତ୍ତୀ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଦ୍ୱୀପ। ଏହା ସ୍ଫଟିକ-ନୀଳ ଜଳ ଦ୍ୱାରା ଘେରି ରହିଥିବା ଘେରି ରହିଥିବା ଘେରି ରହିଥିବା ଘେରି ରହିଥିବା ଘେରି ରହିଥିବା ବୃକ୍ଷଲତା ଏବଂ ଧଳା-ବାଲି ବେଳାଭୂମି ଗର୍ବ କରେ। ତଥାପି, ଏହା ଏକ ପର୍ଯ୍ୟଟନସ୍ଥଳ ନୁହେଁ ଏବଂ ସାଧାରଣ ଲୋକଙ୍କ ପାଇଁ କଡ଼ା ନିଷେଧ। ଏଠାରେ ଏକ ଅତ୍ୟନ୍ତ ଗୁପ୍ତ ଆମେରିକା ଏବଂ ୟୁକେ ସାମରିକ ଘାଟି ରହିଛି, ଯାହା ଦଶନ୍ଧି ଧରି ଗୁଜବ ଏବଂ ରହସ୍ୟରେ ଘୋଡ଼ାଇ ହୋଇ ରହିଛି। ଏହି ଘାଟି ଉଭୟ ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ସ୍ଥାନ, ଯାହା ସମଗ୍ର ଅଞ୍ଚଳରେ ସେମାନଙ୍କର ସାମରିକ ଅଭିଯାନ ଏବଂ ଲଜିଷ୍ଟିକ୍ସକୁ ସମର୍ଥନ କରେ। ତଥାପି, ସାମରିକ ଉପସ୍ଥିତି ଏବଂ ସ୍ଥାନୀୟ ସମ୍ପ୍ରଦାୟ ଉପରେ ଏହାର ପ୍ରଭାବ ପ୍ରାୟତଃ ବିବାଦ ଏବଂ ବିତର୍କର ବିଷୟ ହୋଇଆସିଛି।

ଡିଏଗୋ ଗାର୍ସିଆ ଦ୍ୱୀପ ବର୍ତ୍ତମାନ ଲଣ୍ଡନ ଦ୍ୱାରା ପରିଚାଳିତ ହେଉଛି କିନ୍ତୁ ଏହା ୟୁକେ ଏବଂ ମରିସସ ମଧ୍ୟରେ ଏକ ଦୀର୍ଘକାଳୀନ ଆଞ୍ଚଳିକ ବିବାଦର ବିଷୟ ମଧ୍ୟ। ଏହି ଦ୍ୱୀପର ନିକଟତମ ସ୍ଥଳ ଦୂରତା ପ୍ରାୟ ୧୦୦୦ ମାଇଲ (୧୬୦୦ କିଲୋମିଟର), ଏବଂ ଏହାକୁ ବିଶ୍ୱର ସବୁଠାରୁ ଦୂରବର୍ତ୍ତୀ ଦ୍ୱୀପପୁଞ୍ଜ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। କୌଣସି ବାଣିଜ୍ୟିକ ବିମାନ ନାହିଁ, ଏବଂ ସମୁଦ୍ର ପଥରେ ପ୍ରବେଶ କଷ୍ଟକର। ଡଙ୍ଗା ଅନୁମତି କେବଳ ଦ୍ୱୀପପୁଞ୍ଜର ବାହ୍ୟ ଦ୍ୱୀପପୁଞ୍ଜ ପାଇଁ ଏବଂ ଭାରତ ମହାସାଗର ଦେଇ ସୁରକ୍ଷିତ ପଥ ପାଇଁ ପ୍ରଦାନ କରାଯାଏ। ଏହି ଦ୍ୱୀପପୁଞ୍ଜ ପରିଦର୍ଶନ କରିବା ପାଇଁ ପର୍ମିସନ ନେବା ବାଧ୍ୟତାମୂଳକ। ଏହି ଅନୁମତି କେବଳ ସାମରିକ ଘାଟି କିମ୍ବା ଏହି ଅଞ୍ଚଳ ପରିଚାଳନା କରୁଥିବା ବ୍ରିଟିଶ କର୍ତ୍ତୃପକ୍ଷଙ୍କ ସହିତ ସମ୍ପର୍କ ଥିବା ଲୋକଙ୍କୁ ପ୍ରଦାନ କରାଯାଏ। ସାମ୍ବାଦିକମାନଙ୍କୁ ମଧ୍ୟ ପରିଦର୍ଶନ କରିବାରୁ ବାରଣ କରାଯାଇଛି। ଏହି ସମୟରେ, ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଆମେରିକା ଇରାନରେ ନିଜର ସାମରିକ କାର୍ଯ୍ୟକଳାପକୁ "ସମର୍ପଣ" କରିବା ବିଷୟରେ ବିଚାର କରୁଛି, ଏବଂ ଆହୁରି କହିଛନ୍ତି ଯେ ଅନ୍ୟ ଦେଶଗୁଡ଼ିକୁ ଏବେ ହର୍ମୁଜ୍ ପ୍ରଣାଳୀ ଉପରେ ନଜର ରଖିବାକୁ ପଡିବ। ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ଅସ୍ୱୀକାର କରିଛି ଯେ ଆମେରିକା ଏବଂ ଇସ୍ରାଏଲୀ ବିମାନ ଆକ୍ରମଣ ଇରାନର କ୍ଷେପଣାସ୍ତ୍ର ଉତ୍ପାଦନ କ୍ଷମତାକୁ ପଙ୍ଗୁ କରିଦେଇଛି।

# ପ୍ରଭାବିତ ଚାଷୀଙ୍କୁ ତୁରନ୍ତ ରିଲିଫ୍, ବୀମା ସମାଧାନ ପାଇଁ ନିର୍ଦ୍ଦେଶ

**ନୂଆଦିଲ୍ଲୀ:** କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ, ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଶୁକ୍ରବାର ଦିନ ନୂଆଦିଲ୍ଲୀର କୃଷି ଭବନରେ କୃଷି କ୍ଷେତ୍ରର ସାମଗ୍ରିକ ସ୍ଥିତିର ଏକ ଉଚ୍ଚସ୍ତରୀୟ, ବ୍ୟାପକ ସମୀକ୍ଷା କରିଥିଲେ। ବୈଠକରେ ସମ୍ପ୍ରତି ଅତ୍ୟଧିକ ବର୍ଷା, ପ୍ରବଳ ବର୍ଷା, କୁଆପଥର ବର୍ଷା ଏବଂ ଅନ୍ୟାନ୍ୟ ପ୍ରତିକୂଳ ପାଗ ପରିସ୍ଥିତି ଯୋଗୁଁ ବିଭିନ୍ନ ରାଜ୍ୟରେ ଚାଷୀମାନେ ସହିଥିବା ସମ୍ଭାବ୍ୟ କ୍ଷତି ଉପରେ ବ୍ୟାପକ ଭାବରେ ଗୁରୁତ୍ୱାରୋପ କରାଯାଇଥିଲା। ଚାଷୀଙ୍କ ତୁରନ୍ତ ଆବଶ୍ୟକତା, ବୀମା ଦାବି ପ୍ରକ୍ରିୟା ଏବଂ ରିଲିଫ୍ ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ସମୀକ୍ଷା ପରେ ଶ୍ରୀ ଚୌହାନ ଗଣମାଧ୍ୟମକୁ ସ୍ପଷ୍ଟ ଭାବରେ କହିଥିଲେ ଯେ, ସରକାରଙ୍କ ଧ୍ୟାନ କେବଳ ଉତ୍ପାଦନ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଫସଲ କ୍ଷତିର ବୈଜ୍ଞାନିକ ପଦ୍ଧତିରେ ମୂଲ୍ୟାଙ୍କନ, ବୀମା ଦାବିର ଉପଯୁକ୍ତ ସମାଧାନ ଏବଂ ଚାଷୀମାନଙ୍କୁ ସମୟୋଚିତ ସହାୟତା ପ୍ରଦାନ କ୍ଷେତ୍ରରେ ବ୍ୟାପକ।



କେନ୍ଦ୍ର କୃଷିମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି ସମୀକ୍ଷା ବୈଠକ ଏପରି ଏକ ସମୟରେ ଡକାଯାଇଥିଲା ଯେତେବେଳେ ପାଗ ଅନିଶ୍ଚିତତା, ଫସଲ କ୍ଷତିର ଆଶଙ୍କା ଏବଂ ଚାଷୀମାନଙ୍କୁ ସହାୟତାର ଜରୁରୀ ଆବଶ୍ୟକତା ଅନେକ ରାଜ୍ୟରେ ପ୍ରମୁଖ ଚିନ୍ତାର ବିଷୟ ହୋଇଛି। ନୀତିଗତ ପଦକ୍ଷେପ, ରିଲିଫ୍ ବ୍ୟବସ୍ଥା ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ପ୍ରସାରକୁ ସମସ୍ତ ସ୍ତରରେ ପ୍ରଭାବଶାଳୀ ଭାବରେ ସମନ୍ୱିତ କରିବା ଏହାର ଉଦ୍ଦେଶ୍ୟ ଥିଲା, ଯାହା ଦ୍ୱାରା ଚାଷୀମାନେ ସମୟୋଚିତ ଏବଂ ପର୍ଯ୍ୟାପ୍ତ ସହାୟତା ପାଇପାରିବେ।

ବୈଠକ ସମୟରେ ଶ୍ରୀ ଚୌହାନ କୃଷି ସଚିବ, କୃଷି କମିଶନର ଏବଂ ଉପସ୍ଥିତ ସମସ୍ତ ବରିଷ୍ଠ ଅଧିକାରୀମାନଙ୍କୁ, ଯେଉଁଠାରେ କୃଷକମାନଙ୍କୁ ସହାୟତା ଆବଶ୍ୟକ ହେଉଛି, ରାଜ୍ୟ ସରକାରଙ୍କ ସହିତ ସମନ୍ୱୟକୁ ସୁଦୃଢ଼ କରିବାକୁ ସେମାନେ ଯେପରି ନିଶ୍ଚିତ କରନ୍ତି, ସେ ସମ୍ପର୍କରେ ନିର୍ଦ୍ଦେଶ ଦେଇଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଫସଲ କଟା ଯାଞ୍ଚ ତୁରନ୍ତ କରାଯିବା ଉଚିତ, ବୈଜ୍ଞାନିକ ପଦ୍ଧତିରେ କ୍ଷତିର ଆକଳନ କରାଯିବା ଉଚିତ ଏବଂ ବିଳମ୍ବ ନକରି ତୁରନ୍ତ ସହାୟତା ଯୋଗାଇ ଦିଆଯିବା ଆବଶ୍ୟକ। ସେ କହିଥିଲେ ଯେ ପ୍ରବଳ ବର୍ଷା, କୁଆପଥର ବର୍ଷା କିମ୍ବା ଅନ୍ୟାନ୍ୟ ପ୍ରତିକୂଳ ପାଗ ପରିସ୍ଥିତି ଦ୍ୱାରା ପ୍ରଭାବିତ ଅଞ୍ଚଳରେ କ୍ଷେତ୍ର ସ୍ତରରେ ସମୟସୀମା ମଧ୍ୟରେ କାର୍ଯ୍ୟ ଅତ୍ୟନ୍ତ ଜରୁରୀ, ଯାହା ଦ୍ୱାରା କୌଣସି ଚାଷୀ ସହାୟତା ପାଇଁ ଯେପରି ଅପେକ୍ଷା ନ କରନ୍ତି।

ଶ୍ରୀ ଶିବରାଜ ସିଂହ ଚୌହାନ ସମସ୍ତ ଅଧିକାରୀଙ୍କୁ ତୁରନ୍ତ ରାଜ୍ୟ ସରକାରଙ୍କ ସହିତ ଯୋଗାଯୋଗ ଏବଂ ସମନ୍ୱୟ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯାହା ଦ୍ୱାରା ଫସଲ କଟା ଯାଞ୍ଚ ସଠିକ୍ ଭାବରେ କରାଯିବ, କ୍ଷତିର ସଠିକ୍ ମୂଲ୍ୟାଙ୍କନ କରାଯିବ ଏବଂ ବୀମା ଦାବି ସଠିକ୍ ଏବଂ ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ କରାଯିବ। ଯଦି କୃଷକମାନେ କ୍ଷତି ସହିଛନ୍ତି, ତେବେ ସେମାନଙ୍କର ବୀମା ଦାବି ସଠିକ୍ ଏବଂ ବୈଜ୍ଞାନିକ ପଦ୍ଧତି ଅନୁଯାୟୀ ପ୍ରସ୍ତୁତ କରାଯିବା ଉଚିତ ଯାହା ଦ୍ୱାରା ଆମେ ଆମର ଚାଷୀ ଭାଇ ଏବଂ ଭଉଣୀମାନଙ୍କୁ ସମର୍ଥନ କରିପାରିବା ବୋଲି ସେ କହିଥିଲେ।

ବୈଠକରେ ପାଣିପାଗ ପୂର୍ବାନୁମାନ ଏବଂ ଫସଲର ବର୍ତ୍ତମାନର ସ୍ଥିତିର ବିସ୍ତୃତ ସମୀକ୍ଷା କରାଯାଇଥିଲା ଯାହା ଦ୍ୱାରା ଆଗାମୀ ଦିନରେ ସମ୍ଭାବ୍ୟ ପାଣିପାଗ ସମ୍ବନ୍ଧୀୟ ବିପଦର ମୁକାବିଲା ପାଇଁ ପ୍ରସ୍ତୁତି କରାଯାଇପାରିବ। କୃଷି ବିଭାଗ, ରାଜ୍ୟ ସରକାର ଏବଂ ସମସ୍ତ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକୁ ଏକ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରିବାକୁ ପଡିବ ବୋଲି ଶ୍ରୀ ଚୌହାନ କହିଥିଲେ। ଏହା ଚାଷୀମାନଙ୍କୁ ସମୟୋଚିତ ପରାମର୍ଶ, ସହାୟତା ଏବଂ ସୁରକ୍ଷା ପ୍ରଦାନ କରିବାକୁ ନିଶ୍ଚିତ କରିବ।

ଶ୍ରୀ ଚୌହାନ କହିଛନ୍ତି ଯେ ସରକାର ଆଗାମୀ ଦିନରେ ଗହମ ଏବଂ ଧାନ ସଂଗ୍ରହ ଆରମ୍ଭ କରିବାକୁ ଯାଉଛନ୍ତି ଏବଂ ଏହି ଋତୁରେ ରବି ଫସଲର ବମ୍ପର ଉତ୍ପାଦନ ହୋଇଛି। ଫଳସ୍ୱରୂପ, ଦେଶରେ ପର୍ଯ୍ୟାପ୍ତ ପରିମାଣର ଗହମ, ଧାନ ଏବଂ ଚାଉଳ ରହିଛି ଏବଂ କୌଣସି ଅଭାବ ନାହିଁ। ସେ କହିଛନ୍ତି ଯେ ଗହମ ଏବଂ ଧାନ ସଂଗ୍ରହ ଜାରି ରହିବ, କିନ୍ତୁ ଡାଲି ଉପରେ ଦୃଢ଼ ଧ୍ୟାନ ଦିଆଯିବ। "କୃଷକମାନେ ଯେତେ ଇଚ୍ଛା ହରଡ, ମସୁର ଏବଂ ବିରି ଡାଲି ବିକ୍ରୟ କରିପାରିବେ ଏବଂ ଆମେ ତାହା ସଂଗ୍ରହ କରିବୁ ବୋଲି ସେ କହିଛନ୍ତି।

କେନ୍ଦ୍ର କୃଷି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ କୃଷି ନୀତି ଆଉ କେବଳ ପରିମାଣ ବୃଦ୍ଧି ଉପରେ ଧ୍ୟାନ ଦେବ ନାହିଁ ବରଂ ଗୁଣବତ୍ତା ଉନ୍ନତ କରିବା ଉପରେ ମଧ୍ୟ ସମାନ ଗୁରୁତ୍ୱ ଦେବ। ସେ ମଧ୍ୟପ୍ରଦେଶର 'ଶାରବତୀ' ଗହମର ଉଦାହରଣ ଦେଇଥିଲେ, ଯାହାର ଉନ୍ନତ ଗୁଣବତ୍ତା ଯୋଗୁଁ ବଜାରରେ ୪୦୦ ଟଙ୍କାରୁ ଅଧିକ ପ୍ରିମିୟମ୍ ମିଳୁଛି।

ଶ୍ରୀ ଶିବରାଜ ଚୌହାନ ଆଗାମୀ ବିକଶିତ କୃଷି ସଂକଳ୍ପ ଅଭିଯାନ ପାଇଁ ପ୍ରସ୍ତୁତି ସମୀକ୍ଷା କରିଥିଲେ, ଯାହା ଜାତୀୟ ସ୍ତରରେ କାର୍ଯ୍ୟକାରୀ ହେବ। ଏହା ଦ୍ୱାରା ଚାଷୀମାନଙ୍କୁ ବୈଜ୍ଞାନିକ ପରାମର୍ଶ, ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଅଞ୍ଚଳ-ନିର୍ଦ୍ଦିଷ୍ଟ କୃଷି ମାର୍ଗଦର୍ଶନ ପ୍ରଦାନ କରାଯିବ, ଯେପରି ପୂର୍ବ ପରି କରାଯାଇଥିଲା। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ଅଭିଯାନ କେବଳ ଏକ ଆନୁଷ୍ଠାନିକ ଅଭ୍ୟାସ ହେବା ଉଚିତ୍ ନୁହେଁ ବରଂ କ୍ଷେତ୍ର ସ୍ତରରେ ବ୍ୟବହାରିକ ଏବଂ ଉପଯୋଗୀ ଫଳାଫଳ ପ୍ରଦାନ କରିବା ଉଚିତ। ଏହା ଚାଷୀମାନଙ୍କୁ ବୁଣିବା ପୂର୍ବରୁ ସଠିକ୍ ଫସଲ, ଉପଯୁକ୍ତ କିସମ ଏବଂ ଉପଯୁକ୍ତ କୃଷି ପଦ୍ଧତି ବାଛିବାକୁ ସକ୍ଷମ କରିବ।

# ନେତାନ୍ୟାହୁଙ୍କ ମାଷ୍ଟର ପ୍ଲାନ୍



**ନୂଆଦିଲ୍ଲୀ:** ମଧ୍ୟପ୍ରାଚ୍ୟର ଭୂ-ରାଜନୀତିରେ ଆସିବାକୁ ଯାଉଛି ଏକ ବଡ଼ ପରିବର୍ତ୍ତନ । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବେ ବିଶ୍ୱକୁ ଏକ ନୂଆ 'ଏନର୍ଜି ଲାଇଫ୍ଲାଇନ୍'ର ସ୍ୱପ୍ନ ଦେଖାଇଛନ୍ତି। ଆରବ ଦେଶରୁ ଇସ୍ରାଏଲ୍ ଦେଇ ୟୁରୋପ ପର୍ଯ୍ୟନ୍ତ ବିଛାଯିବ ବିଶାଳ ଗ୍ୟାସ ଓ ତେଲ ପାଇପଲାଇନ୍। ଯାହା ଫଳରେ ଇରାନର ଦାଦାଗିରି ଶେଷ ହେବା ସହ ବଦଳିଯିବ ଶକ୍ତି ମାନଚିତ୍ର। କ'ଣ ଏହି 'ଭିଜନ୍ ୨୦୨୬'? ଆସନ୍ତୁ ଜାଣିବା । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଏକ ମାଷ୍ଟର ପ୍ଲାନ୍ ଏବେ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ନେତାନ୍ୟାହୁଙ୍କ 'ଭିଜନ୍ ୨୦୨୬' ଅନୁଯାୟୀ, ଆରବ ଦେଶଗୁଡ଼ିକର ବିଶାଳ ତେଲ ଓ ଗ୍ୟାସ ଭଣ୍ଡାରକୁ ପାଇପଲାଇନ୍ ଜରିଆରେ ସିଧାସଳଖ ଇସ୍ରାଏଲର ହାଇଫା କିମ୍ବା ଅସଦୋଦ୍ ବନ୍ଦର ପର୍ଯ୍ୟନ୍ତ ଅଣାଯିବ। ଏହି ଯୋଜନା କାର୍ଯ୍ୟକାରୀ ହେଲେ, ବିଶ୍ୱର ଶକ୍ତି ସୁରକ୍ଷା ପାଇଁ ଆଉ ସମୁଦ୍ରର ସଂକୀର୍ଣ୍ଣ ପଥ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ।

ବର୍ତ୍ତମାନ ବିଶ୍ୱର ଅଧିକାଂଶ ତେଲ କାରବାର 'ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍' ଦେଇ ହୋଇଥାଏ। ଯୁଦ୍ଧ ସମୟରେ ଇରାନ ଏହି ରାସ୍ତା ବନ୍ଦ କରି ବିଶ୍ୱକୁ ବ୍ଲାକମେଲ୍ କରିଥାଏ। ନେତାନ୍ୟାହୁଙ୍କ ଯୁକ୍ତି ହେଉଛି, ଯଦି ସୌଦି ଆରବ, ୟୁଏଇ ଏବଂ ଜୋର୍ଡାନ ଦେଇ ଏହି ସ୍ଥଳପଥ କରିଡର ପ୍ରସ୍ତୁତ ହୁଏ, ତେବେ ଇରାନର ପ୍ରଭାବ ସମ୍ପୂର୍ଣ୍ଣ ଶେଷ ହୋଇଯିବ। ଏହା ଦ୍ୱାରା ୟୁରୋପ ମଧ୍ୟ ରୁଷ ଉପରେ ଶକ୍ତି ନିର୍ଭରଶୀଳତା କମାଇ ପାରିବ। ତେବେ ଏହି ପ୍ଲାନ୍ ସାମ୍ନାରେ ରହିଛି ଅନେକ ବଡ଼ ଆହ୍ୱାନ। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି- କ'ଣ ମୁସଲିମ ଦେଶଗୁଡ଼ିକ ନିଜର ଶକ୍ତି ସୁରକ୍ଷାର ଚାବି ଇସ୍ରାଏଲ୍ ହାତରେ ଟେକିଦେବେ? 'ଅବ୍ରାହମ ଏକର୍ଡ' ପରେ ସମ୍ପର୍କରେ ସୁଧାର ଆସିଥିଲେ ମଧ୍ୟ ଚାଲିଥିବା ଯୁଦ୍ଧ ଏହି ସହଯୋଗରେ ବାଧା ସୃଷ୍ଟି କରିପାରେ। ସମାଲୋଚକଙ୍କ କହିବା କଥା, ଯଦି ଏହି କରିଡର ପ୍ରସ୍ତୁତ ହୁଏ, ତେବେ ଭବିଷ୍ୟତରେ ଇସ୍ରାଏଲ୍ ମଧ୍ୟ ନିଜର ପ୍ରଭାବ ବିସ୍ତାର କରି ବିଶ୍ୱ ଅର୍ଥନୀତିକୁ ନିୟନ୍ତ୍ରଣ କରିବାର କ୍ଷମତା ହାସଲ କରିନେବ।

ଏହି ଯୋଜନାକୁ ଆମେରିକାର ସମର୍ଥନ ମିଳିବ କି ନାହିଁ, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ରିପୋର୍ଟ ଅନୁଯାୟୀ, ଡୋନାଲ୍ଡ ଟ୍ରମ୍ପ ଏହି ଅଞ୍ଚଳରେ ସ୍ଥିରତା ଚାହୁଁଥିବା ବେଳେ ନେତାନ୍ୟାହୁଙ୍କ ବିଶ୍ୱାସ ଯେ, ଯୁଦ୍ଧ ପରେ ଏହି କରିଡର ହିଁ ମଧ୍ୟପ୍ରାଚ୍ୟର ସବୁଠାରୁ ବଡ଼ ଭୂ-ରାଜନୈତିକ ପରିବର୍ତ୍ତନ ହେବ। ନେତାନ୍ୟାହୁଙ୍କ ଏହି 'ମାଷ୍ଟର ପ୍ଲାନ୍' କେବଳ ଏକ କଳ୍ପନା କିମ୍ବା ବାସ୍ତବତା, ତାହା ସମୟ କହିବ। କିନ୍ତୁ ଯଦି ଏହା ସଫଳ ହୁଏ, ତେବେ ଇସ୍ରାଏଲ୍ କେବଳ ଏକ ସାମରିକ ଶକ୍ତି ନୁହେଁ, ବରଂ ବିଶ୍ୱର ଏକ ପ୍ରମୁଖ 'ଏନର୍ଜି ହବ୍' ଭାବେ ଉଭା ହେବ।

## ପାଣି ସୁଅରେ ଭାସିଗଲେ ୫ ସାଙ୍ଗ

**ଆନ୍ଧ୍ର:** କଲେଜ ଛୁଟି ହେଲା । ଏକାଠି ସାଙ୍ଗ ହୋଇ ୭ ଜଣ ବୁଲିବାକୁ ଯାଇଥିଲେ । ନଦୀ କୂଳରେ ବୁଲିବା ହେଲା ସମସ୍ତଙ୍କ ପାଇଁ କାଳ । ନଦୀ କୂଳରେ ବୁଡ଼ିଲା ସମୟରେ ହଠାତ୍ ଖସିଗଲା ଗୋଡ଼ । ପାଞ୍ଚ ଜଣ ଛାତ୍ର ନଦୀର ଗଭୀର ସ୍ରୋତରେ ଭାସିଯାଇଥିଲେ । ଯାହାକୁ ଦେଖି ସ୍ଥାନୀୟ ଲୋକ ତୁରନ୍ତ ଉଦ୍ଧାରକାରୀ ଦଳକୁ ଖବର ଦେଇଥିଲେ । ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଆରମ୍ଭ କରିଥିଲେ ସର୍ଚ୍ଚ ଅପରେସନ । ହେଲେ ସେତେବେଳକୁ ହୋଇସାରିଥିଲା ବହୁ ବିଳମ୍ବ । ଆନ୍ଧ୍ର ଅମରାବତୀ ସ୍ଥିତ SRM କଲେଜର ୫ଜଣ ଛାତ୍ର । ଭଦ୍ରାଞ୍ଚଳମରେ ଥିବା ନିଜ ସାଙ୍ଗ ଶ୍ରୀକରଙ୍କ ଘରକୁ ଉଗାଡି ଉତ୍ସବ ପାଳନ ନିମନ୍ତେ ଆସିଥିଲେ । ସେଠାରେ କିଛି ସମୟ ବିତାଇବା ପରେ ପାଖରେ ଗୋଦାବରୀ ନଦୀ କୂଳକୁ ବୁଲିବାକୁ ଯାଇଥିଲେ ।

# ନିର୍ବାଚନ ପରେ ବଢ଼ିବ ପେଟ୍ରୋଲ୍-ଡିଜେଲ୍ ଦର: ରାହୁଲ

**ନୂଆଦିଲ୍ଲୀ:** ଇରାନ ଯୁଦ୍ଧର ପ୍ରଭାବର ସାରା ବିଶ୍ୱରେ ପଡ଼ିଛି । ଯୁଦ୍ଧର ପ୍ରଭାବ ଭାରତୀୟ ପରିବାରରେ ମଧ୍ୟ ପଡ଼ିଛି । ଗ୍ୟାସ ମୂଲ୍ୟ ବୃଦ୍ଧି ହେବା କାରଣରୁ ଲୋକେ ହନ୍ତସନ୍ତ ହେଉଛନ୍ତି । ଏହାରି ମଧ୍ୟରେ ଭାରତର ବିଭିନ୍ନ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଏହାକୁ ନେଇ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବଡ଼ ଭବିଷ୍ୟବାଣୀ କରିଛନ୍ତି । ସେ କହିଛନ୍ତି ଯେ, ନିର୍ବାଚନ ପରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ସିଲିଣ୍ଡରର ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବ।

କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶନିବାର (୨୧ ମାର୍ଚ୍ଚ, ୨୦୨୬) ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ସେୟାର କରିଛନ୍ତି। ପୋଷ୍ଟରେ ସେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ପାଇଁ କେନ୍ଦ୍ରର ମୋଦୀ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ ପୋଷ୍ଟରେ ଲେଖିଛନ୍ତି, 'ଡଲାର ତୁଳନାରେ ଟଙ୍କା ଦୁର୍ବଳ ହୋଇ ୧୦୦ ଆଡକୁ ମୁହାଁଇବା ଏବଂ ଶିଳ୍ପ ଇନ୍ଧନ ମୂଲ୍ୟରେ ତୀବ୍ର ବୃଦ୍ଧି କେବଳ ପରିସଂଖ୍ୟାନ ନୁହେଁ, ବରଂ ଆସନ୍ନ ମୁଦ୍ରାସ୍ଫୀତିର ସ୍ପଷ୍ଟ ସଙ୍କେତ।' ସେ ଆହୁରି ମଧ୍ୟ କହିଛନ୍ତି, 'ସରକାର ଏହାକୁ ସାଧାରଣ ବୋଲି କହିପାରନ୍ତି, କିନ୍ତୁ ବାସ୍ତବତା ହେଉଛି ଉତ୍ପାଦନ ଏବଂ ପରିବହନ ଅଧିକ ମହଙ୍ଗା ହେବ, ଏମଏସଏମଇ ସବୁଠାରୁ ଅଧିକ ପ୍ରଭାବିତ ହେବ, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ବୃଦ୍ଧି ପାଇବ, ଏବଂ ଏଫଆଇଆଇ (ବିଦେଶୀ ସଂସ୍ଥାଗତ ନିବେଶକ) ଟଙ୍କା ଆହୁରି ଦ୍ରୁତ ଗତିରେ ବାହାରକୁ ପ୍ରବାହିତ ହେବ ।

## କାର ପାର୍ଟସ୍ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ, ୧୦ ମୃତ, ୬୦ରୁ ଅଧିକ ଆହତ

**ସିଓଲ:** ଦକ୍ଷିଣ କୋରିଆର ଡେଜେଓନ୍ ସହରରେ ଭୟଙ୍କର ବିସ୍ଫୋରଣ । ଏକ କାର୍ ପାର୍ଟସ୍ କାରଖାନାରେ ଶନିବାର ଅପରାହ୍ନରେ ଘଟିଥିବା ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଯେଉଁଥିରେ ୧୦ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୬୦ରୁ ଅଧିକ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୨୫ ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ନେଇ ସୂଚନା ଦେଇଛି ଗୃହ ମନ୍ତ୍ରଣାଳୟ । ଅଗ୍ନିକାଣ୍ଡ ସମୟରେ ପ୍ଲାଣ୍ଟରେ ମୋଟ ୧୭୦ ଜଣ କର୍ମଚାରୀ କାମ କରୁଥିଲେ, ଯେଉଁମାନଙ୍କ ମଧ୍ୟରୁ କିଛି ମୃତଦେହ କୋଠାର ଦ୍ୱିତୀୟ ଓ ତୃତୀୟ ମହଲାରୁ ଉଦ୍ଧାର କରାଯାଇଛି । ଅଗ୍ନିଶମ ବାହିନୀ ଏବେ ମଧ୍ୟ ଭଗ୍ନାବଶେଷ ମଧ୍ୟରେ ନିଖୋଜ ଥିବା ଅନ୍ୟ ୪ ଜଣଙ୍କୁ ଉଦ୍ଧାର କରିବା ନିରନ୍ତର ଚେଷ୍ଟା ଜାରି ରଖିଛନ୍ତି । କାରଖାନା ପରିସରରେ ପ୍ରାୟ ୨୦୦ କିଲୋଗ୍ରାମ ସୋଡିୟମ୍ ଗଚ୍ଛିତ ଥିବାରୁ ଏକ ବଡ଼ ଧରଣର ବିସ୍ଫୋରଣ ଘଟିଥିଲା । ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନଥିବା ବେଳେ ପ୍ରଶାସନ ପକ୍ଷରୁ ଏକ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରାଯାଇଛି । ଏହି ଦୁଃଖଦ ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଲି ଜାଏ-ମ୍ୟୁଙ୍ଗ୍ ତୁରନ୍ତ ଉଦ୍ଧାର କାର୍ଯ୍ୟ ପାଇଁ ସମସ୍ତ ଆଧୁନିକ ଉପକରଣ ଓ ଅତିରିକ୍ତ କର୍ମଚାରୀ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଯିଏ ପଶ୍ଚିମବଙ୍ଗଙ୍କୁ ଟାର୍ଗେଟ କରିବ ସେ ନର୍କକୁ ଯିବ...

**କୋଲକାତା:** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ଅନୁପ୍ରବେଶ ମୁଖ୍ୟ ପ୍ରସଙ୍ଗ ହୋଇଥିବାବେଳେ ବିଜେପି ମମତା ବାନାର୍ଜୀଙ୍କୁ ପରାଜିତ କରିବାକୁ ଏହାକୁ ମୁଖ୍ୟ ପ୍ରସଙ୍ଗ କରିଛି। ଅନ୍ୟପକ୍ଷରେ ଶନିବାର ମମତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅନୁପ୍ରବେଶ ପ୍ରସଙ୍ଗରେ ତୀବ୍ର ସମାଲୋଚନା କରିଛନ୍ତି। ମୋଦୀ ସବୁଠୁ ବଡ଼ ଅନୁପ୍ରବେଶକାରୀ ବୋଲି ମମତା କହିଛନ୍ତି। ଏହାସହିତ ଯିଏ ତାଙ୍କ ରାଜ୍ୟକୁ ଟାର୍ଗେଟ କରିବ ସେ ନର୍କକୁ ଯିବ ବୋଲି କହିଛନ୍ତି। ଇଦ୍ ଅବସରରେ କୋଲକାତାଠାରେ ଏକ ବିଶାଳ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମମତା କହିଥିଲେ, ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) କେବଳ ଆସନ୍ତା ମାସ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ପ୍ରଭାବିତ କରିବାକୁ କରାଯାଉଛି। ମମତା କହିଛନ୍ତି, ମୋଦୀ ଓ ତାଙ୍କ ନେତୃତ୍ୱାଧୀନ ସରକାର ସବୁଠୁ ବଡ଼ ଅନୁପ୍ରବେଶକାରୀ। ମୋଦୀ ଓ ବିଜେପିକୁ ଆମେ କାହାର ଭୋଟ ଅଧିକାର ଛଡ଼େଇ ନେବାକୁ ଦେବୁ ନାହିଁ। ଏସ୍‌ଆଇଆର୍ ବେଳେ ଅନେକ ନାମ କଟିଛି। ମୁଁ କୋଲକାତାରୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢ଼ିଛି ବୋଲି ମମତା ଉପସ୍ଥିତ ଲୋକଙ୍କୁ କହିଥିଲେ। ସେ ଏହି ଅବସରରେ 'ବିଜେପି ହଟାଓ, ଦେଶ ବଚାଅ' ସ୍ଲୋଗାନ ମଧ୍ୟ ଦେଇଥିଲେ। ଜବାବରେ ବିଜେପି କହିଛି, ମମତା ବାନାର୍ଜୀ ପରାଜୟ ଭୟରେ ଏପରି ମନ୍ତବ୍ୟ ଦେଉଛନ୍ତି। ବିଜେପି ନେତା ଶିଶିର ବଜୋରିଆ କହିଛନ୍ତି, ଯଦି କେହି ଦେଶର ପ୍ରଧାନମନ୍ତ୍ରୀଙ୍କୁ ଅନୁପ୍ରବେଶକାରୀ କହିବେ ତାଙ୍କର ସାମ୍ବିଧାନିକ ପଦବୀରେ ରହିବାର ଅଧିକାର ନାହିଁ।

# ଭାରତରୁ ଇରାନ ଉପରେ ଆକ୍ରମଣ କରିବାକୁ ଯୋଜନା କରୁଛି ଆମେରିକା !

**ନୂଆଦିଲ୍ଲୀ:** ଏକ ଭାଇରାଲ ସୋସିଆଲ ମିଡିଆ ପୋଷ୍ଟ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ ଏକ ଫେକ୍ ନ୍ୟୁଜ୍ ଆଲର୍ଟ ଜାରି କରିଛି । ଏହି ପୋଷ୍ଟରେ ଦାବି କରାଯାଉଥିଲା ଯେ ଆମେରିକା ଇରାନ ଉପରେ ଆକ୍ରମଣ କରିବା ପାଇଁ ଭାରତକୁ ତା'ର ଭୂମି ବ୍ୟବହାର କରିବାକୁ ଅନୁମତି ମାଗିଛି । ଏହି ଦାବି ସୋସିଆଲ ମିଡିଆ ପ୍ଲାଟଫର୍ମ X ରେ ଦ୍ରୁତ ଗତିରେ ବ୍ୟାପିଥିଲା। ଏଥିରେ କୁହାଯାଇଥିଲା ଯେ ଆମେରିକା ଲେମୋଆ ଚୁକ୍ତି ଅନୁଯାୟୀ ଭାରତର ପଶ୍ଚିମ ଅଂଶକୁ ସାମରିକ ଅଭିଯାନ ପାଇଁ ବ୍ୟବହାର କରିବାକୁ ଚାହୁଁଛି ଏବଂ କୋଙ୍କଣ ଉପକୂଳ ନିକଟରେ ନିଜର ସୈନ୍ୟ ମୁତୟନ କରିବାକୁ ଯୋଜନା କରୁଛି ।ବୈଦେଶିକ ମନ୍ତ୍ରଣାଳୟ ଏହି ସମସ୍ତ ଦାବିକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଖାରଜ କରିଦେଇଛି। ମନ୍ତ୍ରଣାଳୟ ସ୍ପଷ୍ଟ ଭାବରେ କହିଛି ଯେ ଏପରି କୌଣସି ଘଟଣା ନାହିଁ ଏବଂ ଲୋକମାନେ ଏପରି ମିଥ୍ୟା ଏବଂ ଭିତ୍ତିହୀନ ରିପୋର୍ଟ ପ୍ରତି ସତର୍କ ରହିବା ଉଚିତ। ଲଜିଷ୍ଟିକ୍ସ ଏକ୍ସଚେଞ୍ଜ ମେମୋରାଣ୍ଡମ୍ ଅଫ୍ ଏଗ୍ରିମେଣ୍ଟ ହେଉଛି ଭାରତ ଏବଂ ଆମେରିକା ମଧ୍ୟରେ ୨୦୧୬ ମସିହାରେ ସ୍ୱାକ୍ଷରିତ ଏକ ଚୁକ୍ତି। ଏହି ଚୁକ୍ତିନାମା ଅନୁଯାୟୀ, ଉଭୟ ଦେଶ ପରସ୍ପରର ସାମରିକ ସୁବିଧାଗୁଡ଼ିକୁ ଇନ୍ଧନ ଭର୍ତ୍ତି, ମରାମତି କିମ୍ବା ବିଶ୍ରାମ ପାଇଁ ବ୍ୟବହାର କରିପାରିବେ, କିନ୍ତୁ ଏହା ଉଭୟ ଦେଶକୁ ନିଜ ଅଞ୍ଚଳରୁ ସିଧାସଳଖ ଆକ୍ରମଣ କରିବାକୁ ଅନୁମତି ଦିଏ ନାହିଁ। ପ୍ରତ୍ୟେକ ଥର ପୃଥକ ଅନୁମତି ଆବଶ୍ୟକ ଏବଂ ତାହା ମଧ୍ୟ ସୀମିତ ଉଦ୍ଦେଶ୍ୟ ପାଇଁ ।ବିଶ୍ୱର ଅନେକ ଦେଶ ମଧ୍ୟରେ ଏପରି ଚୁକ୍ତିନାମା ଅଛି, ଯେପରିକି ନାଟୋ କିମ୍ବା ଅନ୍ୟାନ୍ୟ ପ୍ରତିରକ୍ଷା ଚୁକ୍ତିନାମା, ଯେଉଁଠାରେ ଗୋଟିଏ ଦେଶ ଅନ୍ୟ ଦେଶର ଭୂମି ବ୍ୟବହାର କରିପାରିବ, କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବରେ ସେହି ଦେଶର ଅନୁମତି ଏବଂ ନିୟମ ଉପରେ ନିର୍ଭର କରେ। ଉଦାହରଣ ସ୍ୱରୂପ, ଆମେରିକା ପୂର୍ବରୁ ଉପସାଗର ଯୁଦ୍ଧ ସମୟରେ ସାଉଦି ଆରବ ଏବଂ କୁୱେତରେ ଘାଟି ବ୍ୟବହାର କରିଥିଲା, ଏବଂ ଇରାକ ଯୁଦ୍ଧ ସମୟରେ ତୁର୍କୀରେ ଏକ ଘାଟି ବ୍ୟବହାର କରିଥିଲା। ଭାରତ ସରକାର ସ୍ପଷ୍ଟ କରିଛନ୍ତି ଯେ ସୋସିଆଲ ମିଡିଆରେ ପ୍ରସାରିତ ଏହି ଖବର ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏହାର କୌଣସି ଆଧାର ନାହିଁ ।



# ଭାରତୀୟ ନୌସେନାରେ ସାମିଲ ହେବ ଆଇଏନଏସ ତାରାଗିରି



**ନୂଆଦିଲ୍ଲୀ:**ବିଶ୍ୱରେ ବଢୁଥିବା ଭୂ-ରାଜନୈତିକ ସଙ୍କଟକୁ ଲକ୍ଷ୍ୟରେ ରଖି ଭାରତୀୟ ନୌସେନା ଏହାର ଶକ୍ତି ଏବଂ କ୍ଷମତାରେ ଲଗାତାର ବୃଦ୍ଧି କରିବାରେ ଲାଗିଛି। ଏହିକ୍ରମରେ ନୌସେନା ଖୁବ୍ ଶୀଘ୍ର ଅତ୍ୟାଧୁନିକ ସୁବିଧା ଥିବା ଜାହାଜକୁ ସାମିଲ କରିବାକୁ ଯାଉଛି। ସ୍ୱଦେଶୀ ଜ୍ଞାନକୌଶଳରେ ତିଆରି ହୋଇଥିବା ଏହି ଆଧୁନିକ ଷ୍ଟେଲଥ ଫ୍ରିଗେଟ ଆଇଏନଏସ ତାରାଗିରି ଜାହାଜ, ଆସନ୍ତା ଏପ୍ରିଲ ୩ ତାରିଖରେ ଭାରତୀୟ ନୌସେନାରେ ସାମିଲ ହେବ। ଏଥିପାଇଁ ଏକ ସ୍ୱତନ୍ତ୍ର ସମାରୋହ ଆୟୋଜନ କରାଯାଇଥିବା ବେଳେ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏଥିରେ ମୁଖ୍ୟ ଅତିଥି ହେବେ। ଆଇଏନଏସ ତାରାଗିରି ପ୍ରୋଜେକ୍ଟ ୧୭ଏ ଅନୁସାରେ ତିଆରି କରାଯାଇଥିବା ଚତୁର୍ଥ ଯୁଦ୍ଧପୋତ। ପ୍ରାୟ ୬,୬୭୦ ଟନ୍ ଓଜନର ଏହି ଜାହାଜ ମେକ ଇନ ଇଣ୍ଡିଆ ଅଭିଯାନର ଏକ ମଜଭୁତ ଉଦାହରଣ। ଏହାକୁ ମୁମ୍ବାଇ ସ୍ଥିତ ମଝଗାଓଁ ଡକ୍ ସିପବିଲଡର୍ସ ଲିମିଟେଡ (ଏମଡିଏଲ) ଦ୍ୱାରା ନିର୍ମାଣ କରାଯାଇଛି।

ଏହି ଯୁଦ୍ଧପୋତ ଆଧୁନିକ ଷ୍ଟେଲଥ ଜ୍ଞାନକୌଶଳରେ ନିର୍ମିତ। ଯାହାଦ୍ୱାରା ଏହି ଜାହାଜର ରାଡାର ସିଷ୍ଟମ ସିଗ୍ନେଚର ଖୁବ କମ୍ ହୋଇଯାଏ। ଫଳରେ ଶତ୍ରୁ ପାଇଁ ଏହାକୁ ଧରିବା ସହଜ ହେବନାହିଁ। ଏହି ଖାସ ଜାହାଜକୁ ପ୍ରସ୍ତୁତ କରିବାରେ ୭୫ ପ୍ରତିଶତରୁ ଅଧିକ ସ୍ୱଦେଶୀ ଉପକରଣର ବ୍ୟବହାର କରଯାଇଛି। ଯେଉଁଥିରେ ଦେଶର ୨୦୦ରୁ ଅଧିକ ଏମଏସଏମଇଙ୍କ ଯୋଗଦାନ ରହିଛି। ଆଇଏନଏସ ତାରାଗିରିରେ ଆଡଭାନ୍ସ ହତିଆର ପ୍ରଣାଳୀ ମଧ୍ୟ ରହିଛି। ସୁପରସୋନିକ ମିସାଇଲ, ମିଡିୟମ ରେଞ୍ଜ ଏୟାର ଡିଫେନ୍ସ ସିଷ୍ଟମ ଏବଂ ଆଣ୍ଟି- ସବମରିନ ୱାରଫେୟାର ଭଳି କ୍ଷମତା ସାମିଲ ରହିଛି।ଏହା ସହ ଏଥିରେ ଆଧୁନିକ କମ୍ବାଟ ମ୍ୟାନେଜମେଣ୍ଟ ସିଷ୍ଟମ ମଧ୍ୟ ସେଟ୍ କରାଯାଇଛି। ଯାହା ଖୁବଶୀଘ୍ର ନିଷ୍ପତ୍ତି ନେବାରେ ସାହାଯ୍ୟ କରିଥାଏ। ଏହି ଯୁଦ୍ଧପୋତ କେବଳ ଯୁଦ୍ଧ ପାଇଁ ନୁହେଁ, ବରଂ ମାନବୀୟ ସହାୟତା ଏବଂ ବିପର୍ଯ୍ୟୟ ସମୟରେ ଉଦ୍ଧାରରେ ମଧ୍ୟ ବ୍ୟବହାର ହୋଇପାରିବ। ଆତ୍ମନିର୍ଭର ଭାରତ ଦିଗରେ ବଡ଼ ପଦକ୍ଷେପ : ଭାରତୀୟ ନୌସେନାର ଏହି ନୂଆ ଜାହାଜ ଦେଶର ବଢୁଥିବା ସାମୁଦ୍ରିକ ଶକ୍ତି ଏବଂ ଆତ୍ମନିର୍ଭର ଭାରତ ଦିଗରେ ଆଉ ଏକ ବଡ଼ ପଦକ୍ଷେପ । ତାରାଗିରି ପୂର୍ବରୁ ସେବା ଦେଇସାରିଥିବା ଆଇଏନଏସ ତାରାଗିରିର ହିଁ ନୂଆ ରୂପ। ଯାହା ଏକ ଲିଏଣ୍ଡର ଶ୍ରେଣୀର ଯୁଦ୍ଧପୋତ ଥିଲା। ୧୯୮୦ ମେ ୧୬ରୁ ୨୦୧୩ ଜୁନ ୨୭ ପର୍ଯ୍ୟନ୍ତ ଭାରତୀୟ ନୌସେନାର ଅଂଶ ରହିଥିଲା। ଆଉ ପ୍ରାୟ ୩୩ ବର୍ଷ ଧରି ସେବା ଦେଇଥିଲା।

## ୨୪ ତମ ଜାତୀୟ ପାରା ଆଥଲେଟିକ୍ ଚାମ୍ପିଅନସିପ ଉଦ୍‌ଯାପିତ



# ହରିୟାଣା ଦଳଗତ ଚାମ୍ପିଅନ



ଭୁବନେଶ୍ୱର, ୨୧।୩(ସବ୍ୟୁ): ୨୪ ତମ ଜାତୀୟ ପାରା ଆଥଲେଟିକ୍ ଚାମ୍ପିଅନସିପ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସମସ୍ତ ବିଜେତା ଆଥଲେଟ ମାନଙ୍କୁ ପୁରସ୍କୃତ କରିବା ସହିତ ଆଗାମୀ ସମୟରେ ସମସ୍ତ ଖେଳରେ ନିଜର ପରିଶ୍ରମ ଅବ୍ୟାହତ ରଖିବାପାଇଁ ପରାମର୍ଶ ଦେଇଥିଲେ । ହାର ଜିତ ତ ସବୁ ଖେଳାଳିଙ୍କ ଜୀବନରେ ଆସିଥାଏ, କିନ୍ତୁ ପ୍ରକୃତ ଜୀବନର ସଂଘର୍ଷକୁ ଜିତିଯାଇଥିବା ବିଜେତା ହେଉଛନ୍ତି ଆପଣମାନେ । କାରଣ ଆପଣ ମାନେ ନିଜର ଦୁର୍ବଳତାକୁ ନିଜର ଶକ୍ତି କରିଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସମସ୍ତ ଖେଳାଳିଙ୍କୁ ସମ୍ବୋଧନ କରି କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ଆଥଲେଟମାନଙ୍କୁ ଆଗାମୀ ଏସିଆନ ପାରା ଗେମ୍ସ ରେ ଦେଶ ପାଇଁ ଗୌରବ ଆଣିବାକୁ କହିଥିଲେ ଏବଂ ଏହି ଅବସରରେ ଓଡିଶା କଣ୍ଟିଜେଣ୍ଟର ୪୦ଜଣ ଆଥଲେଟଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅଭିନନ୍ଦନ ଜଣାଇଥିଲେ ।

ନିଜ ଅଭିଭାଷଣରେ ଅଲିମ୍ପିକ ପଦକ ବିଜେତା ପ୍ରମୋଦ ଭଗତ ଓ ଭି. ରମେଶ ରାଓଙ୍କ ପରି କ୍ରୀଡାବିତଙ୍କ ପଥ ଅନୁସରଣ କରି ଉତ୍କର୍ଷ ହାସଲ କରିବା ପାଇଁ ଉଦ୍ୟମ ଜାରି ରଖନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କ୍ରୀଡ଼ାବିତ ମାନଙ୍କୁ କହିଥିଲେ ।

ଯେ ସଫଳତା ଆପଣମାନଙ୍କୁ ଅପେକ୍ଷା କରି ରହିଛି । ଆପଣଙ୍କୁ କେହି ଅଟକେଇ ପାରିବେ ନାହିଁ । ଆଜି ଯେଉଁ ଓଡିଆ ଆଥଲେଟମାନେ ସଫଳତା ହାସଲ କରିଛନ୍ତି, ମେଡାଲ ପାଇଛନ୍ତି, ସେମାନେ ତାଙ୍କର ଉଦ୍ୟମ ଜାରି ରଖନ୍ତୁ, ବିଶ୍ୱସ୍ତରରେ ନିଜର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରନ୍ତୁ । ବିଶ୍ୱରେ ଓଡିଶାର ପ୍ରତିଭାକୁ ନୂଆ ପରିଚୟ ଦିଅନ୍ତୁ ବୋଲି ସେ ପରାମର୍ଶ ଦେଇ କହିଥିଲେ । ବିଶ୍ୱର କ୍ରୀଡା ମାନଚିତ୍ରରେ ଓଡିଶା ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିପାରିଛି । ଆମକୁ ଆଉ ଏକ ସୁନ୍ଦର ସୁଯୋଗ ମିଳିଛି କାରଣ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍-୨୦୨୮ ଭୁବନେଶ୍ୱରରେ ଆୟୋଜିତ ହେବ ।

### ୫ ଟି ସ୍ୱର୍ଣ୍ଣ ସହ ଓଡିଶାକୁ ୧୭ ପଦକ

ଓଡିଶାରେ କ୍ରୀଡାର ଉନ୍ନତି ପାଇଁ ଭିତ୍ତିଭୂମି ବିକାଶ, କ୍ରୀଡା ପ୍ରତିଭା ଚିହ୍ନଟ, ପ୍ରଶିକ୍ଷଣ ଏବଂ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାର ଆୟୋଜନ ପାଇଁ ଆମର ଉଦ୍ୟମ ଜାରି ରହିବ । ଭାରତ ତଥା ଓଡିଶାରେ କ୍ରୀଡାର ବିକାଶ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ସବୁ ସମୟରେ ସହଯୋଗ ଓ ସହାୟତା ଦେଇଆସିଛନ୍ତି ସେଥିପାଇଁ ଅନେକ ଅନେକ ଧନ୍ୟବାଦ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସୂଚନା ଯୋଗ୍ୟଯେ ଉକ୍ତ ଚମ୍ପିୟନସିପ୍ ରେ ୨୮ଟି ରାଜ୍ୟର ୧୪୬୦ ଜଣ ପାରା-ଆଥଲେଟ୍ ଭାଗ ନେଇଥିଲେ । ଆଜି ଉଦ୍‌ଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ଚାମ୍ପିଅନ ଦଳ ଭାବେ ହରିୟାଣା (ପ୍ରଥମ) (୯୫ଟି ମେଡାଲ), ତାମିଲନାଡୁ (ଦ୍ୱିତୀୟ) (୫୧ଟି ମେଡାଲ ), ଏବଂ ଗୁଜୁରାଟ (ତୃତୀୟ) (୩୦ଟି ମେଡାଲ)ଙ୍କୁ ପୁରସ୍କୃତ କରିବା ସହିତ ବିଭିନ୍ନ ସ୍ତରରେ ବିଜେତା ଆଥଲେଟ ମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଚାମ୍ପିଅନସିରେ ଓଡ଼ିଶା ୫ଟି ସ୍ୱର୍ଣ୍ଣ ପଦକ ସହିତ ସମୁଦାୟ ୧୭ଟି ମେଡାଲ ପାଇଛି ।

କାର୍ଯ୍ୟକ୍ରମରେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ, କ୍ରୀଡା ବିଭାଗ ସଚିବ ସଚିନ ଆର ଯାଦବ, ପାରାଲିମ୍ପିକ କମିଟି ସାଧାରଣ ସମ୍ପାଦକ ଜୟୱାନ୍ତ G. H., ପାରା ଆଥଲେଟିକ୍ସ , ପ୍ରେସିଡେଣ୍ଟଶ୍ରୀ ସତ୍ୟନାରାୟଣ, ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡିଶାର ଅଧ୍ୟକ୍ଷ କମଳାକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଣୀକ୍ଷେତ୍ର କପ: ଭଦ୍ରକ ଚାମ୍ପିଅନ



ନାଉଗାଁ,୨୦/୩(ସବୁ )ନାଉଗାଁ ବ୍ଲକ ଅନ୍ତର୍ଗତ ବାଣୀକ୍ଷେତ୍ର କ୍ରିକେଟ କ୍ଲବ ପକ୍ଷରୁ ତ୍ରିଦିବସୀୟ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ସାମାଜିକ କର୍ମୀ ସରୋଜ ଲେଙ୍କା ଟୁର୍ଣ୍ଣାମେଣ୍ଟକୁ ଉ"ାଟନ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲାରୁ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ୩ ଇଂନିସ ବିଶିଷ୍ଟ ହୋଇଥିଲା । ଶେଷ ଫାଇନାଲ ମ୍ୟାଚ୍ରେ ଭଦ୍ରକର ଇମେଜ ଇଲେଭେନ ନିର୍ଦ୍ଧାରିତ ଓଭରରେ ୭୧ ରନ ସଂଗ୍ରହ କରିଥିବାବଳେ ହିତିକି ଇଲେଭେନ ଭଦ୍ରକ ୬୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ହିରାଲାଲ ମେଣ୍ଡିସଙ୍କୁ ମ୍ୟାନ ଅଫ ଦି ସିରିଜ ଘୋଷଣା କରାଯାଇଥିଲା । ଇମେଜ ଇଲେଭେନ ଭଦ୍ରକ ଚାମ୍ପିଅନ ହୋଇ ଟ୍ରଫି ସହିତ ୪୫ହଜାଟଙ୍କା ଚେକ ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ପ୍ରଦାନ କରିଥିଲେ । ହିତିକି ଇଲେଭେନ ଭଦ୍ରକକୁ ରନର୍ସ ଅପ ଭାବେ ୩୦ହଜାର ଟଙ୍କା ଚେକ ପ୍ରଦାନ କରାଯାଇଥିଲା । ଅନ୍ୟତମଅତିଥି ଭାବେ ନିରଂଜନ ବେହୁରା, ପ୍ରଦାନ କରିଥିଲେ ।ଯୁବନେତା ପ୍ରଶାନ୍ତ ମଲ୍ଲିକ, ଦିଲ୍ଲୀପ ଲେଙ୍କା, ନାଉଗାଁ ସରପଞ୍ଚ ପ୍ରାଚିସାଗରିକା ଜେନା, ସମିତି ସଭ୍ୟା ମାନସୀ ଲେଙ୍କା, ସମାଜସେବୀ ଶୁଶାନ୍ତ କୁମାର ସାହୁ, ବାବୁଲି ରାୟ ପ୍ରମୁଖ ଉପସ୍ଥିତ ଥିଲେ । କ୍ଲବ ସଭାପତି ରଶ୍ମୀରଞ୍ଜନ ତ୍ରିପାଠୀ, କ୍ଲବ ସମ୍ପାଦକ ରାକେଶ ରାୟ, ନାଉଗାଁ ଗ୍ରାମ ପଞ୍ଚାୟତ ନୟାବ ସରପଞ୍ଚ ଉଲ୍ଲାସ ରାୟ, ଭବାନୀ ଶଙ୍କର ଦାସ ଏବଂ ଦୀପ୍ତି ରଞ୍ଜନ ତ୍ରିପାଠୀ ଏହାକୁ ସୁଚାର ସମ୍ପାଦନ କରିଥିଲେ ଏହି ଟୁର୍ଣ୍ଣାମେଣ୍ଟକୁ ବାଣୀକ୍ଷେତ୍ର କ୍ଲବ୍ର ସଦସ୍ୟ ପରିଚାଳନା କରିଥିଲେ ।

## ଏଫଏମରେ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଟାଇକୋଣ୍ଡୋ



ବାଲେଶ୍ୱର,୨୧।୩(ସବ୍ୟୁ):ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟାଇକୋଣ୍ଡୋ (ମହିଳା) ପ୍ରତିଯୋଗିତା ୨୦୨୫୨୬ ଉତ୍ସାହପୂର୍ଣ୍ଣ ଭାବରେ ସମାପ୍ତ ହୋଇଛି । ଏହି ଅବସରରେ ଆୟୋଜିତ ଅନୁଷ୍ଠିତ ସମାପନୀ ଓ ପୁରସ୍କାର ବିତରଣ ଉତ୍ସବ ସଫଳତାର ସହ ସମ୍ପନ୍ନ ହୋଇଥିଲା ।ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କ୍ରୀଡା କ୍ଷେତ୍ରରେ ଜାତୀୟ ସ୍ତରର ସଫଳତାର ଏକ ଗୌରବମୟ ଇତିହାସ ସୃଷ୍ଟି କରିପାରିଛି ।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଲୋକସଭା ସଦସ୍ୟ ପ୍ରତାପ ଚନ୍ଦ୍ର ଷ ଯୋଗଦେଇ ପ୍ରେରଣାଦାୟକ ଉଦବୋଧନ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର କାର୍ଯ୍ୟଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଅଧିକୃତ ପର୍ଯ୍ୟବେକ୍ଷକ ଡ଼କଫର ଦୀପକ ସି.ଏସ (ବେଙ୍ଗାଲୁରୁ), କୁଳସଚିବ ଶ୍ରୀମତୀ କୁକୁମୀନା ଦାସ ଓ କ୍ରୀଡା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ପ୍ରତିଯୋଗିତାର ସଫଳ ଆୟୋଜନ କ୍ରୀଡା ପରିଷଦର ଉପନିର୍ଦ୍ଦେଶକ ଡ଼କଫର ଅମିତ ଶର୍ମା ଓ ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ ବିଶୋଇଙ୍କ ନିର୍ଦ୍ଦେଶନା ଓ ଅକ୍ଳାନ୍ତ ପ୍ରୟାସରେ ସମ୍ଭବ ହୋଇଥିଲା ।ଦେଶର ୨୫ଟି ରାଜ୍ୟର ୧୭୯ଟି ବିଶ୍ୱବିଦ୍ୟାଳୟରୁ କ୍ରୀଡ଼ାଳୁମାନେ ଏହି ପ୍ରତିଯୋଗିତାରେ ଉତ୍ସାହପୂର୍ଣ୍ଣ ଭାବେ ଯୋଗଦେଇ ନିଜ ଦକ୍ଷତା, ସଂକଳ୍ପ ଓ କ୍ରୀଡାସ୍ପୃହା ପ୍ରଦର୍ଶନ କରିଥିଲେ ।ସମୁଦାୟ ଫଳାଫଳରେ ହରିୟାନା ରୋହତକ ର ମହାର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ଚ୍ୟାମ୍ପିଅନ ହୋଇଥିବାବେଳେ ସୁରତ (ଗୁଜରାଟ) ର ବୀର ନର୍ମଦ ଦକ୍ଷିଣ ଗୁଜରାଟ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଓ ଅମୃତସର ର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା ।ପୁରସ୍କାର ବିତରଣ ଉତ୍ସବରେ ବିଜେତାମାନଙ୍କୁ ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା ।ଏହି ଆୟୋଜନ ଗର୍ବ ଓ ସଫଳତାର ବାର୍ତ୍ତା ସହ ସମାପ୍ତ ହୋଇ, ଯୁବବର୍ଗଙ୍କ ମଧ୍ୟରେ କ୍ରୀଡା, ଶକ୍ତି ଓ ଉତ୍କର୍ଷର ସଂସ୍କୃତିକୁ ପ୍ରୋତ୍ସାହନ ଦେବାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୟାସ ଓ ପ୍ରତିବଦ୍ଧତାକୁ ସୁବିଦିତ କରିଛି ।

## ଏଥର ଆଇପିଏଲରେ ନେତୃତ୍ୱ ନେବେ ଭାରତୀୟ

ନୂଆଦିଲ୍ଲୀ,୨୧।୩(ଏଜେନ୍ସି): ଆଇପିଏଲ୍-୧୯ ତମ ସଂସ୍କରଣ ପାଇଁ ଅବଗଣନା ଆରମ୍ଭ ହୋଇଯାଇଛି । ପ୍ରଶଂସକ ଫ୍ରାଞ୍ଚାଇଜ୍ ଓ ଖେଳାଳିମାନେ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛନ୍ତି । ଏଥର ୧୦ଟି ଦଳର ନେତୃତ୍ୱ ସମସ୍ତ ଭାରତୀୟ ଖେଳାଳି ନେବେ । ଋତୁରାଜ ଗାଏକ୍ୱାର୍ଡ-ଚେନ୍ନାଇ ସୁପରକିଙ୍ଗ୍ସ, ରିଆନ ପରାଗ-ରାଜସ୍ଥାନ ରୟାଲ୍ସ, ଅକ୍ଷର ପଟେଲ-ଦିଲ୍ଲୀ କ୍ୟାପିଟାଲ୍ସ, ଶୁଭମନ ଗିଲ- ଗୁଜରାଟ ଟାଇଟନ୍ସ, ଆଜିଙ୍କ୍ୟ ରାହାଣେ-କୋଲକାତା ନାଇଟରାଇଡର୍ସ, ହାର୍ଦ୍ଦିକ ପାଣ୍ଡ୍ୟା-ମୁମ୍ବାଇ ଇଣ୍ଡିଆନ୍ସ, ରଜତ ପଟିଦାର-ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ଇଶାନ କିଷାନ- ସନରାଇଜର୍ସ ହାଇଦ୍ରାବାଦ, ଶ୍ରେୟାସ ଆୟର-ପଞ୍ଜାବ କିଙ୍ଗ୍ସ ଓ ରିଷଭ ପନ୍ତ-ଲକ୍ଷ୍ନୌ ସୁପରଜ୍ୟାଣ୍ଟସର ନେତୃତ୍ୱ ନେବେ ।

ଶ୍ରେୟାସ, ରଜତ ଓ ହାର୍ଦ୍ଦିକଙ୍କ ନେତୃତ୍ୱରେ ଦଳ ଟାଇଟଲ ହାସଲ କରିଛି । ଆଇପିଏଲ ଇତିହାସରେ ମହେନ୍ଦ୍ର ସିଂ ଧୋନୀ ଓ ରୋହିତ ଶର୍ମା ସବୁଠୁ ସଫଳ ଅଧିନାୟକ ଭାବେ ପରିଗଣିତ ହୁଅନ୍ତି । ସେମାନଙ୍କ ନେତୃତ୍ୱରେ ଚେନ୍ନାଇ ଓ ମୁମ୍ବାଇ ୫ଥର ଲେଖାଏଁ ଟାଇଟଲ ହାସଲ କରିଛନ୍ତି ।

## ଶ୍ରୀଲଙ୍କାର ୩ ଖେଳାଳିଙ୍କୁ ଆଇପିଏଲ ଅନୁମତି

କଲମ୍ବୋ,୨୧।୩(ଏଜେନ୍ସି): ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ପକ୍ଷରୁ ୩ ଜଣ ଖେଳାଳି ଦୁଷ୍ମନ୍ତ ଚାମିରା, ପାଥୁମ ନିଶାଙ୍କ ଓ କାମିନ୍ଦୁ ମେଣ୍ଡିସଙ୍କୁ ଆଇପିଏଲ୍ ଖେଳିବାକୁ ଅନୁମତି ମିଳିଛି । ଏହି ୩ ଖେଳାଳି ଫିଟ୍‌ନେସ ଟେଷ୍ଟରେ ଉତୀର୍ଣ୍ଣ ହେବା ପରେ ସେମାନଙ୍କୁ ବୋର୍ଡ ପକ୍ଷରୁ ଏନଓସି ପ୍ରଦାନ କରାଯାଇଛି । ଚାମିରା ଓ ନିଶାଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳୁଥିବା ବେଳେ ମେଣ୍ଡିସ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳିବେ । ଆଉ ୩ ଖେଳାଳି ମାଥିସା ପୋଥିରାନା, ୱାନିନ୍ଦୁ ହସରଙ୍ଗା, ନୁଆନ ତୁଷାରା ଓ ଏସଆନ ମାଲିଙ୍ଗାଙ୍କ ଶାରୀରିକ ପ୍ରଦର୍ଶନ ପରୀକ୍ଷା ବାକିଥିବାରୁ ସେମାନଙ୍କୁ ଏନଓସି ପ୍ରଦାନ କରାଯାଇଛି ।

## ମ୍ୟାଚ ଫିନିସର



ନୂଆଦିଲ୍ଲୀ,୨୧।୩(ଏଜେନ୍ସି): ଆଇପିଏଲର ୧୯ତମ ସଂସ୍କରଣ ଆଉ ଗୋଟିଏ ସପ୍ତାହର ବ୍ୟବଧାନ ପରେ ଆରମ୍ଭ ହେବ । ଏଥିପାଇଁ ସମସ୍ତ ଫ୍ରାଞ୍ଚାଇଜଙ୍କ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏଥର ୩୧ ଜଣ ମ୍ୟାଚ ଫିନିସରଙ୍କ ଉପରେ ସମସ୍ତଙ୍କ ନଜର ରହିବ । ମୁମ୍ବାଇ ଇଣ୍ଡିଆନ୍ସ ନିକଟରେ ହାର୍ଦ୍ଦିକ ପାଣ୍ଡ୍ୟା, ନମନ ଧୀର, ୱିଲ ଜ୍ୟାକ୍ସ ଥିବା ବେଳେ ଚେନ୍ନାଇ ସୁପରକିଙ୍ଗ୍ସ ପାଖରେ ଏମଏସ ଧୋନୀ, ଶିବମ ଦୁବେ, କାର୍ତ୍ତିକ ଶର୍ମା ଓ ବ୍ରେଭିସ ଅଛନ୍ତି । ଗତ ସଂସ୍କରଣର ଚାମ୍ପିଅନ ବେଙ୍ଗାଲୁରୁ ନିକଟରେ ଟି ମ୍ ଡେଭିଡ, ଜିତେଶ ଶର୍ମା ଓ ରୋମାରିଓ ସେଫର୍ଡଙ୍କ ଭଳି ବଡ଼ ସଟ ମାରୁଥିବା ଖେଳାଳି ଅଛନ୍ତି । ଦିଲ୍ଲୀ କ୍ୟାପିଟାଲ୍ସ ନିକଟରେ ଡେଭିଡ ମିଲର, ସମୀର ରିଜଭି ଓ ଆଶୁତୋଷ ଶର୍ମାଙ୍କ ପରି ମ୍ୟାଚ ଫିନିସର ଅଛନ୍ତି । ଜାସନ ହୋଲ୍ଡର, ରାହୁଲ ତେୱାତିଆ ଓ ଗ୍ଲେନ୍ ଫିଲିପ୍ସଙ୍କୁ ନେଇ ଗୁଜରାଟ ଟାଇଟନ୍ସ ତାର ସ୍ଥିତି ମଜଭୂତ କରିଛି । ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ନିକଟରେ ନିକୋଲାସ ପୁରଣ, ଆୟୁଷ ବଦୋନୀ ଏବଂ ଅବଦୁଲ୍ଲ ସମଦଙ୍କ ପରି ମ୍ୟାଚ ଫିନିସର ଅଛନ୍ତି । କୋଲକାତା ନିକଟରେ ରିଙ୍କୁ ସିଂ, ରମଣଦୀପ ସିଂ ଓ ରିକାର୍ଡୋ ପାୱେଲ ଥିବା ବେଳେ ପଞ୍ଜାବ କିଙ୍ଗ୍ସ ପାଖରେ ଶଶାଙ୍କ ସିଂ, ମାର୍କ୍ରୋସ ଷ୍ଟୋଇନିସ ଓ ମାର୍କୋ ଜନସନଙ୍କ ଭଳି ମ୍ୟାଚ ବିଜେତା ଅଛନ୍ତି । ତେଣୁ ଏମାନଙ୍କ ଉପରେ ଚଳିତ ଆଇପିଏଲରେ ସମସ୍ତଙ୍କ ନଜର ରହିବ ।

## ସନ୍ଦୀପ, ସମୀକ୍ଷା, ତପନଙ୍କୁ ଓସ୍‌ଜା ଦାୟିତ୍ୱ



ଭୁବନେଶ୍ୱର,୨୧।୩(ସବ୍ୟୁ): ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ସାଧାରଣ ପରିଷଦ ବୈଠକ (ଏଜିଏମ୍) ଶନିବାର ଭୁବନେଶ୍ୱରସ୍ଥିତ ଉତ୍କଳ ସାମ୍ବାଦିକ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘର ୨୦୨୫-୨୬ ଆର୍ଥିକ ବର୍ଷର ଆୟବ୍ୟୟ ଉପସ୍ଥାପନ ସହିତ ୨୦୨୬-୨୭ କାର୍ଯ୍ୟ ଖସଡ଼ା ନିର୍ଦ୍ଧାରଣ କରାଯାଇଥିଲା । ଏହି ଅବସରରେ ୨୦୨୬-୨୮ ଦୁଇ ବର୍ଷ ପାଇଁ ଓସ୍ଜାର ନୂଆ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ । ସନ୍ଦୀପ ମିଶ୍ର ସଭାପତି ପଦ ବଜାୟ ରଖିଥିବାବେଳେ ସମୀକ୍ଷା ପଟ୍ଟନାୟକ, ତପନ କୁମାର ସ୍ୱାଇଁ, ସୁରେଶ କୁମାର ସ୍ୱାଇଁ ପ୍ରଥମ ଥର ପାଇଁ କ୍ରମାନ୍ୱୟରେ କାର୍ଯ୍ୟକାରୀ ସଭାପତି, ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି । ଅନ୍ୟ ପଦାଧିକାରୀଙ୍କ ମଧ୍ୟରେ ଉପ-ସଭାପତି ଭାବେ ହିମାଂଶୁପତି ମିଶ୍ର, ସଂଜୀବ ବିଶ୍ୱାଳ, ଦେବୀପ୍ରସନ୍ନ ମହାନ୍ତି ଏବଂ ଯୁଗ୍ମ ସମ୍ପାଦକ ଭାବେ ଦେବାଶିଷ ସୁନ୍ଦରାୟ, ଶୁଭଲକ୍ଷ୍ମୀ ବଳ, ବିମଳ କୁମାର ରାଉଳ ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ କମିଟିରେ କେ. ରବି, ସମ୍ବିତ ମହାପାତ୍ର, ଜ୍ଞାନରଂଜନ ମିଶ୍ର, ଡି. ନିରଂଜନ ରେଡ୍ଡୀ, ଶକ୍ତି ପ୍ରସାଦ ନନ୍ଦ, ବେଣୁଧର ଦାସ, ତୁଷାର କୁମାର ସେନାପତି ସ୍ଥାନ ପାଇଛନ୍ତି । ସନ୍ଦୀପ ମିଶ୍ରଙ୍କ ପୌରୋହିତ୍ୟ କରିଥିବାବେଳେ ସମୀକ୍ଷା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।


ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ରୀଡ଼ାଲି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


## ନୂଆ ସିଜନରେ ୬ଟି ମ୍ୟାଚ ଖେଳିବେ ରୋକୋ




ନୂଆଦିଲ୍ଲୀ,୨୧।୩(ଏଜେନ୍ସି): ଆଇପିଏଲର ୧୯ତମ ସଂସ୍କରଣ ଚଳିତ ମାସ ୨୮ରୁ ଆରମ୍ଭ ହେବାକୁଯାଉଛି । ପ୍ରଥମ ମ୍ୟାଚରେ ସମସ୍ତଙ୍କ ନଜର ଗତଥର ବିଜେତା ଦଳ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଉପରେ ରହିବ । ଆଇପିଏଲ ଆରମ୍ଭ ହେବା ପୂର୍ବରୁ ଭାରତୀୟ ଦଳ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ବିସିସିଆଇ ଏକ ଶୃଙ୍ଖଳା ସୂଚୀ ପ୍ରକାଶ କରିବା ପରେ ଚର୍ଚ୍ଚା ବଢ଼ିଛି । ଟିମ୍ ଇଣ୍ଡିଆ ଆୟର୍ଲାଣ୍ଡ ଗସ୍ତରେ କେବଳ ଦୁଇଟି ଟି-୨୦ ମ୍ୟାଚ ଖେଳିବ । ଆଇପିଏଲ ପରେ ଭାରତ କ୍ରମାଗତ ଭାବେ ଆକସନରେ ରହିବ । ଆଫଗାନିସ୍ତାନ, ଆୟର୍ଲାଣ୍ଡ ଓ ତା ପରେ ଇଂଲଣ୍ଡ ବିପକ୍ଷରେ ଭାରତ ଶୃଙ୍ଖଳା ଖେଳିବ । ତେବେ ସଭିଙ୍କ ନଜର ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ ରହିବ । ରୋହିତ ଓ କୋହଲି (ରୋକୋ) ଟି-୨୦ ଫର୍ମାଟରୁ ଅବସର ନେଇସାରିଛନ୍ତି । ତେଣୁ ସେମାନେ କେବଳ ଦିନିକିଆରେ ହିଁ ନଜର ଆସିବେ । ତେଣୁ ଆଫଗାନିସ୍ତାନ ସହିତ ଖେଳାଯିବାକୁଥିବା ୩ଟି ଦିନିକିଆ ମ୍ୟାଚରେ ରୋହିତ ଓ କୋହଲିଙ୍କୁ ଦେଖିବାକୁ ମିଳିବ । ଜୁନ୍ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଭାରତ-ଆଫଗାନିସ୍ତାନ ଶୃଙ୍ଖଳା ହେବ । ଏହାପରେ ଭାରତୀୟ ଦଳ ଇଂଲଣ୍ଡ ଯାତ୍ରା କରିବ । ଏହି ଗସ୍ତରେ ଭାରତୀୟ ଦଳ ୫ଟି ଟି-୨୦ ଓ ୩ଟି ଦିନିକିଆ ଖେଳିବ । ଜୁଲାଇ ୧ରୁ ୧୯ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡ ସହ ଏହି ଶୃଙ୍ଖଳା ଖେଳିବ ଭାରତ । ଏଦୃଷ୍ଟିରୁ ଆଇପିଏଲ୍ ଶେଷ ହେବା ପରେ ଭାରତୀୟ ଦଳର ସୂଚୀ ବ୍ୟସ୍ତବହୁଳ ରହିବ । ଆଗାମୀ ୩ଟି ସିରିଜରେ ବିରାଟ କୋହଲି ଏବଂ ରୋହିତ ଶର୍ମା ୬ଟି ଦିନିକିଆ ମ୍ୟାଚ ଖେଳିବ ।

## ଆଇପିଏଲରେ ୪୦୦ରୁ ଊର୍ଦ୍ଧ୍ୱ ରନ୍ କରିଥିବା ତାରକା

ନୂଆଦିଲ୍ଲୀ,୨୧।୩(ଏଜେନ୍ସି): ଆଇପିଏଲକୁ ନେଇ ଦର୍ଶକଙ୍କ ଉତ୍କଣ୍ଠା ବଢ଼ିବାରେ ଲାଗିଛି । ମାର୍ଚ୍ଚ ୨୮ରେ ଆରସିବି ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଉଦଘାଟନୀ ମ୍ୟାଚ ଖେଳାଯିବ । ଆଇପିଏଲର ୧୯ତମ ସିଜନ ପୂର୍ବରୁ କେଉଁ ଖେଳାଳି ସର୍ବାଧିକଥର ୪୦୦ରୁ ଊର୍ଦ୍ଧ୍ୱ କରିଛନ୍ତି ସେ ସମ୍ପର୍କରେ ଜାଣିବା । ଏହି ତାଲିକାରେ ଆରସିବିର ତାରକା ଖେଳାଳି ବିରାଟ କୋହଲି ସବୁଠୁ ଆଗରେ ଅଛନ୍ତି । ସେ ୧୧ଥର ବ୍ୟକ୍ତିଗତ ଭାବେ ଗୋଟିଏ ସିଜନରେ ୪୦୦ ଊର୍ଦ୍ଧ୍ୱ କରିଛନ୍ତି । ତାଙ୍କ ତଳକୁ ସୁରେଶ ରାଇନା, ରୋହିତ ଶର୍ମା, ଶିଖର ଧାୱନ ଓ ଡେଭିଡ ୱାର୍ଣ୍ଣର ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଏମାନେ ସମସ୍ତେ ୯ଥର ଲେଖାଏଁ ସଫଳତା ହାସଲ କରିଛନ୍ତି । ଲୋକେଶ ରାହୁଲ ୭ଥର, ଏବି ଡିଭିଲିୟର୍ସ, ଶ୍ରେୟାସ ଆୟର, ରୋହିତ ଶର୍ମା ଓ ଶୁଭମନ ଗିଲ ୬ଥର ଲେଖାଏଁ ୪୦୦ରୁ ଊର୍ଦ୍ଧ୍ୱ ରନ୍ କରିଛନ୍ତି । ପୁନର୍ବାର ଏମାନଙ୍କ ଠାରୁ ଜମାଣିଆ ପ୍ରଦର୍ଶନ ଆଶା କରାଯାଉଛି ।


ସମୟ
ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି